

ଇରାନରେ ନେତୃତ୍ୱ ପରିବର୍ତ୍ତନ ଜରୁରୀ: ଟ୍ରମ୍ପ

ପୃଷ୍ଠା ୪

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 297 | ଭାଗ ୩୩ | ସଂଖ୍ୟା ୨୯୭

Monday 19 January 2026 | Page 8 Rs. 5.00

ଭୁବନେଶ୍ୱର ସୋମବାର ୧୯ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ୨.୬୩ କୋଟି ଟଙ୍କା, ଦାମୀ ଗାଡ଼ି ଜବତ





## ବେଆଇନ ବାଲି ଓ ଖଣି ମାଫିଆଙ୍କ ଠିକଣାରେ ଇଡି ଚଢ଼ାଉ

- ୨୫ଟି ସ୍ଥାନରେ ଏକକାଳୀନ ଘଣ୍ଟାଚକଟା
- ମାଫିଆଙ୍କ ବିରୋଧରେ ସଙ୍ଗିନ ମାମଲା ବି ରହିଛି

**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ବେଆଇନ ବାଲି ଚାଲାଣ ଓ କଳାପଥର ଖନନରୁ କୋଟି କୋଟି ଟଙ୍କା ଠୁଳ କରିଥିବା ଅଭିଯୋଗରେ କେତେକ ମାଫିଆଙ୍କ ବାସଭବନ ଓ ସେମାନଙ୍କ ସହ ଜଡ଼ିତ ପାଖାପାଖି ୨୫ଟି ସ୍ଥାନରେ ଗତ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୁବନେଶ୍ୱର ଜୋନାଲ ଅଫିସ୍ ପକ୍ଷରୁ ଚଢ଼ାଉ ଜାରି ରହିଥିଲା। ଆଜି ଏନେଇ ଇଡି ପକ୍ଷରୁ ସବିଶେଷ ସୂଚନା ଦିଆଯାଇଛି। ପିଏମ୍ଏଲ୍ଏ, ୨୦୦୨ର ବ୍ୟବସ୍ଥା ଅନୁଯାୟୀ ଏହି ଚଢ଼ାଉ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କ ଘରୁ ମୋଟ ୨ କୋଟି ୬୩ ଲକ୍ଷ ଟଙ୍କା ଜବତ ହୋଇଛି। ଏଥିସହ କେତେକ ଆପତ୍ତିଜନକ କାଗଜପତ୍ରକୁ ମଧ ଇଡି ଅଧିକାରୀମାନେ ଜବତ କରିଛନ୍ତି। ତା'ଛଡ଼ା କେତେକ ଦାମୀ ବେନାମୀ ଚାରିଚକିଆ ମଧ ଜବତ ହୋଇଛି। ଏହି ପୃଷ୍ଠା-୬

## ଘୁମୁରା ମହୋତ୍ସବ-୨୦୨୬ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# କଳାହାଣ୍ଡି-ନବରଙ୍ଗପୁରରେ 'କପା ଉତ୍ପାଦନ କ୍ଲଷ୍ଟର୍'

- କଳାହାଣ୍ଡି ଜିଲ୍ଲାକୁ ୮୯୧.୩୯ କୋଟିର ପ୍ରକଳ୍ପ ଭେଟି
- ଦେଢ଼ ବର୍ଷରେ ମିଳିଛି ୧୫୦୦ କୋଟିର ପ୍ରକଳ୍ପ
- ଖୁବ୍‌ଶୀଘ୍ର 'ଉତେଇ ରାଉଳ ଜଳସେଚନ ପ୍ରକଳ୍ପ' କାମ
- କଳାହାଣ୍ଡି-ନବରଙ୍ଗପୁର ହେବ 'କପା ଉତ୍ପାଦନ କ୍ଲଷ୍ଟର୍'
- ଭବାନୀପାଟଣାକୁ ଯିବ ଜନଶୁଣାଣି କାର୍ଯ୍ୟକ୍ରମ
- ରାଜ୍ୟରେ ୧ ନମ୍ବର ହେବ କଳାହାଣ୍ଡି



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଓଡ଼ିଶାର ସବୁଠାରୁ ସମୃଦ୍ଧ ସାଂସ୍କୃତିକ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ଏହି ଜିଲ୍ଲାର ପ୍ରତି କୋଣଅନୁକୋଣରେ ଭାବନା, ସାହସ, ସ୍ଥିରତା ଓ ଆତ୍ମସମ୍ମାନ ଭରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି କଳାହାଣ୍ଡି ଘୁମୁରା ମହୋତ୍ସବ-୨୦୨୬ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଜିଲ୍ଲାକୁ ୮୯୧.୩୯ କୋଟିର ପ୍ରକଳ୍ପ ଭେଟି ଦେଇଛନ୍ତି। ଏହି ଟଙ୍କାରେ ଜିଲ୍ଲାରେ ୩୬୧୨ଟି ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିରେ ୧୯୩.୩୬ କୋଟି ଟଙ୍କାର ୯୭୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୬୯୮.୩ କୋଟି ମୂଲ୍ୟର ୨୬୪୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଗତବର୍ଷ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୬୨୦ କୋଟି ଟଙ୍କାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅର୍ଥାତ୍ ଗତ ଦେଢ଼ ବର୍ଷ ମଧ୍ୟରେ ଜିଲ୍ଲାରେ ୧୫୦୦ କୋଟିରୁ ଅଧିକ ମୂଲ୍ୟର ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏହିସବୁ ପ୍ରକଳ୍ପ କଳାହାଣ୍ଡିର ବିକାଶକୁ ଆହୁରି ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ପୃଷ୍ଠା-୬

# ବିଜେଡି ତଣ୍ଟିରେ ଏବେ ଅରବିନ୍ଦ କଣ୍ଟା

## ଦୁଇ ଦିନରେ ୪ ପ୍ରକାର ବାହାନା
## ଖୋଜା ଚାଲିଛି ବଳି ବୋଦା



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ବିଜେଡିରୁ ନିଲମ୍ବିତ ହୋଇଥିବା ଯୁବ ବିଧାୟକ ଅରବିନ୍ଦ ମହାପାତ୍ର ଏବେ ଖୋଦ୍ ବିଜେଡି ତଣ୍ଟିରେ କଣ୍ଟା ଭଳି ଲାଗିଛନ୍ତି। ଏହି କଣ୍ଟାକୁ ବାହାର କରିବାପାଇଁ ବିଜେଡି ମୁଖପାତ୍ରମାନେ ଦୁଇ ଦିନରେ ୪ ପ୍ରକାର ବାହାନା ଦେଖାଇଥିଲେ ମଧ କଣ୍ଟା ବାହାରିପାରୁ ନାହିଁ। ଏହି କଣ୍ଟା ବାହାର କରିବାପାଇଁ ଏବେ ବଳି ବୋଦା ଖୋଜା ଚାଲିଥିବା ଆଲୋଚନା ହେଉଛି।

ବିଜେଡିର ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ନିଲମ୍ବନ କରିବା ସହିତ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ ତୁରନ୍ତ ବିଧାନସଭାକୁ ଅବଗତ କରିଥିଲେ। ତେବେ ନିଲମ୍ବନ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ସହିତ ସାରା ରାଜ୍ୟରେ ଏହି ଖବର ବିଜୁଳି ବେଗରେ ବ୍ୟାପିଗଲା। ନିଲମ୍ବିତ ଦୁଇ ବିଧାୟକ ରାଜଧାନୀରେ ନଥିବାବେଳେ ଗଣମାଧ୍ୟମ ସେମାନଙ୍କୁ କିଛି ସମୟପରେ ଠାବ କରିଥିଲା। ତେବେ ବିଧାୟକମାନେ ନିଜ ଆଡୁ କିଛି କହିବା ପୂର୍ବରୁ ବିଜେଡିର ଜଣେ ମୁଖପାତ୍ର ଗଣମାଧ୍ୟମକୁ କହିଥିଲେ ଯେ ଦଳରେ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକଙ୍କର ସ୍ଥାନ ନାହିଁ। ଏହି କଥା ଶୁଣିବାପରେ ଦୁଇ ବିଧାୟକ ତୁରନ୍ତ ଏହାକୁ ଖଣ୍ଡନ କରିଥିଲେ। ପ୍ରଥମଥର ବିଧାନସଭାକୁ ଆସିଥିବା ଯୁବ ବିଧାୟକ ଅରବିନ୍ଦ ଆଶ୍ଚର୍ଯ୍ୟ ହେବା ସହିତ ତୁରନ୍ତ ଏଭଳି ଅଭିଯୋଗର ପ୍ରମାଣ ମାଗିଥିଲେ ଓ ନବୀନଙ୍କୁ ଭେଟି ଆଲୋଚନା କରିବେ ବୋଲି କହିଥିଲେ। ସନାତନ କିନ୍ତୁ କେବଳ ଅଭିଯୋଗକୁ ଖଣ୍ଡନ କରିଥିଲେ। ତେବେ ନିଲମ୍ବନର କିଛିଦିନ ପୂର୍ବରୁ ସନାତନ ନିଜ ଦଳ ଅର୍ଥାତ୍ ବିଜେଡି ଶାସନ ବିରୋଧରେ ବିଷ ଓଗାଳିଥିବାରୁ ତାଙ୍କର ନିଲମ୍ବନ ଏହାର ପରିଣାମ ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା।

କିନ୍ତୁ ଅରବିନ୍ଦଙ୍କ ନିଲମ୍ବନର କାରଣ ଖୋଜା ଆଲୋଚନା ଜୋର ଧରିଥିଲା। ସାଧାରଣରେ ଆକ୍ରୋଷ ବଢ଼ୁଥିବା ଓ ଅରବିନ୍ଦ ବାରମ୍ବାର ପ୍ରମାଣ ମାଗୁଥିବା ଦେଖି ବିଜେଡି ମୁଖପାତ୍ର ପୃଷ୍ଠା-୬

# ୨୩ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

## କଟକରେ ରହିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**କଟକ,୧୮।୧(ସଂଚାର ବ୍ୟୁରୋ):** କଟକ ଆସିବେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍। ଆସନ୍ତା ୨୩ ତାରିଖରେ କଟକରେ ଅନୁଷ୍ଠିତ ହେବାକୁ ଥିବା ନେତାଜୀଙ୍କ ଜନ୍ମ ଜୟନ୍ତୀ ଉତ୍ସବରେ ସାମିଲ ହେବେ। ଏଥିସକାଶେ ଉପରାଷ୍ଟ୍ରପତି ତାଙ୍କ ସହମତି ଦେଇସାରିଛନ୍ତି। ଉକ୍ତ ଉତ୍ସବରେ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀ ଆୟୋଜିତ ହେବ ବୋଲି ଆଜି ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ଆଗମନ ପାଇଁ ରାଜ୍ୟ ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଧ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। କଟକ ଜିଲ୍ଲାପାଳ ସମସ୍ତ ପ୍ରସ୍ତୁତିର ତଦାରଖ ବି କରୁଛନ୍ତି।

# ଜମିଜମା ବିବାଦରୁ ଫୁଟିଲା ଗୁଳି: ୧୦ ଗିରଫ

## ଅସ୍ତ୍ରଶସ୍ତ୍ର, ମୋବାଇଲ୍ ଓ ଥାର୍ ଜବତ

**ବାରଙ୍ଗ,୧୮।୧(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଦିନଦ୍ୱିପ୍ରହରରେ ଭୁବନେଶ୍ୱର ଉପକଣ୍ଠସ୍ଥିତ ବାରଙ୍ଗଠାରେ ଫୁଟିଛି ଗୁଳି। ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟସ୍ଥ କୁସିନ୍ଦା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ହିଂସାକାଣ୍ଡ ଘଟିଥିବା ବେଳେ ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚାଳନା କରିଛନ୍ତି। ଏହି ମାମଲାରେ ସ୍ଥାନୀୟ ପୁଲିସ୍ ୧୦ ଜଣଙ୍କୁ ଗିରଫ କରିଛି। ଦୁର୍ବୃତ୍ତମାନେ ଏକାଧିକ ଦାମୀ ଗାଡ଼ିରେ ଆସି ଗୁଳି ଫୁଟାଇବା ସହ ଆତଙ୍କର ମାହୋଲ୍ ସୃଷ୍ଟି କରିଥିଲେ। ଫଳତଃ କିଛି ସମୟ ଉକ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଛନକା ଖେଳିଯାଇଥିଲା।



ମିଳିଥିବା ସୂଚନାନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ତ୍ରିଶୂଳିଆ ଛକ କୁସିନ୍ଦା ଗ୍ରାମ ନିକଟରେ ତ୍ରିଲୋଚନ ପ୍ରଧାନ (୩୯)ଙ୍କ ଏକ ବିଲଡର ପ୍ରୋଜେକ୍ଟରେ କାମ ଚାଲୁଥିବା ଅବସ୍ଥାରେ ହଠାତ୍ ସେଠାରେ ଏକ କଳା ରଙ୍ଗର ଏସ୍‌ୟୁଭି ଥାର୍ ପୃଷ୍ଠା-୬

## ରାଜ୍ୟରେ ବାୟୋଟେକ୍ନୋଲୋଜିର ବିକାଶ ଯୋଜନା

# ପ୍ରତିଷ୍ଠା ହେବ ସେଣ୍ଟର ଅଫ ଏକ୍ସିଲେନ୍ସ




**ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବେ ସରକାର**

**ଭୁବନେଶ୍ୱର,୧୮।୧ (ସଂଚାର ବ୍ୟୁରୋ):** ରାଜ୍ୟରେ ବାୟୋଟେକ୍ନୋଲୋଜି ବିଦ୍ୟାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗରେ ବାୟୋଟେକ୍ନୋଲୋଜି ସମ୍ପର୍କିତ ସେଣ୍ଟର ଅଫ ଏକ୍ସିଲେନ୍ସ ପ୍ରତିଷ୍ଠା କରାଯିବ। ଏନେଇ ଆଗ୍ରହୀ ଅନୁଷ୍ଠାନ ଓ ଉଦ୍ୟୋଗୀଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରିଛି ବିଜ୍ଞାନ ଓ କାରିଗରୀ ବିଭାଗ।

ରାଜ୍ୟର ପ୍ରତିଷ୍ଠିତ ଉଭୟ ସରକାରୀ ଓ ଘରୋଇ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ବାୟୋଟେକ୍ନୋଲୋଜି ରିସର୍ଚ୍ଚ କିମ୍ବା ପାଠ୍ୟକ୍ରମ ସହ ଜଡିତ ଅନୁଷ୍ଠାନଗୁଡିକ ଏହି ସେଣ୍ଟର ଅଫ ଏକ୍ସିଲେନ୍ସ ପାଇଁ ଆବେଦନ କରିପାରିବେ। ବାର୍ଷିକ ଦୁଇଟି ଅନୁଷ୍ଠାନକୁ ବିଭାଗ ତରଫରୁ ସରକାରୀ ସହାୟତା ପ୍ରଦାନ କରାଯିବ। ସେଣ୍ଟର ଅଫ ଏକ୍ସିଲେନ୍ସ ପାଇଁ ଅନୁଷ୍ଠାନ ଚୟନ କରିବାକୁ ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ବାୟୋଟେକ୍ନୋଲୋଜି ନିର୍ଦ୍ଦେଶକ ଏହି କମିଟିର ଅଧକ୍ଷ ରହିବେ। ବିଜ୍ଞାନ ଓ କାରିଗରୀ ବିଭାଗର ଅଧିକାରୀ, ବାୟୋଟେକ୍ନୋଲୋଜି ବିଶେଷଜ୍ଞଙ୍କୁ କମିଟି ସଦସ୍ୟ ଭାବେ ଗ୍ରହଣ କରାଯିବ। ବାୟୋଟେକ୍ନୋଲୋଜି ବିଭାଗର ବୈଷୟିକ ଉପନିର୍ଦ୍ଦେଶକ କମିଟିର ଆବାହକ ସଦସ୍ୟ ରହିବେ।

ପ୍ରସ୍ତାବ କମିଟିର ମଂଜୁରୀ ପାଇବା ପରେ ରାଜ୍ୟ ସରକାର ୫ ବର୍ଷ ମଧ୍ୟରେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପୃଷ୍ଠା-୬

## ବିଏମ୍‌ସିର ଅଜବ ନୀତି: ସର୍ବନିମ୍ନ ସେବା ପାଇଁ ଟଙ୍କା ନାହିଁ

# ମଉଜରେ ଉଡୁଛି ଲକ୍ଷ ଲକ୍ଷ ଟଙ୍କା

- ପଥ ଉତ୍ସବରେ ମନଇଚ୍ଛା ଖର୍ଚ୍ଚ ହେଉଛି
- ମନମୁଖୀ ଶାସନରେ ଅଙ୍କୁଶ କେବେ?



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱରବାସୀଙ୍କୁ ଏକ ସୁସ୍ଥ, ସ୍ୱଚ୍ଛ ଓ ସୁରକ୍ଷିତ ସହର ଯୋଗାଇଦେବା ହେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପ୍ରଥମ ଲକ୍ଷ୍ୟ। କିନ୍ତୁ ରାଜଧାନୀବାସୀ ଏସବୁ ସେବା ଯୋଗାଦେବାରେ ଏଯାଏଁ ବିଏମସି ସଫଳ ହୋଇପାରିନାହିଁ। ବରଂ ସେବା ପାଇଁ ଲୋକଙ୍କଠାରୁ ଆଇନଗତ ବାଧବାଧକତା ଦର୍ଶାଇ ବଳପୂର୍ବକ ବିଭିନ୍ନ ଟିକସ ଆଦାୟ କରାଯାଉଛି। ଏପରିକି ଏବେ ଅଳିଆ ଉଠାଇବାକୁ ମଧ ୟୁଜର୍ସ ଫି' ନେବାକୁ ପୂର୍ବରୁ ବିଏମସି ଘୋଷଣା କରିସାରିଛି। ଏହାଦ୍ୱାରା ନିଗମ ନିଜର ଆଇନଗତ ଦାୟିତ୍ୱକୁ ଲୋକଙ୍କ ଉପରେ ଉତ୍ତରଦାୟିତ୍ୱ ନାଁରେ ଲଦି ଦେଉଛି। ଆଜ ଦେଖାଉଛି କ'ଣନା ନିଗମ ନିକଟରେ ଆବଶ୍ୟକ ପରିମାଣର ଅର୍ଥ ନାହିଁ। ହେଲେ ପଥଉତ୍ସବ ପାଇଁ ପ୍ରତି ରବିବାର ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଉଡାଇଦେବାକୁ ଅର୍ଥର ଆଭାବ ନାହିଁ। ବିଏମସିର ଏଭଳି ଅଜବ ନୀତିକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ସହରରେ ରହୁଥିବା ଲୋକେ ପାଣି ପାଇଁ ଟିକସ, ରାସ୍ତାରେ ସରକାର ଲାଇଟ ଲଗାଇବେ ସେଥିପାଇଁ ଲୋକେ ଦେବେ ଟିକସ, ଘର କରି ରହିଲେ ଦେବେ ହୋଲ୍ଡିଂ ଟକସ, ମଇଳା ପାଣି ଯିବାକୁ ସ୍ୱେରେଜ ପାଇଁ ଦେବେ ଟିକସ, ଶେଷରେ ଏବେ ଅଳିଆ ପୃଷ୍ଠା-୬

## ରାଉରକେଲା ବିମାନ ଦୁର୍ଘଟଣା ମାମଲା

# ମୃତକଙ୍କ ପରିବାର ସଦସ୍ୟଙ୍କୁ ମିଳିବ ଚାକିରି

## ୫ ମାସର ଖର୍ଚ୍ଚ ବହନ କରିବ ସଂସ୍ଥା

**ରାଉରକେଲା,୧୮।୧(ସଂଚାର ବ୍ୟୁରୋ):** ଗତ ୧୦ ତାରିଖରେ ରାଉରକେଲାରେ ଘଟିଥିବା ବିମାନ ଦୁର୍ଘଟଣାରେ ମୋଟ ୬ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ସୁଶାନ୍ତ କୁମାର ବିଶ୍ୱାଳଙ୍କର ମୃତ୍ୟୁ ହୋଇଥିଲା। ତେବେ ଏହି ମାମଲାରେ ଆଜି ଉକ୍ତ ବିମାନ ଚଳାଚଳ ସଂସ୍ଥା ଇଣ୍ଡିଆୱାନ୍ ଏୟାର୍ ପକ୍ଷରୁ ତାଙ୍କ ପରିବାର ସକାଶେ ସହାୟତା ଘୋଷଣା କରାଯାଇଛି। କମ୍ପାନୀର ସିଇଓ ପ୍ରେମ କୁମାର ଗର୍ଗ ଏହି ସହାୟତା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ମୃତ ସୁଶାନ୍ତଙ୍କ ପରିବାରର ଜଣଙ୍କୁ ଇଣ୍ଡିଆ ୱାନ୍ ଏୟାରରେ ଚାକିରି ଦିଆଯିବ। ତା'ଛଡ଼ା ପରିବାରର ଆଗାମୀ ୫ ମାସର ସମସ୍ତ ଖର୍ଚ୍ଚ ମଧ ଉକ୍ତ ପୃଷ୍ଠା-୬

# ଉତ୍ତର-ଭୁବନେଶ୍ୱର ଉପରେ ଶ୍ରୀମୟୀଙ୍କ ଆଖି

## ପିକନିକ୍ ନାଁରେ ଚାଲିଛି କ୍ଷେତ୍ର ପ୍ରସ୍ତୁତି



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ରାଜ୍ୟରେ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ ହେବ। ଏଥିସହ ବିଧାନସଭା ଆସନ ସଂଖ୍ୟା ୧୪୭ରୁ ୨୦୦କୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବିଭିନ୍ନ ନିର୍ବାଚନମଣ୍ଡଳୀର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଧାନସଭା ଆସନଗୁଡିକୁ କାଣ୍ଟଛାଣ୍ଟ କରାଯିବ। ଏହି ପ୍ରକ୍ରିୟାରେ ଉତ୍ତର-ଭୁବନେଶ୍ୱର ଭୋଟର ସଂଖ୍ୟା ଅଢେଇ ଲକ୍ଷରୁ ଅଧିକ ଥିବାରୁ ଏହି ବିଧାନସଭା କ୍ଷେତ୍ରକୁ ଭାଙ୍ଗି ଆଉ ଏକ ନିର୍ବାଚନମଣ୍ଡଳୀ କରାଯିବାର ସମ୍ଭାବନା ରହିଛି। ଏହି ଆକଳନ କରି ବିଜେଡିରୁ ଅଲୋଡା ହୋଇପଡିଥିବା ଶ୍ରୀମୟୀ ମିଶ୍ର ଏବେ ଉତ୍ତର ଭୁବନେଶ୍ୱରରେ ନିଜ ସଂଗଠନ ଗଢ଼ିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।

ନୂଆବର୍ଷ ପିକନିକ ନାଁରେ ସେ ଉତ୍ତର ଭୁବନେଶ୍ୱରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଛନ୍ତି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ତାଙ୍କ ସହ ଅନେକ ଯୁବ ନେତା, କର୍ମୀଙ୍କୁ ଦେଖିବାକୁ ମିଳିଥିଲା। ପୃଷ୍ଠା-୬

# ଚତୁର୍ଥ ଆସନରୁ ପ୍ରାର୍ଥୀ ହେବେ ଦିଲ୍ଲୀପ ରାୟ



- ଶ୍ରେୟ ଲଢ଼େଇରେ ବିଜୟଙ୍କୁ ଟାର୍ଗେଟ୍
- କଂଗ୍ରେସ ବି କରିବ ସହଯୋଗ

**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଆସନ୍ତା ଏପ୍ରିଲରେ ହେବାକୁ ଯାଉଥିବା ୪ଟି ରାଜ୍ୟସଭା ଆସନ ପାଇଁ ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ ଅଙ୍କକଷା ଚାଲିଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଚତୁର୍ଥ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବା ଏକ ପ୍ରକାର ନିଶ୍ଚିତ। ଦିଲ୍ଲୀପ ଲଢ଼ିଲେ ତାଙ୍କୁ ବିଜେପି ସମେତ ବିଜେଡି ଓ କଂଗ୍ରେସର ବହୁ ବିଧାୟକ ସମର୍ଥନ ଦେବେ। ତେବେ ଏହାର ଶ୍ରେୟ କାଳେ ବିଜୟ ମହାପାତ୍ର ନେଇଯିବେ ସେଥିପାଇଁ ତାଙ୍କୁ ଟାର୍ଗେଟ କରାଯାଇଥିବା ଆଲୋଚନା ହେଉଛି।

ଆସନ୍ତା ରାଜ୍ୟସଭା ନିର୍ବାଚନରେ ଓଡିଶାର ୪ଟି ଆସନ ପାଇଁ ଭୋଟ ଗ୍ରହଣ ହେବ। ବିଧାନସଭାର ସଂଖ୍ୟା ଗଣିତ ଅନୁଯାୟୀ ବିଜେପି ୨ଟି ଓ ବିଜେଡି ୧ଟି ଆସନରେ ନିଜର ପ୍ରାର୍ଥୀଙ୍କୁ ଜିତାଇବାରେ ସକ୍ଷମ ହେବ। ତେବେ ଚତୁର୍ଥ ପ୍ରାର୍ଥୀଙ୍କୁ ଜିତାଇବାକୁ ହେଲେ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରୁ ଯେକୌଣସି ଦୁଇ ଦଳ ମଧ୍ୟରେ ସହମତି ହେବା ନିହାତି ଆବଶ୍ୟକ। ତେବେ ବର୍ତ୍ତମାନ ରାଜନୈତିକ ପାଣିପାଗ ଦୃଷ୍ଟିରୁ କେହି କାହାରି ସହିତ ଖୋଲାଖୋଲି ହାତ ମିଳାଇ ନିଜର କ୍ଷତି କରିବାକୁ ଚାହୁଁ ନାହାନ୍ତି। ତେଣୁ ଏଭଳି ସ୍ଥିତିରେ ତିନି ଦଳ ଜଣେ ଏଭଳି ନେତାଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଛନ୍ତି ଯାହାଙ୍କର ସବୁ ଦଳର ବିଧାୟକଙ୍କ ସହିତ ସୁସମ୍ପର୍କ ରହିଥିବ।

ଏହି ଆଲୋଚନା ଚାଲିଥିବାବେଳେ ରାଜ୍ୟସଭା ପ୍ରାର୍ଥୀ ଦୌଡରେ ଏବେ ସବୁଠାରୁ ଆଗରେ ରହିଛି ଦିଲ୍ଲୀପ ରାୟଙ୍କ ନାଁ। ଦିଲ୍ଲୀପଙ୍କର ବିଜେପି, ବିଜେଡି ଓ କଂଗ୍ରେସ ଶିବିରରେ ଉତ୍ତମ ସମ୍ପର୍କ ରହିଛି। ଅତୀତରେ ନବୀନଙ୍କୁ ଚକ୍କା ଦେଇ କ୍ରସ ଭୋଟିଂ କରାଇ ଦିଲ୍ଲୀପ ରାଜ୍ୟସଭା ନିର୍ବାଚନ ଜିଣିଥିବାର ଇତିହାସ ରହିଛି। ତେଣୁ ଏଥର ପ୍ରାର୍ଥୀ ହେଲେ ଦିଲ୍ଲୀପ ନିଶ୍ଚିତ ବିଜୟୀ ହେବେବୋଲି ସମସ୍ତେ ଆଲୋଚନା କରୁଛନ୍ତି।

ତେବେ ଦିଲ୍ଲୀପଙ୍କ ସହ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଘନିଷ୍ଠତା ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଡେଙ୍ଗୁ ଜ୍ୱର



ରଶ୍ମୀ ସାମଲ

ଭୁବନେଶ୍ୱରର ଏକ ଘରୋଇ ଇଂଜିନିୟରିଂ କଲେଜରେ ପଢୁଥିଲା ରିତା, ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ, ନାଲି କ୍ରପ ଟପ୍ ସାଙ୍ଗକୁ ଜିନ୍ସ, ପାଦରେ ହାଇ ହିଲ ଓ ଗୋରା ମୁଁହରେ ଲିପ୍‌ଷ୍ଟିକ ଲଗେଇ ବାହାରକୁ ବାହାରି ପଡ଼ିଲେ ସୁନ୍ଦରତା ତା'ର ଯେପରି ଦ୍ୱିଗୁଣିତ ହୋଇଯାଏ, ଯେ କେହି ବି ନଜର ପକେଇ ଦେବ। ସେ ଦିନ ଝିପିଝିପି ବର୍ଷାରେ କଲେଜରୁ ଫେରିବା ସମୟରେ ଭିଜିଯାଇଥିଲା ରିତା। ଦୁଇଦିନ ପରେ

ରିତାକୁ ପ୍ରବଳ ଜ୍ୱର ଆସିଗଲା, ଦେହ ଖାଲି ତାତିରେ ଯେପରି କମ୍ପୁଥାଏ, ଧାନ ପଡ଼ିଲେ ଖଇ ଫୁଟିଯିବ କି। ବିଛଣାରୁ ଉଠି ନ ପାରିବାରୁ ସାଙ୍ଗ ହାତରେ ମେଡିସିନ ଓ ପାଉଁରୁଟି ମଗାଇ ଦେଇଥିଲା ,ଇଛା ହେଉନଥାଏ ତଥାପି ସେତକ ଜବରଦସ୍ତ ଖାଇଦେଲା, ମେଡିସିନ ଖାଇବାସତ୍ତ୍ୱେ କାହିଁକି ଜରଟା କମିଲା ଭଳି ଲାଗୁନଥାଏ। ମାଆକୁ ତା'ର ଫୋନ କଲା। ଦେହ ଖରାପ ବିଷୟରେ ସବୁକିଛି ଅବଗତ କରାଇଲା। ବିଚରା ମା' କିଛି ଉପାୟ ନ ପାଇ ଝିଅକୁ କହିଲା ବାପାଙ୍କର ତ ବାରଆଡ଼େ ତେର କାମ, ସାନ ଭାଇର ସ୍କୁଲ ଅଛି, ତାକୁ କାହା ପାଖରେ ଛାଡ଼ି ଯିବି, ତୁ ଗୋଟେ କାମ କର ଘରକୁ ଚାଲି ଆସେ। ରିତା ମଧ ମା' କଥା ମାନି ପରଦିନ ସକାଳ ବସରେ ଘରକୁ ବାହାରି ପଡ଼ିଲା। ମୁଣ୍ଡଟା ସେମିତି ବିନ୍ଧି ଫଟାଇ ଦେଉଥାଏ। କ'ଣ ଆଉ କରିବ ବାମ୍ ଲଗାଇ ଲଗାଇ ବାଟସାରା ଯାଇ କଣ୍ଟିପଡ଼ା ଗାଁରେ ତା'ର ପହଞ୍ଚି ଗଲା। ପ୍ରାୟେ ସାଢ଼େ ପାଞ୍ଚ ଘଣ୍ଟା ଲାଗିଗଲା ତାକୁ। ସେଠାରେ ଯାଇ ପାଖ ମେଡ଼ିକାଲରେ ଡାକ୍ତରଙ୍କ ପରାମର୍ଶରେ ସବୁ ବ୍ଲଡ଼ ଟେଷ୍ଟ କରିବାରୁ ଡେଙ୍ଗୁ ପଜିଟିଭ ବାହାରିଲା,ଏହା ଶୁଣି ମା' ବିଚରୀ ଭୟଭୀତ ହୋଇଗଲା। ସାଙ୍ଗେ ସାଙ୍ଗେ ଦେଶୀ ଚିକିତ୍ସା ଓ ଡାକ୍ତରଙ୍କ କହିବା ଅନୁସାରେ ନିୟମିତ ଔଷଧପତ୍ର ଖାଇ ବିଶ୍ରାମ ନେଲା।

ଭଗବାନଙ୍କ ଦୟାରୁ ପନ୍ଦର ଦିନରେ ସୁସ୍ଥ ହୋଇଗଲା, ଘାତକ ଡେଙ୍ଗୁଟା ଯେପରି ଦୂରେଇ ଗଲା ରିତା ମା'କୁ କହିଲା ମା' ମୁଁ ଆଉ ସେ ମେସ୍‌ରେ (ଯେଉଁଠାରେ ତା'ର ଅନ୍ୟ ଦୁଇଜଣ ଝିଅ ଗାଁ ପିଲା ସାଙ୍ଗ ରହୁଥିଲେ) ରହିବି ନାହିଁ। ସେଠାରେ ମୋର ବହୁତ ଅସୁବିଧା ହେଉଛି। ଘର ଭଡ଼ା ନେଇ ଏକୁଟିଆ ରହି ପାଠ ପଢ଼ିବି। ମାଆ ମଧ ବିଶ୍ୱାସରେ ଆଉ କିଛି ନ କହି ହଁ ମାରି ଦେଇଥିଲେ। ବାପା ଯେହେତୁ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ତେଣୁ ପଇସାର ଅଭାବ ବେଶି ଅନୁଭବ ହୁଏନି।

ଝିଅର ସବୁ କଥାରେ ବାପା ମାଆ ରାଜି ହୋଇଯାଆନ୍ତି। ରିତା କହିଲା ମୋର ଥାର୍ଡ ସେମିଷ୍ଟର ଅଛି, ମାଆ ତେଣୁ ମୁଁ ଜଲଦି ଭୁବନେଶ୍ୱର ଚାଲିଯିବି।

ମାଆ ମଧ ସବୁଥର ଭଳି ଏଥର ମଧ ତାଙ୍କ ଶୈଳୀରେ କାନେ କାନେ ବୁଝାଇଥିଲେ ଝିଅକୁ। ରାଜଧାନୀର ଖବର ସବୁ ଟିଭିରେ ଦେଖି ଓ ପେପରରୁ ପଢ଼ି ବେଳେବେଳେ ଟେନସନ ଲାଗୁଛି, ଝିଅଲୋ ସେଠାରେ ଠିକେ ଦେଖି ଚାହିଁ ଚଳିବୁ। ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସୁଥିବୁ। କାହାକୁ ଏତେଶୀଘ୍ର ବିଶ୍ୱାସ କରିବୁ ନାହିଁ। ରିତା ତା'ର ସବୁ ପ୍ରତିଶ୍ରୁତି ଦେଇ ଗାଁରୁ ଫେରି ଆସି ଭୁବନେଶ୍ୱରରେ ପୁରୁଣା ବନ୍ଧୁ ବିକାଶ ସହ କଲେଜ ପାଖ ଏକ ଘରୋଇ ଘରେ ଭଡ଼ା ନେଇ ସାଙ୍ଗ ହୋଇ ରହିଥିଲା। ଯେଉଁଠାରେ ପୁଅ ଝିଅ ମିଶି ରହିବାର କୌଣସି ଲଗାମ ନାହିଁ। ଏସବୁ ଦେଖି ତା'ର ସାଙ୍ଗ ପ୍ରିୟା ବହୁତ ଥର ରିତାକୁ ବାରଣ ମଧ କରିଛି। କିନ୍ତୁ ପ୍ରେମରେ ଅନ୍ଧ ହୋଇ ରିତା ସାଙ୍ଗ କଥାକୁ କାନ ଦେଉନାହିଁ। କିନ୍ତୁ ମା' କହିଥିବା କଥା ବାରମ୍ବାର ମନେପଡ଼େ,

କିନ୍ତୁ

ମା'କୁ

ମନ ଦେଇ ପାଠ ପଢ଼ିବୁ, ଅଯଥା ସମୟ ନଷ୍ଟ କରିବୁ ନାହିଁ। ହେଲେ ରିତା କ'ଣ କରିବ ଏଘରେ ଏମିତି ବିକାଶ ପ୍ରେମରେ ପଡ଼ିଯାଇଛି ସେ ତାକୁ ସମୟ ନ ଦେଲେ, ସେ ମୁହଁ ଫୁଲାଇ କଥା ନ ହେବାକୁ ରୋକ୍‌ଠୋକ ମନା କରିଦେଉଛି। ତେଣୁ ବାଧ ହୋଇ ବିକାଶ ସହ, ମାର୍କେଟ, ସପିଙ୍ଗ ମଲ, ପାର୍କ, ସିନେମା ହଲ,ଏପରି ଏଣେ ତେଣେ ବୁଲି ସମୟ ନଷ୍ଟ କରିବାକୁ ଲାଗିଲା।

ରିତାର ସବୁ ସରଳତାର ସୁଯୋଗ ନେଲା ବିକାଶ। ଏମିତି ଦିନ ପରେ ଦିନ ଗଡ଼ି ଚାଲିଲା, ଏଥରୁ ମୁକ୍ତି ପାଇଁ ସ୍ୱପ୍ନ ଉଠାଇ ସଫଳ ହେଲା ନାହିଁ ରିତା। ଦିନେ ହଠାତ୍ ସକାଳୁ ସକାଳୁ ପୋଲିସର ଫୋନରେ ରିତା ମାଆର ଛାତିରୁ ଯେମିତି କ'ଣ ଖସି ପଡ଼ିଲା। ତମ ଝିଅ ଏକ ଘରୋଇ ମେସରେ ଆତ୍ମହତ୍ୟା କରିଛି ଏବଂ ଏକ ହାତଲେଖା ଚିଠି ମଧ୍ୟ ହସ୍ତଗତ ହୋଇଛି। ଏତିକି ଶୁଣିବାମାତ୍ରେ ବସିବା ଜାଗାରୁ ଉଠି ଆସିଥିଲେ ବାପାଙ୍କ ସହିତ। ବାଟରେ ଆସିବା ସମୟରେ ଭୋ ଭୋ କାନ୍ଦୁଥାନ୍ତି, କାହିଁକି, କ'ଣ ଏମିତି ଭାବୁ ଭାବୁ ଆସି ମେସ ପାଖରେ ପହଞ୍ଚି ସାରିଥିଲେ। ଭୁବନେଶ୍ୱରରେ ପହଞ୍ଚିବା ପରେ ଦେଖିଲେ ମିଡ଼ିଆବାଲା ଆରମ୍ଭ କରି ଅନ୍ୟାନ୍ୟ ପାଖ ଲୋକ ଏବଂ ପୋଲିସ୍‌ଙ୍କ ସମାବେଶ ହୋଇସାରିଥିଲା। ଚିଠିକୁ ନେଇ ଲୁହଭରା ଆଖିରେ ପଢ଼ିସାରି ଚିଠିରେ କ'ଣ ଲେଖାଥିଲା ପ୍ରକୃତ କାରଣ କାହାକୁ କିଛି ନ କହି ନିଜ ପଣତରେ ଆଖି ଲୁହ ପୋଛି ଚିଠିକୁ ଚିକି ଚିକି କରି ଚିରି ପାଦରେ ଦଳି ଦେଇଥିଲେ, ଏତିକି ରିତାର ମାଆ ସମସ୍ତଙ୍କୁ କହିଥିଲେ କିଛିଦିନ ପୂର୍ବରୁ ହୋଇଥିବା ଘାତକ ଡେଙ୍ଗୁ ଜ୍ୱରରେ ଯଦି ଝିଅଟା ମୋର ମରି ଯାଇଥାନ୍ତା ତେବେ ବହୁତ ଭଲ ହୋଇଥାନ୍ତା। ଏପରି ପ୍ରତିକ୍ରିୟାରେ ସେଠାର ପରିବେଶ ସ୍ତବ୍ଧ ହୋଇଯାଇଥିଲା। ଧୀରେ ଧୀରେ ଗହଳି ମଧ କମିଯାଇଥିଲା।



# ଆଜି ବି କିଛି ଅଲଗା ନୁହେଁ ତା' ପାଇଁ



ଗାର୍ଗୀ ମିଶ୍ର

ନୂଆ ନୂଆ ବାହାଘରର କୌଣସି ଉନ୍ମାଦନା କି ଆନନ୍ଦ ନ ଥିଲା ଜୀବନରେ। ତା' ବନାଉ ବନାଉ ଦି ଟୋପା ଲୁହ ପଡ଼ିଯାଏ କପ୍‌ରେ।

ମେରୀରୁ ଜାତି ବଦଳେଇ ମୀରା ହେବା ଦିନରୁ ବାପଘର ବହିଷ୍କାର କରି ଦେଇଛନ୍ତି ଯେତେବେଳେ ନା ଆଗକୁ ଯିବାକୁ କାହା ସାହାରା ନା ପଛକୁ ଫେରିଆସିବା ପାଇଁ ରାସ୍ତା! କେସ୍ କରି ଜିତିଛି ସେ ଆର୍ଯ୍ୟବୀରଙ୍କୁ। ଅତୀତକୁ ସେ କହେ 'ଗଡ଼ସ ଉଇଲ' ଆଉ ଆର୍ଯ୍ୟବୀରଙ୍କ ହିସାବରେ ଏହା ସଂଶୋଧନ କରି ନ ହେଲା ପରି ଏକ ଭୁଲ। ଆର୍ଯ୍ୟବୀର ତାକୁ ଭଲପାଇଥିଲେ କି ଏକ ଦୁର୍ବଳ ମୁହୂର୍ତ୍ତର ବଶବର୍ତ୍ତୀ ହୋଇ ଯାଇଥିଲେ କେଜାଣି ହେଲେ ମୀରା ଭଲପାଇଛି ହୃଦୟରୁ ତାଙ୍କୁ। ବିବାହ କରିଛି ସମୟ, ପରିସ୍ଥିତି ଆଉ ସମାଜ ଠୁଁ ଛଡ଼ାଇ। ସେ ତାଙ୍କ ପୂର୍ବ ସ୍ତ୍ରୀ କୁ ଛାଡ଼ପତ୍ର ଦେଇନଥାନ୍ତେ ଯଦି ଏ ବିବାହ କେମିତି ହୋଇପାରିଥାନ୍ତା ? ଆର୍ଯ୍ୟବୀର ଏଇ କାରଣକୁ ଜୀବନସାରା ଧରି ରଖି ଅସନ୍ତୁଷ୍ଟ। ତାକୁ ପ୍ରତି ମୁହୂର୍ତ୍ତରେ ଅପରାଧୀ ଅପରାଧୀ ପରି ଲାଗୁଥାଏ। ହେଲେ ପ୍ରେମ ଯଦି ଭୂଲ ତେବେ ସେ ଭୂଲ 


ଏକା ତ କରିନି!! ହଁ କାହା ଘର ଉଜାଡ଼ିବା ଠିକ ନୁହେଁ। ହେଲେ ଅନ୍ୟକିଛି ଚାରା ବି ତ ନ ଥିଲା!! ଆର୍ଯ୍ୟବୀର ଆଜିବି ନିଶାରେ ଧୂତ ହୋଇ ଆସିଛନ୍ତି। ତାଙ୍କୁ କାନ୍ଧରେ ସାହାରା ଦେଇ ବେଡ଼ରେ ଶୁଆଇଲା। ଆଇନାରେ ଆଖି ପଡିଗଲା। ମୀରା ନିଜକୁ ଦେଖି ଡରିଗଲା ... କେଜାଣି କାହିଁ କଦର୍ଯ୍ୟ ଦିଶୁଥିଲା ତାକୁ ସେ ନିଜେ। ମେରୀରୁ ମୀରା ହୋଇ ସେ ଠିକ କଲା ନା ଭୂଲ ?

ଏପରି ଏକ ଦୁଃସ୍ୱପ୍ନ ଦେଖି ଚମକି ଉଠି ଘଣ୍ଟା ଦେଖିଲା ମେରୀ। ଘଣ୍ଟାରେ ପାଞ୍ଚଟା ପନ୍ଦର। ମୁଣ୍ଡରୁ ଝାଳ ପୋଛିଲା। ପାଣି ପିଇ ସାଷ୍ଟାଙ୍ଗ ହେଲା। ଦେଖିଲା ଝରକା ସେପଟେ ସିନ୍ଦୁରିତ ଦିଗ୍‌ବଳୟ। ବଗିଚାରେ ସୁନ୍ଦର ସୁନ୍ଦର ପାଖୁଡ଼ା ମେଲି ସୂର୍ଯ୍ୟଙ୍କୁ ସ୍ୱାଗତ କରୁଥାନ୍ତି ଫୁଲଗଛମାନେ। କିଛି ଫୁଲରେ କଣ୍ଟାଥାଏ ... କିଛି ଫୁଲ ଚାରିପଟେ କଣ୍ଟା ବେଢ଼ାଇ ଦିଆଯାଏ। ଆଉ କିଛି ଫୁଲ ନିଜେ କଣ୍ଟା ହେଇଯାଆନ୍ତି କାହାପାଇଁ।

ମେରୀ ଭାବିଲା ସେ କେଉଁ ଫୁଲ.... ଗୋଲାପ ? ପଳାଶ ନା ହେନା ?

ନା ନା...ଫୁଲ ନ ହେଲେ ନାହିଁ କାହାପାଇଁ ସେ କଣ୍ଟା ହେଇପାରିବ ନାହିଁ।

ମା ବାପା କେକ୍ ଧରି ତାଙ୍କ ଗେହ୍ଲା ଝିଅକୁ ହାପି -ବାର୍ଥ -ଡେ ଉଇଶ କରୁଥିଲେ।

ତା'ର ଫାଦର ମୋଜେସଙ୍କ କଥା ମନେପଡ଼ିଲା। ବାର୍ଥ, ମ୍ୟାରେଜ ଆଉ ଡେଥ୍ ଏ ତିନିଟି ଲାଇଫର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା। ବାର୍ଥ ଆଉ ଡେଥ୍ ଭିତରେ ଆମେ ଯାହା କରୁ ତାହାହିଁ ପାପ ପୂର୍ଣ୍ୟର ତରାଜୁରେ ଓଜନ ହୁଏ। ସେ ସବୁର ଫଳାଫଳ ଆମେ ପରଜନ୍ମକୁ ନେଇ ଯାଉ।

ବାର୍ଥ ଆଉ ଡେଥ୍‌କୁ ବଦଳାଇ ଦେଇ ହେବନି ସିନା ମ୍ୟାରେଜ ପାଇଁ ବାଧ ବାଧକତା ନାହିଁ। ଏ ଜୀବନ ଏକ ରହସ୍ୟମୟ ଗୋଲକ ଧନ୍ଦା। ବୁଲି ବୁଲି ଯେଉଁଠୁ ଆରମ୍ଭ ସେଇଠି ଶେଷ ହୋଇଯାଏ ସେ ବି କ୍ଷଣିକ ଭିତରେ। ପାଇବା ପାଇଁ ବଞ୍ଚିବା ଅଭିଳାଶାରେ ଆମେ ବଞ୍ଚିବାକୁ ଭୁଲିଯାଉ। କେବଳ ପାଇବା ପଛରେ ହିଁ ଧାଇଁ ଲାଗୁ। ଅଫିସରୁ ରିଜାଇନ ଦେଇ ସବୁଦିନ ପାଇଁ ଏକ ଜଟିଳ ହେବାକୁ ଯାଉଥିବା କାହାଣୀରେ ପୂର୍ଣ୍ଣଚ୍ଛେଦ ଟାଣିଲା ମେରୀ। ଏକାଠି କାମ କରୁଥିଲେ ଯେତେବେଳେ କିଛିଦିନ ଲାଗିବ ତାଙ୍କୁ ପ୍ରକୃତରେ ସହଜ ହେବାପାଇଁ। କିନ୍ତୁ କିଛି କାହାଣୀ ଖଣ୍ଡିଆ ରହିଲେ ହିଁ ସମ୍ପୂର୍ଣ୍ଣ ହୋଇପାରେ। ହୁଏତ ଜୀବନ ବ୍ୟାକରଣ ବହିରେ ସେଥିପାଇଁ ପୂର୍ଣ୍ଣଚ୍ଛେଦ ଚିହ୍ନ ତ ଅଛି ହେଲେ ପ୍ରାପ୍ତିସୂଚକ କୌଣସି ଚିହ୍ନ ମିଳେନି। ହୃଦୟରୁ ଯଦି ଜଣେ ଅନ୍ୟପାଇଁ ସମର୍ପଣ ଭାବ ରଖେ ତେବେ ଅପ୍ରାପ୍ତି ବି ପୂର୍ଣ୍ଣତା ଆଣେ।

**ବାଙ୍ଗାଲୋର / କର୍ଣ୍ଣାଟକ**

# ନୋବେଲ ଶାନ୍ତି ପୁରସ୍କାର ବିଜେତା ନନ୍ଦିତା ବାନ୍ଦି



ଡକ୍ଟର ଲକ୍ଷ୍ମଣ ସାହୁ

ଯେତେବେଳେ ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ ଏକ ଭୟଙ୍କର ମୋଡ଼ ନେଉଛି, ଅନ୍ୟପକ୍ଷରେ ଜଣେ ଦୃଢ଼ମନା କଏଦୀ ଇରାନର ଏକ ଜେଲର ଅନ୍ଧାର କୋଠରୀରୁ ଏକାକୀ ନୀରବରେ ଆଉ ଏକ ଯୁଦ୍ଧର ନେତୃତ୍ୱ ନେଉଛନ୍ତି, ସେ କେହି ନୁହନ୍ତି ସେ ହେଉଛନ୍ତି ନନ୍ଦିତା ବାନ୍ଦିନି ନର୍ଗିସ ମହମ୍ମଦୀ। ଧାର୍ମିକ ରାଷ୍ଟ୍ର ଶକ୍ତି ତାଙ୍କୁ କୌଣସି ପ୍ରକାରେ ଟାଣି ଆଣିବାରେ ସକ୍ଷମ ହୋଇନାହିଁ ସେହି ଅସ୍ଥିର ମହିଳା ଜଣକ ନୋବେଲ ଶାନ୍ତି ପୁରସ୍କାର (୨୦୨୩) ପାଇଁ ମନୋନୀତ ହୋଇଥିଲେ। ଏକ ଯୁଦ୍ଧଗ୍ରସ୍ତ ବିଶ୍ୱରେ ସ୍ୱାଧୀନତାର ଆଉ ଏକ ଯୁଦ୍ଧ ଏବେ ବି ଚାଲିଛି। ସେହି ଯୁଦ୍ଧର ଅପରାଜିତ ଯୋଦ୍ଧା ଏବେ ନୋବେଲ କମିଟିର ପସନ୍ଦ ହୋଇଛନ୍ତି। ପ୍ରକୃତରେ ଆତ୍ମବଳିଦାନ ପଛରେ ବଳିଦାନର ମହାନତାରେ ବିଶ୍ୱାସ ରହିଛି। କହିବାକୁ ଗଲେ ସେଠାରେ ଆତ୍ମବଳିଦାନ ଏକ ଅଧିକ କଷ୍ଟକର ବଳିଦାନ, ଏକ ଅଧିକ କଠୋର ନିରନ୍ତର ଆତ୍ମ-ଯାତନା।

ଜୀବନ ଦେବା ଅପେକ୍ଷା, ଆତ୍ମବଳିଦାନ ଆତ୍ମସମର୍ପଣ , ପ୍ରକୃତରେ ନିଜ ସହିତ ଏକ ଆତ୍ମଘାତୀ ଲଢ଼େଇ। ସେଥିପାଇଁ ଅନେକ ନିଜକୁ ବଳିଦାନ ଦିଅନ୍ତି, ଆଉ କିଛି ଆତ୍ମସମର୍ପଣ କରନ୍ତି। ବିଶ୍ୱାସର ଆଲୋକମାଳାକୁ ନିଜକୁ ଜଳାଇ ରଖିବାକୁ ପଡ଼ିଥାଏ। ସଂସ୍କାରର ଅନ୍ଧ ମୋହରେ ନୁହେଁ, ବରଂ ଆତ୍ମବଳିଦାନର ବଳିଦାନରେ ସଚେତନ ସଂଘର୍ଷ ଜାରି ରଖିବାରେ ଓ ପ୍ରତିଜ୍ଞା ପାଳନ କରିବାରେ ତାଙ୍କର ଲକ୍ଷ୍ୟ ଥାଏ। ତାଙ୍କର ମହାନ କ୍ଷତ ଆତ୍ମ-ତ୍ୟାଗରେ ନୁହେଁ, ବରଂ ଆତ୍ମ-ବିସ୍ତାରରେ ରହିଛି। ଏହି ବର୍ଷ ଅଶାନ୍ତି ବିରୁଦ୍ଧରେ ଲଢ଼େଇରେ ନୋବେଲ ପୁରସ୍କାର ସହିତ ନର୍ଗିସ୍ ମହମ୍ମଦୀଙ୍କ ନାମ ଦେଶ ଦେଶକୁ ବ୍ୟାପିଛି। ଇରାନୀ ମାନବାଧିକାର କର୍ମୀ ନର୍ଗିସ୍ ମହିଳାଙ୍କ ଜୀବନ ବଞ୍ଚିବାର ଅଧିକାର ପ୍ରତିଷ୍ଠା ପାଇଁ ଲଢ଼େଇରେ ଯୋଗ ଦେବା ଓ ତାଙ୍କ ଦେଶର ଶାସକଙ୍କ କ୍ରୋଧର ଶିକାର ହେବା ପରେ ବର୍ତ୍ତମାନ ଦେଶର କୁଖ୍ୟାତ ଏଭିନ୍ ଜେଲରେ ବନ୍ଦୀ ଅଛନ୍ତି। ତାଙ୍କୁ ପୂର୍ବରୁ ୧୩ ଥର ଗିରଫ କରାଯାଇଛି ଓ ୫ ଥର ଦୋଷୀ ସାବ୍ୟସ୍ତ କରାଯାଇ। ଦଣ୍ଡାଦେଶ ୧୫୪ କୋରଡ଼ା ଓ ୩୧ ବର୍ଷ ଜେଲ। ତାଙ୍କୁ ଶେଷ ଥର ପାଇଁ ବିଗତ ବର୍ଷ ନଭେମ୍ବର (୨୦୨୨)ରେ ଗିରଫ କରାଯାଇଥିଲା। ତାଙ୍କ ଜୀବନ ଅନ୍ଧାରରେ ବୁଡ଼ି ରହିଛି। ଜେଲର ଏକା ଏକା ଅନ୍ଧକାର କୋଠରୀରେ ଆଲୋକ ଅପେକ୍ଷା କରିଛି।

ଏହି ଧର୍ମାନ୍ଧ ଏକଛତ୍ରବାଦୀ ଶାସକ ନର୍ଗିସ୍ଙ୍କୁ ଜୀବନରୁ ସବୁକିଛି ନେଇ ତାଙ୍କୁ ନିଃସହାୟ ଓ ଏକାକୀ କରିଦେଇଛନ୍ତି। ୨୦୦୯ ମସିହାରେ ଯେତେବେଳେ ସେ ଜେଲକୁ ଗଲେ, ସେ ତାଙ୍କର ଇଞ୍ଜିନିୟରିଂ ଚାକିରି ହରାଇଲେ। ତାଙ୍କ ସ୍ୱାମୀ ତଖି ରହମାନି ମଧ ଆନ୍ଦୋଳନରେ ଯୋଗ ଦେଇଥିଲେ ଓ ୧୪ ବର୍ଷ ଜେଲରେ କାରାବରଣ କରିଥିଲେ। ତାଙ୍କ ୧୬ ବର୍ଷୀୟ ଯମଜ ପୁଅଙ୍କ ସହିତ ଫ୍ରାନ୍ସରେ ଆଶ୍ରୟ ନେଇଥିଲେ। ଦୁଃଖର କଥା ନର୍ଗିସ୍ ତାଙ୍କ ପରିବାରଠାରୁ ୮ ବର୍ଷ ଧରି ଅଲଗା ଅଛନ୍ତି। ସେହି ଦୃଷ୍ଟିକୋଣରୁ ନାରୀ ଜୀବନର ସ୍ୱାଧୀନତାର ପ୍ରତିଜ୍ଞା ପ୍ରତି ତାଙ୍କର ଆତ୍ମସମର୍ପଣ କେବଳ ଅସାଧୁ ସଂଗ୍ରାମୀଙ୍କ ଭିତରେ ଝଲସୁଛି ନାହିଁ, ବରଂ ସେହି ଆନ୍ଦୋଳନ ପାଇଁ ଆଲୋକର ମଶାଲ ହେବା ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ପ୍ରକୃତରେ ବଞ୍ଚିବା ପାଇଁ ଲଢ଼ିବା ପାଇଁ ଜୀବନଯାପନର ମୂଲ୍ୟ କେବଳ କଷ୍ଟକର ନୁହେଁ, ବରଂ ସେଥିପାଇଁ ପ୍ରୟାସ ମଧ ଆବଶ୍ୟକ। ସେହି ପ୍ରୟାସରେ ଶରୀର, ମନ ଓ ଧନ ଯଥେଷ୍ଟ ନୁହେଁ, ବରଂ ନିରନ୍ତର ସତର୍କତା, ପ୍ରକୃତ ଏକାଗ୍ରତା ଓ ଅସୀମ ଜୀବନଶକ୍ତି ଆବଶ୍ୟକ। ପ୍ରାୟ ସବୁ ଧର୍ମରେ ଓ ପୁରୁଷପ୍ରଧାନ ସମାଜରେ ପୁରୁଷଙ୍କ ଶାସନ ଓ ଶୋଷଣ ପ୍ରତି ମହିଳାମାନଙ୍କୁ ଆଜ୍ଞାବଦ୍ଧ କରୁଥିବା ନିୟମ ବିଭିନ୍ନ ଭାବରେ ସକ୍ରିୟ ହୋଇଥାଏ। ସେଠାରେ ମହିଳାମାନଙ୍କ ଜୀବନର ସ୍ୱାଧୀନତା ହରଣ କରି ପୁରୁଷ ପ୍ରାଧାନ୍ୟର ବିସ୍ତାର ସ୍ୱାଭାବିକ ହୋଇଯାଏ। ମହିଳାମାନଙ୍କ ଜୀବନର ସ୍ୱାଧୀନତାକୁ ଅସ୍ୱୀକାର କରିବାର ପ୍ରବୃତ୍ତିରେ, ପୁରୁଷପ୍ରଧାନ ସମାଜର ସ୍ୱେଚ୍ଛାଚାରିତା କେବଳ ବାହାରକୁ ଆସେ ନାହିଁ, ବରଂ ଏହାର ଭେଦଭାବର ଭାବନା ମଧ ଉଗ୍ର ରୂପ ହୋଇଯାଏ। ସେଠି ମହିଳାମାନଙ୍କ ବିରୁଦ୍ଧରେ ଅମାନବୀୟ ଅତ୍ୟାଚାରର ସଂଗଠନ ନିର୍ଦ୍ଦୋଷ ଆଜ୍ଞାପାଳନ ଲାଭ କରେ। ସମାଜରେ ସେମାନଙ୍କର ଅଧୀନସ୍ଥ ଅସ୍ତିତ୍ୱକୁ ନିୟନ୍ତ୍ରଣ କରିବା ପାଇଁ, ଧାର୍ମିକ ନିୟମ ଓ ପ୍ରଥା ମଧ ସେହି କ୍ଷେତ୍ରରେ ସଂସ୍କାର ହୋଇଯାଏ। ଯେପରି ସମାଜର ମଙ୍ଗଳ ପାଇଁ ସେଗୁଡ଼ିକୁ ପାଳନ କରିବା ମହିଳାମାନଙ୍କ ଆଦର୍ଶ ହୁଏ।

ପ୍ରକୃତରେ ଯେତେବେଳେ ମହିଳାମାନେ ଧାର୍ମିକ ବନ୍ଧନରେ ଆବଦ୍ଧ ହୁଅନ୍ତି, ସେତେବେଳେ ସେମାନଙ୍କ ଜୀବନରେ ବନ୍ଧନ ଅନିବାର୍ଯ୍ୟ ହୋଇଯାଏ। ଏକ ନିୟନ୍ତ୍ରିତ ମହିଳା ଜୀବନରେ, ଏକ ସୁସ୍ଥ ସମାଜର କଲ୍ୟାଣ ଧାରଣାରେ କେବଳ ରକ୍ଷଣଶୀଳତା ନାହିଁ, ବରଂ ପୁରୁଷମାନଙ୍କର ଦମନିତ ଶ୍ରେଷ୍ଠତାର ଭାବନା ଓ ଏକ ପ୍ରାଧାନ୍ୟବାଦୀ ମାନସିକତା ମଧ ସେଠାରେ ଥାଏ। ସେଠାରେ ମହିଳା ଚେତନାରେ ତାଙ୍କର ସ୍ୱାଧୀନ ମନର ଅସ୍ତିତ୍ୱ ସ୍ୱାଭାବିକ ଭାବରେ ଅସ୍ୱାଭାବିକ। ଧାର୍ମିକ କ୍ଷେତ୍ରରେ ମହିଳା ଜୀବନର ଦାସତ୍ୱ ମଧୁର ହୋଇଥାଏ। ଝିଅ-ବନ୍ଧୁ-ମାତାର ସୀମିତ ଜୀବନରେ ସେହି ପରାଧୀନତାରେ ଜୀବନର ଅର୍ଥ ପ୍ରଦର୍ଶିତ ହୁଏ। ସ୍ୱାଭାବିକ ଭାବରେ ଯେତେବେଳେ ଧାର୍ମିକ ଶକ୍ତି ରାଜ୍ୟ କ୍ଷମତା ଦଖଲ କରେ କିମ୍ବା ଯେତେବେଳେ ରାଜ୍ୟ ଶାସନ ବ୍ୟବସ୍ଥାରେ ଧାର୍ମିକ ଅସ୍ତିତ୍ୱ ପ୍ରଚଳିତ ହୁଏ, ସେତେବେଳେ ଏହା ମହିଳା ଜୀବନର ସ୍ୱାଧୀନତା ଉପରେ ସର୍ବାଧିକ ଧାର୍ମିକ ଭାବନା ପ୍ରଭାବ ପକାଏ।

ଯେତେବେଳେ ରକ୍ଷଣଶୀଳତା ସଂରକ୍ଷଣର ବିଷୟ ହୋଇଯାଏ, ସେତେବେଳେ ମହିଳାମାନଙ୍କର ଦୁଃଖଦ ଜୀବନ ଆହୁରି ତୀବ୍ର ହୁଏ। ସେହି କ୍ଷେତ୍ରରେ ମାନବବାଦୀ ଆଧୁନିକତାରେ ମୁକ୍ତି-ଆକାଂକ୍ଷୀ ହାତମିଳନ ଯେତେ ଅଧିକ ସ୍ପଷ୍ଟ ହୁଏ, ଏହା ବିରୁଦ୍ଧରେ ରାଷ୍ଟ୍ର ଦମନ ସେତେ ଭୟଙ୍କର ରୂପ ନେଇଥାଏ। ଇରାନ କ୍ଷେତ୍ରରେ ମଧ ଏହାର ପରିଚୟ ସ୍ପଷ୍ଟ। ସେଠାରେ ୧୯୭୯ ରେ ବିପ୍ଲବ ଦ୍ୱାରା ରାଜତନ୍ତ୍ରର ଅନ୍ତ ଘଟିଥିଲା ଓ ଇସଲାମିକ୍ ଶାସନ ପ୍ରତିଷ୍ଠିତ ହୋଇଥିଲା। ସ୍ୱାଭାବିକ ଭାବରେ ମହିଳାମାନଙ୍କ ଉପରେ କଠୋର କଟକଣା ଲାଗୁ କରାଯାଇଥିଲା। ମହିଳାମାନଙ୍କର ମୁକ୍ତ ସ୍ଥାନ ବନ୍ଦ ହୋଇଯାଇଥିଲା। ସେମାନଙ୍କ ଜୀବନରେ ବୁର୍ଖା କିମ୍ବା ହିଜାବ ମୁହଁ ଘୋଡ଼ାଇ ଏକ ଆବଶ୍ୟକତା ହୋଇଯାଇଥିଲା। ହିଜାବ ପିନ୍ଧିବା କେବଳ ଇରାନୀମାନଙ୍କ ପାଇଁ ନୁହେଁ, ସେଠାକାର ବିଦେଶୀ ମହିଳାମାନଙ୍କ ପାଇଁ ମଧ ବାଧ୍ୟତାମୂଳକ ଥିଲା।




ତେଣୁ ପ୍ରତିବାଦର ଆକାଶରେ ମେଘ ଜମା ହେବାକୁ ଲାଗିଲା। ୨୧ ଶତାବ୍ଦୀର ପ୍ରାରମ୍ଭିକ ଦଶକରେ, ମେଘରୁ ବର୍ଷା ହେବାକୁ ଲାଗିଲା। ସେଠାକାର ଜଣେ ଓକିଲ ଓ ମାନବାଧିକାର କର୍ମୀ ଶିରିନ୍ ଏବାଦି 'ମାନବ ଅଧିକାର କେନ୍ଦ୍ରର ରକ୍ଷାକର୍ତ୍ତା' ନାମକ ଏକ ସଂଗଠନ ଗଠନ କରି ଓ ପ୍ରତିବାଦ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଥିପାଇଁ ୨୦୦୩ ମସିହାରେ ସେ ନୋବେଲ ପୁରସ୍କାର ଜିତିଥିଲେ। ଏହି ମାନବାଧିକାର ଆନ୍ଦୋଳନ ମହିଳା ଜୀବନର ସ୍ୱାଧୀନତା ପାଇଁ ଆନ୍ଦୋଳନକୁ ସକ୍ରିୟ କରିଥିଲା। ଏହି ଦୃଷ୍ଟିରୁ ଲ୍ୟସେଠାରେ ନର୍ଗିସ ମହମ୍ମଦୀଙ୍କ ଅତୁଳନୀୟ ଭୂମିକା ବିଶେଷ ଭାବରେ ସ୍ମରଣୀୟ।

ଶିରିନ୍ ଏବାଦୀଙ୍କ ମାନବାଧିକାର ସଂଗଠନର କାର୍ଯ୍ୟକଳାପ ବହୁମୁଖୀ ଅଟେ। ଗଣତାନ୍ତ୍ରିକ ଅଧିକାରଠାରୁ ଆରମ୍ଭ କରି ଶିଶୁ ଶ୍ରମିକ ଓ ଶରଣାର୍ଥୀ ସମସ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗ ରହିଛି। ନର୍ଗିସ୍ ମହମ୍ମଦି ତାଙ୍କ ଛାତ୍ର ଜୀବନରେ ମାନବାଧିକାର ଆନ୍ଦୋଳନରେ ଯୋଗ ଦେଇଥିଲେ। ମୃତ୍ୟୁଦଣ୍ଡ ବିରୋଧୀ ଆନ୍ଦୋଳନ ପାଇଁ ତାଙ୍କୁ ୧୬ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିଥିଲା। ଶିରିନ୍ ଏବାଦୀଙ୍କ ଦ୍ୱାରା ପ୍ରତିଷ୍ଠିତ ସଂଗଠନର ଜଣେ ସକ୍ରିୟ କର୍ମୀ ହେବାଠାରୁ ଆରମ୍ଭ କରି, ଏବେ ସେ ଏହାର ଉପାଧକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ସେହି କ୍ଷେତ୍ରରେ, ତାଙ୍କର ପ୍ରମୁଖ ଭୂମିକାରେ ମଧ, ଜଣେ ଅପରାଜେୟ ସଂଗ୍ରାମୀର ପରିଚୟ ସମ୍ମାନର ପାତ୍ର ସେ। ତାଙ୍କୁ ବାରମ୍ବାର ଗିରଫ ଓ ଜେଲଦଣ୍ଡ ଦିଆଯାଇଛି। ତଥାପି ତାଙ୍କର ଜୀବନ ପ୍ରତି ବିପଦପୂର୍ଣ୍ଣ ସଂଘର୍ଷ ତୀବ୍ର ହୋଇଛି। ଏକ ବିପଦପୂର୍ଣ୍ଣ ଲଢ଼େଇରେ ତାଙ୍କର ଆତ୍ମସମର୍ପଣ ଆଶ୍ଚର୍ଯ୍ୟଜନକ। ତେହେରାନର କୁଖ୍ୟାତ ଏଭିନ୍ ଜେଲ କେବଳ ଶାରୀରିକ ନୁହେଁ , ବରଂ ଅତ୍ୟନ୍ତ ଅମାନବୀୟ ମାନସିକ ଯନ୍ତ୍ରଣା ଭୋଗିଥିଲା। ଅନେକ ନିର୍ଯାତନା ଦିଆଯାଇଥିଲା।

ଯାହାଫଳରେ ମୁକ୍ତି ପରେ ମଧ ତାଙ୍କ ଶରୀର ଓ ମନରେ କ୍ଷତ ଚିହ୍ନ ରହିଗଲା। ତାଙ୍କ ଜୀବନର ବାକି ସମୟ ପାଇଁ ତାଙ୍କର ଅକ୍ଷମତା ଅନିବାର୍ଯ୍ୟ ହୋଇଗଲା। ଏଥିରୁ ମୁକ୍ତି ପାଇବା ପାଇଁ, ୨୦୨୦ ମସିହାରେ, 'ଏକାଂଲି ବନ୍ଦୀ'ରେ ଦଣ୍ଡିତ ୧୪୭ ଜଣ କଏଦୀ 'ନ୍ୟାୟ, ଦଣ୍ଡ ଓ ଭବିଷ୍ୟତ' ସହିତ ମାନବାଧିକାର ସଂଗଠନକୁ ଯୋଗାଯୋଗ କରିଥିଲେ। ନର୍ଗିସ୍ ଜେଲରେ ଥିବା ସମୟରେ ଗୁପ୍ତ ଭାବରେ ୧୨ଜଣ ମହିଳାଙ୍କ ସାକ୍ଷାତକାର ନେଇଥିଲେ। ନର୍ଗିସ୍ ତାଙ୍କ ପୁସ୍ତକ 'ହ୍ୱାଇଟ୍ ଟର୍ଚର ଇଣ୍ଟରଭ୍ୟୁସ୍ ୱିଥ୍ ଇରାନିୟାନ୍ ଓମେନ୍ ପ୍ରିଜନର୍ସ' (ନଭେମ୍ବର, ୨୦୨୨) ରେ ଜେଲରେ ହେଉଥିବା ନର୍କୀୟ ନିର୍ଯାତନା ଉପରେ ଆଲୋକପାତ କରିଛନ୍ତି। ପୁସ୍ତକର ପରିଚୟ ଶିରିନ୍ ଏବାଦି ଲେଖିଥିଲେ। ସେହି କ୍ଷେତ୍ରରେ ଜେଲକୁ ଯିବା ପରେ ମଧ ତାଙ୍କର ସକ୍ରିୟତା ବନ୍ଦ ହୋଇନଥିଲା, ବରଂ ଅଧିକ ଟାର୍ଗେଟ ହୋଇଯାଇଥିଲା। ଅନ୍ୟପକ୍ଷରେ ତାଙ୍କର ଲକ୍ଷ୍ୟ, ଯାହା ମହିଳା ଜୀବନର ସ୍ୱାଧୀନତା, ତାଙ୍କ ସ୍ଲୋଗାନରେ ଶୀଘ୍ର ସ୍ପଷ୍ଟ ହୋଇଛି। ପାରସ୍ୟରେ 'ଜାନ-ଜିନ୍ଦେଗି-ଆଜାଦୀ' ଅର୍ଥ ମହିଳା ଜୀବନର ସ୍ୱାଧୀନତା। ନୋବେଲ କମିଟି ଜୀବନ ପ୍ରତି ତାଙ୍କର ଦୃଢ଼ ଓ ଅଟଳ ମନୋଭାବ ପାଇଁ ବର୍ଷୀୟ ନର୍ଗିସ (ଜନ୍ମ ୧୯୭୨ ଏପ୍ରିଲ ୨୧)ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ସେଠାରେ ମହିଳାମାନଙ୍କର ସମ୍ମାନର ସହିତ ବଞ୍ଚିବାର ଅଧିକାର, ପରଦା ବନ୍ଦ ଓ ମତାମତ ସ୍ୱାଧୀନତା ସ୍ପଷ୍ଟ ହୋଇଛି।

ଅନ୍ୟପକ୍ଷରେ ଆଧୁନିକ ଚେତନାରେ ସ୍ୱାଧୀନତା ଖୋଜିବାର ଶୃଙ୍ଖଳ ଭାଙ୍ଗିବାର ସାହସ ଜାଗ୍ରତ ହୁଏ। ଏହାର ପ୍ରସ୍ତୁତି ଏକ ସୁପ୍ତ ଜ୍ୱାଳାମୁଖୀ ପରି। ସମୟକୁ ଅପେକ୍ଷା କରି, ଏହାର ସକ୍ରିୟ ଭୂମିକା ନିଆଁ ଲଗାଇବା ପରି। ଏହି କାରଣରୁ ଧାର୍ମିକ ରାଷ୍ଟ୍ରର ଶାସକଙ୍କ ରକ୍ତାକ୍ତ ମଞ୍ଚରେ ମଧ ପ୍ରତିବାଦ ଅସହାୟ ହୋଇପଡ଼େ ନାହିଁ। ବରଂ ସମୟ ସହିତ ତାଳ ଦେଇ ଏହା ବିସ୍ଫୋରଣ ହୁଏ। ଗତ ବର୍ଷ ୨୦୨୨ ସେପ୍ଟେମ୍ବର ୧୬ ରେ ଏଥିରେ ନିଆଁ ଲାଗିଯାଇଥିଲା। ହିଜାବ ପିନ୍ଧି ନଥିବା ଓ ପୋଲିସ ହେପାଜତରେ ନିର୍ମମ ନିର୍ଯାତନାର ଶିକାର ହୋଇଥିବା ୨୨ ବର୍ଷୀୟା ଇରାନୀ ମହିଳା ମହସା ଆମିନୀଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ମାତ୍ରେ ଦେଶର ୮୦ ଟି ସହରରେ ତୀବ୍ର ପ୍ରତିବାଦ ବ୍ୟାପିଥିଲା। ଜଣେ ମହିଳା ତାଙ୍କ କେଶ କାଟି ଓ ହଲାଇ ପ୍ରତିବାଦ କଲେ, ଯାହା ଆନ୍ଦୋଳନର ପ୍ରତୀକ ପାଲଟିଗଲା। ତିନି ମାସ ଧରି ଚାଲିଥିବା ଏହି ପ୍ରତିବାଦ ଆନ୍ଦୋଳନରେ ପ୍ରାୟ ପାଞ୍ଚ ଶହ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେସବୁ ଖବର ଦେଶ ଦେଶ ବ୍ୟାପି ଯାଇଥିଲା। ଏହି ବର୍ଷ ମହସା ଆମିନୀଙ୍କ ମୃତ୍ୟୁ ବାର୍ଷିକୀରେ ମଧ ପ୍ରତିବାଦ ଶୁଣିବାକୁ ମିଳିଥିଲା। ଏପରି ପରିସ୍ଥିତିରେ ଇରାନରେ ମହିଳାମାନଙ୍କ ସ୍ୱାଧୀନତା ଆନ୍ଦୋଳନ ଉପରେ ନର୍ଗିସଙ୍କ ପ୍ରଭାବ ଅଧିକ ତୀବ୍ର ଓ ସୁଦୂରପ୍ରସାରୀ ହେବାକୁ ଯାଉଛି। ଏହା ମଧ ଚଳିତ ବର୍ଷର ନୋବେଲ ପୁରସ୍କାରରେ ସ୍ପଷ୍ଟ ହୋଇଛି। ଇରାନ ସରକାର ସ୍ୱାଭାବିକ ଭାବରେ ନର୍ଗିସଙ୍କୁ ନୋବେଲ ପୁରସ୍କାର ଦେବା ବିରୁଦ୍ଧରେ ତୀବ୍ର ପ୍ରତିବାଦ କରିଥିଲେ। କେବଳ ସେତିକି ନୁହେଁ ଏହା ସମସ୍ତଙ୍କୁ ରାଷ୍ଟ୍ର ବ୍ୟାପାରରେ ହସ୍ତକ୍ଷେପ ବିଷୟରେ ମଧ ମନେ ପକାଇ ଦେଇଛି। ଇରାନ ସରକାର ଏହା ମଧ ଉଲ୍ଲେଖ କରିଛନ୍ତି ଯେ ନର୍ଗିସ ଦେଶରେ ପରିଚିତ ନୁହଁନ୍ତି।

ତଥାପି ନୋବେଲ କମିଟି ତାଙ୍କୁ ଭଲ ଭାବରେ ସ୍ୱୀକୃତି ଦେଇଛି। ନର୍ଗିସ ମହମ୍ମଦି ଏହି ପଥ ଉପରେ ଏକ ମଶାଲବାହକ ତାଙ୍କର ଏକମାତ୍ର ଲକ୍ଷ୍ୟ ମହିଳାମାନଙ୍କୁ ଆଉ ନିର୍ଯାତିତ କରାଯାଇ ଧାର୍ମିକ ଅନୁଶାସନ କିମ୍ବା ରାଷ୍ଟ୍ର ଶାସନରେ ରଖାଯାଇପାରିବ ନାହିଁ। ସେମାନଙ୍କର ସ୍ୱାଧୀନତା ଛଡ଼ାଇ ନିଆଯାଇ ଅପମାନିତ କରାଯିବା ଉଚିତ୍ ନୁହେଁ। ସେ ରାଷ୍ଟ୍ର ଅତ୍ୟାଚାରର ସେହି ନର୍କମୟ କାରାଗାରକୁ ଦୂର କରିବାର ଲକ୍ଷ୍ୟ ପୂରଣ କରିବା ପାଇଁ ସର୍ବଦା ସେ ତାଙ୍କ କୋଠରୀରେ ଏକାକୀ ସକ୍ରିୟ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମହସା ଆମିନୀଙ୍କ ମୃତ୍ୟୁ ଉପରେ କେନ୍ଦ୍ରିତ ତୀବ୍ର ପ୍ରତିବାଦ ଆନ୍ଦୋଳନ ମଧରେ ତାଙ୍କର ପୁସ୍ତକ ପ୍ରକାଶିତ ହୋଇଥିଲା। ସାକ୍ଷାତକାର ପୁସ୍ତକରେ ତାଙ୍କର ଲକ୍ଷ୍ୟ ସ୍ପଷ୍ଟ ହୋଇଯାଏ, 'ଏକାଂକ୍ଷା ବନ୍ଦୀତ୍ୱ ବିରୁଦ୍ଧରେ ମୋର ସଂଘର୍ଷ ଜାରି ରଖିବାରୁ ମୋତେ କିଛି ବି ରୋକିପାରିବ ନାହିଁ ' ବୋଲି ସେ କହିଛନ୍ତି। ଏହା ସେଠାରେ ଶେଷ ହୁଏ ନାହିଁ, ସେ ଏହା ମଧ କୁହନ୍ତି, 'ଏହାକୁ ଉଚ୍ଛେଦ ନ ହେବା ପର୍ଯ୍ୟନ୍ତ ମୁଁ ବିଶ୍ରାମ ନେବି ନାହିଁ। "

ସେହି ଦୃଷ୍ଟିକୋଣରୁ ସହଜରେ କୁହାଯାଇପାରେ, ଏଥର ତାଙ୍କ ପରିଚୟର ଆଲୋକ କେବଳ ତାଙ୍କ ଜନ୍ମଭୂମିରେ ନୁହେଁ, ବରଂ ବିଦେଶରେ ମଧ ବହୁ ଦୂରକୁ ବ୍ୟାପିବ। ଏହା ସହିତ ତାଙ୍କୁ ତାଙ୍କ ଜନ୍ମଭୂମିର ଧାର୍ମିକ ରାଜ୍ୟର ମୌଳବାଦୀ ପ୍ରକୃତିକୁ ପରିଚିତ କରାଇବାର ସୁଯୋଗ ମଧ ମିଳିଥିଲା। ବିପ୍ଲବିନୀ ନର୍ଗିସ୍ ମହମ୍ମଦୀ ଏହି କଥାର ପ୍ରତିମୂର୍ତ୍ତିର ନାମ। ଯଦିଓ ଜଣେ ମହିଳା କଏଦୀ ଭାବେ ସେ ଗୋଟିଏ କୋଠରୀରେ ଏକାକୀ ବନ୍ଦୀ ହୋଇ ଜନସାଧାରଣଙ୍କ ଠାରୁ ବିଚ୍ଛିନ୍ନ ହୋଇଛନ୍ତି, ହେଲେ ତାଙ୍କୁ ଦମନ କରାଯାଇପାରିବ ନାହିଁ। ବରଂ ତାଙ୍କ ଲକ୍ଷ୍ୟ-ଅନ୍ୱେଷଣକାରୀ ଅର୍ଜୁନଙ୍କ ଦୃଷ୍ଟିକୋଣ ଭଳି ଅଧିକ ସକ୍ରିୟ ଓ ଜୀବନ୍ତ ହୋଇଯାଏ। ନୋବେଲ୍ ପୁରସ୍କାର ତାଙ୍କୁ ଭାବମୂର୍ତ୍ତିରୁ ଏକ ପ୍ରତିମୂର୍ତ୍ତିର ଆଲୋକ ଦେଇଛି। ତାଙ୍କ ଭିତରେ ଆଲୋକର ନୂତନ ପ୍ରଭାତ, ନାରୀ ଜୀବନର ସ୍ୱାଧୀନତାରୁ ନିର୍ଗତ ଏକ ସୁବର୍ଣ୍ଣ ସକାଳର ସ୍ପର୍ଶ କେବଳ ଇରାନରେ ନୁହେଁ, ବରଂ ବିଶ୍ୱବ୍ୟାପୀ ଲୋକଙ୍କ ମନରେ ବିଶ୍ୱାସର ଆଲୋକ ପାଲଟିଛି। ସମୟର ଛାୟା ଚିତ୍ରରେ ପୁରୁଷପ୍ରଧାନ, ରକ୍ଷଣଶୀଳ ସମାଜରେ ନିର୍ଯାତିତା ମହିଳାମାନଙ୍କ ସ୍ୱାଧୀନତାର ସେ ହେଉଛନ୍ତି ଜୀବନ୍ତ ପ୍ରତିନିଧି। ବାସ୍ତବରେ ନର୍ଗିସ୍ ମହମ୍ମଦୀ ଜାନ-ଜିନ୍ଦେଗି-ଆଜାଦୀର ଅନ୍ୟ ଏକ ନାମ କହିଲେ ଅତ୍ୟୁକ୍ତି ହେବନାହିଁ...!!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

# ସରକାରୀ ମୁଖପତ୍ରରେ ଝାରସୁଗୁଡ଼ାର ସଫଳ ଚାଷୀ

## 'ପ୍ରଗତି ପ୍ରବାହ' ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉନ୍ମୋଚିତ ହୋଇଛି ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ'। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ଆଜି ମୁଖ୍ୟମନ୍ତ୍ରୀ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହି 'ପ୍ରଗତି ପ୍ରବାହ'କୁ ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି କହିବା ସହ ଏପରି ଏକ ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଛନ୍ତି। 'ପ୍ରଗତି ପ୍ରବାହ'ର ଉନ୍ମୋଚନ ଅବସରରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସମ୍ମାନିତ କରିବା ସହ ତାଙ୍କ ସଫଳତା ପାଇଁ

- **ମୁଖ୍ୟମନ୍ତ୍ରୀଙ୍କ ସହ ଉନ୍ମୋଚନ ସୁଯୋଗ ପାଇଲେ ଯୁବଚାଷୀ**
- **ଝାରସୁଗୁଡ଼ାର ସଫଳ ଚାଷୀ ହୃଦାନନ୍ଦ ସମ୍ବର୍ଦ୍ଧିତ**

ଶୁଭେଚ୍ଛା ଦେଇଛନ୍ତି। ଏଥିସହ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପିଏମ କିଷାନ ଓ ସିଏମ- କିଷାନ ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆମ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଆତ୍ମନିର୍ଭରଶୀଳ ଭାରତ'ର ଉଦ୍ଦେଶ୍ୟକୁ ପୂରଣ କରିପାରୁଛି। ଚାଷୀ ନିଜ ଫସଲ ମାଧ୍ୟମରେ କେବଳ ତା'ର ପରିବାର ନୁହେଁ, ବରଂ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି। ଏହା ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ମତ ଦେବା ସହ ସଫଳ ଚାଷୀ ଶ୍ରୀ ବିଶିଙ୍କ ସହ କଥା ହୋଇ ତାଙ୍କ ଅଞ୍ଚଳରେ ଚାଷୀମାନେ କ'ଣସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେନେଇ ପଚାରି ବୁଝିଛନ୍ତି।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ।ସୂଚନାଯୋଗ୍ୟ ଯେ ବିଏସ୍‌ସି, ଏମବିଏ ଓ ମେକାନିକାଲ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ୍ୟ ବାହାରେ ଚାକିରି ନ କରି ନିଜ ମାଟିରେ ସୁନା ଫଳାଇବା ନିଶାରେ ଶ୍ରୀ ବିଶି ଚାଷକୁ ଆପଣାଇଥିଲେ। ଆଧୁନିକ ଜ୍ଞାନକୌଶଳ ଦ୍ୱାରା ଚାଷ କରି ସେ ଆଜି ଜଣେ 'ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ ଉକ୍ତ 'ପ୍ରଗତି ପ୍ରବାହ'ରେ ସ୍ଥାନ ପାଇଛି।



ପ୍ରଗତି ପ୍ରବାହରେ ସ୍ଥାନ ପାଇଥିବା ଝାରସୁଗୁଡ଼ାର ଲଖନପୁର ଗ୍ରାମର ସଫଳ ଚାଷୀ ହୃଦାନନ୍ଦ ବିଶିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

## ଦ୍ୱିତୀୟ ଥର ପିଲାଙ୍କୁ ଉପହାର ଦେଲେ ରାଜ୍ୟପାଳ



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଆଜି ଲୋକଭବନ ଉଦ୍ୟାନ ଓ ଅଟଳ ବନ ପରିଦର୍ଶନ କରିବାକୁ ଆସିଥିବା ପିଲାମାନଙ୍କ ସହ ମିଶିବା ସହ ଖୁସି ବାଣ୍ଟିଥିଲେ। ଆଜି ଛୁଟି ଦିନ ଥିବାରୁ ଲୋକଭବନ ଉଦ୍ୟାନ ପରିଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟାରେ ଶିଶୁ ବି ଥିଲେ। ଚଳିତ ବର୍ଷ ଲୋକଭବନ ଉଦ୍ୟାନଗୁଡ଼ିକ ଜନସାଧାରଣଙ୍କ ପାଇଁ ଖୋଲା ହେବା ପରଠାରୁ ଶିଶୁ ପରିଦର୍ଶକଙ୍କ ସହ ରାଜ୍ୟପାଳଙ୍କର ଦ୍ୱିତୀୟ ଥର ଭାବବିନିମୟ କରିବାର ଅବସର ଥିଲା। ରାଜ୍ୟପାଳ ପିଲାମାନଙ୍କ ସହ ଅନୌପଚାରିକ ଭାବରେ ମିଶି ଭାବବିନିମୟ କରିବା ସହିତ ସେମାନଙ୍କୁ କଲମ, ଚିକି ଏବଂ ଚକୋଲେଟ ବଣ୍ଟନ କରିଥିଲେ। ଲୋକଭବନର ସ୍ପନ୍ଦନଶୀଳ ପରିବେଶରେ ଉଷ୍ମତା ଏବଂ ଆନନ୍ଦ ଭରି ଯାଇଥିଲା।

## ରେଳ ଧାରଣାରେ ଶୋଇପଡ଼ିଲା ମଦ୍ୟପ

**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ରେଳ ଧାରଣାରେ ଜଣେ ମଦୁଆ ଉନ୍ମତ୍ତ କାଣ୍ଡ କରିବା ଫଳରେ ଟ୍ରେନ୍ ଅଟକିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ମଦୁଆ ଜଣଙ୍କ ରେଳ ଧାରଣାରେ କରିଥିବା ହାଇଡ୍ରାମା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାଟି ରାଜମହଲ ଛକ ନିକଟରେ ଘଟିଥିବା ବେଳେ ଉକ୍ତ ମଦ୍ୟପ ଜଣଙ୍କ ନିକଟସ୍ଥ ଫାଳିକିଆ ବସ୍ତିରେ ରହୁଥିବା ଜଣାପଡ଼ିଛି। ଅଚାନକ ଯୁବକ ଜଣଙ୍କ ଓଭରବ୍ରିଜ୍ ତଳେ ଥିବା ରେଳ ଧାରଣାରେ ଶୋଇଯାଇଥିଲା। ତେବେ ସ୍ଥାନୀୟ ଲୋକେ ଏନେଇ ଖବର ଦେବାରୁ ଆର୍‌ପିଏଫ୍ ଓ ଜିଆର୍‌ପି ପହଞ୍ଚି ଉକ୍ତ ମଦ୍ୟପକୁ କାବୁ କରିଥିଲେ। ତେବେ ଏପରି ଏକ ଘଟଣା। ପରିପ୍ରେକ୍ଷୀରେ ରେଳ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଏଓଓବିଏର ବନ୍ଧୁମିଳନ ସମ୍ପନ୍ନ



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଅଲ୍ ଓଡିଶା ଅନଲାଇନ୍ ବାଇକ୍ ଆସୋସିଏସନ୍ (ଏଓଓବିଏ) ପକ୍ଷରୁ 'ବନ୍ଧୁ ମିଳନ-୨୦୨୬' କାର୍ଯ୍ୟକ୍ରମ ସ୍ଥାନୀୟ କୋରଡ଼କଣ୍ଟା କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବାଇକ୍ ଚାଳକମାନେ ଯୋଗଦେଇ ଉତ୍ସାହର ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ସଡ଼କ ସୁରକ୍ଷା ପାଇଁ ସଚେତନତା, ଏକତା ଓ ସାମାଜିକ ଦାୟିତ୍ୱବୋଧ ପ୍ରଚାର କରିବା। ଏହି ଅବସରରେ ବରିଷ୍ଠ ସଦସ୍ୟମାନେ ସୁରକ୍ଷିତ ଡ୍ରାଇଭିଂ ଓ ସାମାଜିକ ସେବା ବିଷୟରେ ମୂଲ୍ୟବାନ ମତାମତ ରଖିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ଉତ୍ସାହଜନକ ଓ ଅର୍ଥପୂର୍ଣ୍ଣ ରହିଥିଲା। କାର୍ଯ୍ୟକ୍ରମରେ ଅଧକ୍ଷ ଅସ୍ମିତ ଦାସ ଓ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ।

## ୧୫ ଶିଳ୍ପୀଙ୍କ ଆଧୁନିକ ଭାସ୍କର୍ଯ୍ୟ ପ୍ରଦର୍ଶିତ



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଧଉଳି ପାଦଦେଶସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ମୂର୍ତ୍ତିକଳା ବିଭାଗର ୧୫ ଜଣ ଶିଳ୍ପୀଙ୍କୁ ନେଇ ଚାଲିଥିବା ଏକ ୧୫ଦିନିଆ ପ୍ରସ୍ତର ଭାସ୍କର୍ଯ୍ୟ କଳା ଶିବିର ଆଜି ଉଦ୍‌ଯାପିତ ହୋଇଛି। ଶିବିରକୁ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ, ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ମୂର୍ତ୍ତିକଳା ବିଭାଗର ଅଧାପକ ଚନ୍ଦନ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅଧାପିକା ସୋଫିୟା ୟାସ୍ମିନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଏହି ଶିବିରରେ ଆରିୟନ ସାମଲ, ବୃନ୍ଦାବନ ପଣ୍ଡା, ଗଣେଶ ମୁଣ୍ଡା, ପ୍ରତିଭା ବେହେରା, ଦେବରାଜ ମହାରଣା, ସୁମିତ କୁମାର ଦାଶ, ଏସ. ନାୟକ, ଦୀପକ କୁମାର ସାହୁ, ଶୁଭମ ଦାସ, ସୂରଜ କୁମାର ଭୋଇ, ପ୍ରଦତ୍ତ ଭକ୍ତା, ଶିବ ପ୍ରସାଦ ସ୍ୱାଇଁ, ସୁର ପ୍ରସାଦ ବିଶ୍ୱାଳ, ପ୍ରୀତିନନ୍ଦା ସାହୁ ଓ ସୌମ୍ୟକାନ୍ତ ସ୍ୱାଇଁ ଏହି ମୂର୍ତ୍ତିକଳା କର୍ମଶାଳାରେ ଅଂଶଗ୍ରହଣ କରି ନିଜ ନିଜ ସୁନ୍ଦର ସୃଜନଶୀଳ ପ୍ରସ୍ତର ଭାସ୍କର୍ଯ୍ୟ ନିର୍ମାଣ କରିଥିଲେ। ଏହି ଅବସରରେ ଅଧାପକ ରାମଶଙ୍କର ସାହୁ, ସୁଭାଷ ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇ ବିଜେଡି ବିଧାୟକଙ୍କ ନିଲମ୍ବନ ପ୍ରସଙ୍ଗ

## ବିଶ୍ୱାସଘାତକତା ଅଭିଯୋଗ ଆଣିଲା ଦଳ




**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ବିଜେଡିକୁ ଦୁର୍ବଳ କରିବା ପାଇଁ ଷଡଯନ୍ତ୍ର ସହ କର୍ମୀଙ୍କ ପ୍ରତି ନିଲମ୍ବିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଶ୍ୱାସଘାତକତା କରିଛନ୍ତି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ସଂଗଠକ ଅମରେଶ ପତ୍ରୀ କହିଛନ୍ତି ଯେ ଦଳକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ରର ଅଂଶ ଭାବେ ଉଭୟ ନିଲମ୍ବିତ ବିଧାୟକ କାର୍ଯ୍ୟକରି ଆସୁଥିଲେ। ଦଳ ସଭାପତି ନବୀନ ପଟ୍ଟନାୟକ ଶ୍ରୀ ମହାପାତ୍ରଙ୍କ ଦ୍ୱାରା ସୁଯୋଗ ପାଇ ବିଧାୟକ ହୋଇଥିବା ଅରବିନ୍ଦ ନିୟମିତ ଭାବେ ଦଳୀୟ କର୍ମୀଙ୍କୁ ଅଣଦେଖା କରିଆସୁଥିଲେ।

> **ବାପାଙ୍କ ରାସ୍ତାରେ ଚାଲୁଛନ୍ତି ପାଟକୁରା ବିଧାୟକ**

ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ। ଏପରିକି ନିର୍ବାଚନ ସମୟରେ ବି ସେ ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ କରିଥିଲେ। ପାଟକୁରାରେ ବାପା-ପୁଅଙ୍କ ଦଳ ଚାଲିଥିଲା। ଦଳ ବିରୋଧରେ ଅରବିନ୍ଦ କ'ଣସବୁ ଷଡ଼ଯନ୍ତ୍ର କରିଥିଲେ, ତାହା ସେ ନିଜକୁ ପଚାରନ୍ତୁ ବୋଲି କହିଛନ୍ତି ଶ୍ରୀ ପତ୍ରୀ। ଏଥିସହ ଅତୀତରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ର ଯେଭଳି ଷଡ଼ଯନ୍ତ୍ର କରିଥିଲେ, ଆଜି ତାଙ୍କ ଅରବିନ୍ଦ ବିଜୁନନ୍ଦନଙ୍କ ପ୍ରତି ସେହିଭଳି ବିଶ୍ୱାସଘାତକତା ଯୋଜନାରେ ଥିଲେ ବୋଲି ଶ୍ରୀ ପତ୍ରୀ ଅଭିଯୋଗ କରିଛନ୍ତି।

ସେହିପରି ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଗତ ତିନି ଦଶନ୍ଧି ମଧ୍ୟରେ ଶ୍ରୀ ପଟ୍ଟନାୟକ ଅନେକ ଯୁବ ପ୍ରତିଭାଙ୍କୁ ସାଧାରଣ ଜୀବନରେ ପ୍ରତିଷ୍ଠିତ ହେବା ପାଇଁ ସୁଯୋଗ ଦେଇଛନ୍ତି। ଏହି କ୍ରମରେ ଅରବିନ୍ଦଙ୍କୁ ମଧ୍ୟ ସେ ସୁଯୋଗ ଦେଇଥିଲେ। କିନ୍ତୁ ସୁଯୋଗ ଅପବ୍ୟବହାର କରି ଅରବିନ୍ଦ ଲୋକଙ୍କ ସେବା କରିବା ପରିବର୍ତ୍ତେ ବିଶୃଙ୍ଖଳିତ ହେବା ଦୁର୍ଭାଗ୍ୟଜନକ। ଆଉ ଦଳରେ ବିଶୃଙ୍ଖଳାର ସ୍ଥାନ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ରାଜ୍ୟରେ ଗୋ-ଚାଲାଣକାରୀଙ୍କ ସ୍ଥାନ ନାହିଁ



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରରେ ଗୋ ଚାଲାଣକାରୀଙ୍କ ପାଇଁ କୌଣସି ସ୍ଥାନ ନାହିଁ। ଖୋଜି ଖୋଜି ସମସ୍ତଙ୍କୁ ଗିରଫ କରାଯିବ। ଗତ ସରକାର ସମୟରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟାରେ ଗୋ-ମାଫିଆମାନେ ସକ୍ରିୟ ଥିଲେ। ମାତ୍ର ବିଜେପି ସରକାରରେ ତାହାକୁ କଦାପି ପ୍ରଶ୍ରୟ ଦିଆଯିବ ନାହିଁ। ଏପରି କିଛି କହି ରାଜ୍ୟରେ ସକ୍ରିୟ ଥିବା ଗୋ-ଚାଲାଣକାରୀଙ୍କୁ ସିଧା ସିଧା ଚେତାବନୀ ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି ଯେ ଗୋମାଂସ ଚାଲାଣକାରୀମାନେ ତୁରନ୍ତ ସୁଧୁରିଯିବା ଦରକାର। କାରଣ ରାଜ୍ୟରେ ଏବେ ବି ୧୯୬୦ ଗୋ-ହତ୍ୟା ଆଇନ ବଳବତ୍ତର ରହିଛି। ଏଥିରେ ଆହୁରି ସଂସ୍କାର ଆଣି ବିଜେପି ସରକାର ଗୋ-ଚାଲାଣକାରୀଙ୍କୁ ସାବାଡ଼ କରିବା ସକାଶେ ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ତାଙ୍କ କହିବା କଥା ଯେ ଗୋ-ଚାଲାଣ ରୋକିବା ସକାଶେ ଜନସାଧାରଣଙ୍କ ମଧ୍ୟରେ ଏକ ସମ୍ବେଦନଶୀଳତା ପ୍ରକାଶ ପାଇବା ଉଚିତ। ବିଶେଷକରି ଯେଉଁମାନେ କୁକୁର ପାଳୁଛନ୍ତି ସେମାନେ ବି ଗୋ-ମାତାଙ୍କୁ ପାଳିବା ଦରକାର। ଗତକାଲି ରାଜ୍ୟର ୫ଟି ସ୍ଥାନରେ ଚଢ଼ାଉ କରାଯାଇ ଗୋ-ମାଫିଆମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଗୋ-ମାଂସ ଚାଲାଣକାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ବିଜେଡି ସରକାର ସମୟରେ ଗୋ-ମାଫିଆମାନେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟାରେ ସକ୍ରିୟ ଥିଲେ।

### ଅନୁସୂଚିତ ଜାତି ଜମି ବିକ୍ରି ମାମଲା

## ସରକାରଙ୍କ ବିନାନୁମତିରେ ଜମି ବିକିବା ଅବୈଧ: ହାଇକୋର୍ଟ

**କଟକ, ୧୮।୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅନୁମତି ବିନା ଅନୁସୂଚିତ ଜାତି (ଏସ୍‌ସି ) ବର୍ଗର ଜମି ବିକ୍ରି କରିବା ଅବୈଧ ବୋଲି ହାଇକୋର୍ଟ କହିଛନ୍ତି। ରମଣୀମଣି ବେହେରାଙ୍କ ପକ୍ଷରୁ ଆଗତ ମାମଲା ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ଏକ ରାୟ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ



ମୟୂରଭଞ୍ଜ ଜିଲ୍ଲାର ରମଣୀମଣି ବେହେରା (ସାଧାରଣ ବର୍ଗ) ୧୯୬୯ ଓ ୧୯୭୨ରେ ଭାଗବତ ବେହେରା ଓ ଶମ୍ଭୁ ବେହେରା (ଅନୁସୂଚିତ ଜାତି)ଙ୍କଠାରୁ କିଛି ଜମି କିଣିଥିଲେ। ଓଡ଼ିଶା ଭୂସଂସ୍କାର ଅଧିନିୟମ (ଓଏଲଆର ଆକ୍ଟ)ର ଧାରା ୨୨ ଅନୁଯାୟୀ, ଏଭଳି ବିକ୍ରି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ଆବଶ୍ୟକ। କିନ୍ତୁ ଏହି ଜମି ବିକ୍ରିଖର୍ଦ୍ଦି ପୂର୍ବରୁ ଏଭଳି କୌଣସି ଅନୁମତି ନିଆଯାଇ ନଥିଲା। ଏହି ଆଧାରରେ ତାଙ୍କ ଆବେଦନକୁ ମୟୂରଭଞ୍ଜ ଜିଲ୍ଲାପାଳ ଖାରଜ କରିଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତିରେ କୁହାଯାଇଥିଲା ଯେ ସେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଜମିକୁ ଦଖଲ କରି ରଖିଥିବାରୁ ଏହା ଉପରେ ତାଙ୍କର ମାଲିକାନା ସତ୍ତ୍ୱ ରହିଛି। ତେଣୁ ସେ ଏହି ଜମିର ପ୍ରକୃତ ମାଲିକ। ଏହି କାରଣରୁ ତାଙ୍କ ନାମରେ ଏହି ଜମିକୁ କରାଯିବା ସକାଶେ ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ। ଏହି ମାମଲାରେ ହାଇକୋର୍ଟ କହିଛନ୍ତି ଯେ ଯଦି କୌଣସି ଜମି ହସ୍ତାନ୍ତର ଆଇନଗତ ଅନୁସାରେ ଅବୈଧ, ତା'ହେଲେ ସେଠାରେ 'ପ୍ରତିକୂଳ ଦଖଲ' (ଆଡଭର୍ସ ପଜେସନ୍) ନେଇ ଦାବି ଗ୍ରହଣଯୋଗ୍ୟ ନୁହେଁ। ଏହି ଆଧାରରେ ହାଇକୋର୍ଟ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରିବା ସହ ଜିଲ୍ଲାପାଳଙ୍କ ଆଦେଶକୁ କାଏମ୍ ରଖିଛନ୍ତି।

### ମନରେଗାର ନାମ ପରିବର୍ତ୍ତନ ପ୍ରସଙ୍ଗ

## ଆଜି ରାଜ୍ୟସ୍ତରୀୟ ସତ୍ୟାଗ୍ରହ




**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଆସନ୍ତାକାଲି ଲୋୟର ପିଏମଜିଠାରେ ମନରେଗା ବଞ୍ଚାଅ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଏହି ପରିପେକ୍ଷୀରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଏଥିରେ ସଙ୍ଗଠନର ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସ ଓ ସମ୍ପାଦକ ବିଜୟ ପ୍ରଧାନ ମନରେଗାର ନାମ ପରିବର୍ତ୍ତନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି।

ଶ୍ରୀ ଦାଶ କହିଛନ୍ତି ଯେ ଗତ ସଂସଦୀୟ ଅଧିବେଶନରେ କେନ୍ଦ୍ର ସରକାର ଐତିହାସିକ ଆଇନ ମନରେଗାକୁ ବିକୃତ ଏବଂ କଦାକାର କରି ଜାତିର ପିତା ମହାତ୍ମା ଗାନ୍ଧିଙ୍କ ନାମକୁ ବାଦ ଦେଇଛନ୍ତି। ଏହା ସମଗ୍ର ଦେଶ ପାଇଁ ଏକ ନିନ୍ଦନୀୟ ଘଟଣା। ଏଥିସହ ଆଇନରେ ଥିବା ବିଭିନ୍ନ ନିୟମକୁ ନଷ୍ଟ କରି ଦିଆଯାଇଛି। ଏହି ଆଇନ ବଳରେ ପର୍ଯ୍ୟାୟ କ୍ରମେ ୧୨ କୋଟି ପରିବାରଙ୍କୁ କର୍ମସଂସ୍ଥାନ ଦେଇଥିଲା। ତଳ ସ୍ତରରେ ଥିବା ଗରିବ ଲୋକମାନଙ୍କ ଦାବୀ ମୁତାବକ କର୍ମ ଯୋଗେଇ ଦେବାରେ ଏହି ଆଇନ ସମର୍ଥ ହେଉଥିଲା। କିନ୍ତୁ ଏହାକୁ ଭିବି ଜି ରାମ ଜି ଆଇନରେ ହଟାଇ ଦିଆଯାଇଛି। ଏହି ଆଇନରେ ସାଧାରଣ ଲୋକଟି ଗ୍ରାମ ପାଖରେ କାମ ପାଇବା ଦୁଃସ୍ୱପ୍ନ। ଏହି ପରିପେକ୍ଷୀରେ ଜାତୀୟ କଂଗ୍ରେସ ପକ୍ଷରୁ ଦେଶସାରା ମନରେଗା ବଞ୍ଚାଅ ସଂଗ୍ରାମ ଏଆଇସିସିର ପୂର୍ବତନ ସଭାପତି ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଜାରି ରହିଛି। ଗ୍ରାମାଞ୍ଚଳର ଗରିବଗୁରୁବାଙ୍କୁ ନ୍ୟାୟ ଦେବା ସକାଶେ ତୁରନ୍ତ କେନ୍ଦ୍ର ସରକାର ମନରେଗା ଆଇନର ପୁନଃ ପ୍ରଣୟନ ଦାବି ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ମିଳିତ ଭାବେ ଆସନ୍ତାକାଲି ଏକ ରାଜ୍ୟସ୍ତରୀୟ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଏହି ଅବସରରେ ରାଜ୍ୟପାଳଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯିବ ବୋଲି ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ଅଧକ୍ଷ ଡଃ ସୁନୀଲ ପନୱାର ଓ ଉପାଧକ୍ଷ କୁନାଲ ବାନାର୍ଜୀଙ୍କ ସହ ହଜାର ହଜାର କର୍ମକର୍ତ୍ତା ଯୋଗଦେବେ ବୋଲି ସେ କହିଛନ୍ତି। ସଙ୍ଗଠନ ସାଧାରଣ ସମ୍ପାଦକ ବିଜୟ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ବରମୁଣ୍ଡା-ଜାଗମରା ରାସ୍ତାରେ ମେଳା ଭ୍ରମ

**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ନୃତ୍ୟ ଓ ଗୀତରେ ଦୁଲୁକିଲା ବରମୁଣ୍ଡା-ଜାଗମରା ନୂଆ ରାସ୍ତା। ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆୟୋଜିତ ଦ୍ୱିତୀୟ ପଥ ଉତ୍ସବରେ ଦର୍ଶକ ଭରପୂର ମଜା ନେଇଛନ୍ତି। ଦୀର୍ଘ ଏକ କିମି ବ୍ୟାପୀ ମେଳିଥିଲା ମନୋରଞ୍ଜନର ପସରା। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର

> **ବିଏମ୍‌ସିର ଦ୍ୱିତୀୟ ପଥ ଉତ୍ସବ**
> **ଝୁମାଇଲେ ଦିପ୍ତୀରେଖା ଓ ଜୟଶ୍ରୀ**

ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ। ଏହାଛଡ଼ା ଏକାମ୍ର ବିଧାୟକ ବାବୁ ସିଂ, ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ରାମଚନ୍ଦ୍ର ରଣସିଂହ, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ଅଧକ୍ଷାଙ୍କ ସହ ବହୁ କର୍ପୋରେଟର୍ ମଞ୍ଚାସୀନ ଥିଲେ। ଏହି ଅବସରରେ ଦ୍ୱିତୀୟ ପଥ ଉତ୍ସବ ମଞ୍ଚ ଉପରେ ରହିଥିବା ଗଛରେ ପାଣି ଦେଇ ଅତିଥିମାନେ ସବୁଜ ଭୁବନେଶ୍ୱରର ବାର୍ତ୍ତା ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅତିଥିମାନଙ୍କ ଅଭିଭାଷଣ ପରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ପଥ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ। ମଞ୍ଚ ଉପରକୁ ପ୍ଲେ ବ୍ୟାକ୍ ସିଙ୍ଗର ଦୀପ୍ତିରେଖା ପାଢ଼ୀ ଉଠିବା ମାତ୍ରେ ଦର୍ଶକମାନେ ମତୁଆଲା ହୋଇଉଠିଥିଲେ। ଆଜିର ପଥ ଉତ୍ସବରେ ନୂଆ ନୂଆ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ଫେସ୍ ପେଣ୍ଟିଂ ଷ୍ଟଲରେ ଯଥେଷ୍ଟ ଭିଡ଼ ଜମିଥିଲା। କୁନି କୁନି ଶିଶୁମାନେ ଚିତ୍ରାଙ୍କନ କରୁଥିବା ବେଳେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ରଙ୍ଗବେରଙ୍ଗ ଝୋଟିରେ ପୂରା ରାସ୍ତାକୁ ରଙ୍ଗିନମୟ କରିଦେଇଥିଲେ। ଶତାଧିକ ଶିଶୁ, କିଶୋରକିଶୋରୀ, ଯୁବକଯୁବତୀ ମଞ୍ଚକୁ ଏକରକମ ଦୁଲୁକେଇ ଦେଇଥିଲେ। ହଜାର ହଜାର ଦର୍ଶକଙ୍କ କରତାଳିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। କେବଳ ସେତିକି ନୁହେଁ, ଦ୍ୱିତୀୟ ମଞ୍ଚରେ ମଧ ଡିଜେର ତାଳେ ତାଳେ ମତୁଆଲା ହୋଇଥିଲେ ଦେଖଣାହାରୀ। ପାରମ୍ପାରିକ ନୃତ୍ୟ, ଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ, କିଡ୍ସ କିଙ୍ଗଡମ୍, ପଜଲ ଗେମ୍, ଲୁଡୁ, ବାଘ ନାଚ ଓ ୩୬୦ ଡିଗ୍ରୀ କ୍ୟାମେରାର ମଜ୍ଜା ନେଇଥିଲେ ଦର୍ଶକ। ସାଇକ୍ଲିଂ, ସ୍କେଟିଂ ସହ ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଖେଳକୁଦର ବ୍ୟବସ୍ଥା କରାଯାଇଥିଲା।



## ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ

**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଭାରତୀୟ ରେଳବାଇ ସାନ୍ତ୍ରାଗାଛି (କୋଲକାତା) - ତାମ୍ବରମ୍ (ଚେନ୍ନାଇ) ଅମୃତ ଭାରତ ଏକ୍ସପ୍ରେସ୍ ସେବାର ଆରମ୍ଭ କରିଛି। ଏହା ଆଧୁନିକ, ସୁଲଭ ଓ ଅନ୍ତର୍ଭୁକ୍ତ ରେଳ ସଂଯୋଗୀକରଣ ଦିଗରେ ରେଳବାଇ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଉଦଘାଟନୀ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଯାହା ପୂର୍ବ ଭାରତକୁ ଦକ୍ଷିଣ ଭାରତ ସହ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦୂରଗାମୀ ରେଳ ସେବାର ଶୁଭାରମ୍ଭକୁ ସୂଚିତ କରୁଛି। ଏହି ଅମୃତ ଭାରତ ଏକ୍ସପ୍ରେସ୍ ଆରମ୍ଭ ହେବା ଦ୍ୱାରା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁକୁ ସଂଯୋଗ କରୁଥିବା ଏକ ଦୃଢ଼ ନୂତନ ରେଳ କରିଡର ପ୍ରତିଷ୍ଠା ହେବ। ଏହାଦ୍ୱାରା ଆନ୍ତଃ ଆଞ୍ଚଳିକ ରେଳ ସଂଯୋଗୀକରଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ଏହି ସେବା ଓଡ଼ିଶା ପାଇଁ ବିଶେଷ ଲାଭଦାୟକ ହେବ, କାରଣ ଏହା ଉନ୍ନତ ରେଳ ସମନ୍ୱୟ ମାଧ୍ୟମରେ ଦେଶର ବିଭିନ୍ନ ଅଂଶକୁ ଦ୍ରୁତ ଓ ଅଧିକ ଆରାମଦାୟକ ପ୍ରବେଶ ପ୍ରଦାନ କରିବ। ଏହି ସେବା ଚିକିତ୍ସା, ଶିକ୍ଷା, ନିଯୁକ୍ତି, ପର୍ଯ୍ୟଟନ ଓ ତୀର୍ଥ କରୁଥିବା ଯାତ୍ରୀମାନଙ୍କୁ ବିଶେଷ ଭାବେ ଫାଇଦା ଦେବ ବୋଲି ଆଶା କରାଯାଉଛି। ବିଶେଷକରି ଚେନ୍ନାଇ ଓ କୋଲକାତା ଭଳି ସହରଗୁଡ଼ିକୁ ଯାହା ଉନ୍ନତ ଚିକିତ୍ସା ସେବା ଓ ଆର୍ଥିକ କାର୍ଯ୍ୟକଳାପର ପ୍ରମୁଖ କେନ୍ଦ୍ର।




ଅମୃତ ଭାରତ ଏକ୍ସପ୍ରେସ ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ୍ ଟ୍ରେନ ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଓ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରିଆସୁଛି। ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲ୍‌ଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଓ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଆଲୋଚ୍ୟ ୦୬୧୦୮ ନମ୍ବରବିଶିଷ୍ଟ ଟ୍ରେନ୍ ଆଜି ସାନ୍ତ୍ରାଗାଛିରୁ ଅପରାହ୍ନ ୨ଟା ୪୫ ମିନିଟ୍‌ରୁ ବାହାରିଥିବା ବେଳେ ଆସନ୍ତାକାଲି ସନ୍ଧ୍ୟା ୬ଟା ୪୫ ମିନିଟ୍ ସମୟରେ ତାମ୍ବରମ୍‌ଠାରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ, ବ୍ରହ୍ମପୁର, ପାଲାସା, ବିଜୟନଗରମ୍ ଓ ଦୁଭଭଡା ସମେତ ପୂର୍ବତଟ ରେଳର ପ୍ରମୁଖ ଷ୍ଟେସନ ଦେଇ ଗତି କରିବ। ଏହି ଯାତ୍ରା ସମୟରେ ଟ୍ରେନ୍‌ଟି ଖଡ଼ଗପୁର, ବାଲେଶ୍ୱର, ରଣିତାଲ, ଶ୍ରୀକାକୁଲମ୍ ରୋଡ୍, କୋଟାଭାଲାସା, ପେଣ୍ଡୁରତି, ସିମାଚଲମ୍ ଉତ୍ତର, ଅନକପାଲ୍ଲୀ, ସାମଲକୋଟ, ରାଜମନ୍ଦ୍ରୀ, ଏଲୁରୁ, ବିଜୟୱାଡା, ଟେନାଲି, ଚିରାଲା, ଅଙ୍ଗୋଲେ, ନେଲୋର, ସଲୁରୁପେଟା ଓ ଚେନ୍ନାଇ ଏଗମୋରଠାରେ ରହଣି କରିବ

## ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

**ଜଳେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ନମ୍ବର ଜାତୀୟ ରାଜପଥର ନାମ୍ପୋ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ଦୁଇ ଯୁବକ ହେଲେ ନାଚିନ୍ଦା ପଞ୍ଚାୟତ ବାଗ ଗ୍ରାମର ଧନଞ୍ଜୟ ସାହୁଙ୍କ ପୁତ୍ର ଗୌତମ ସାହୁ(୧୮) ଓ ଅଦୈତ୍ୟ ମହାପାତ୍ରଙ୍କ ପୁତ୍ର ଚନ୍ଦ୍ର ଶେଖର ମହାପାତ୍ର (୨୨)। ସେମାନେ ଏକ ବାଇକ୍‌ରେ ଜଳେଶ୍ୱର ଷ୍ଟେସନକୁ ଯାଉଥିବା ବେଳେ ଭୋର ସାଢେ ୪ଟାରେ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ନାମ୍ପୋ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୧୯ ଜାନୁଆରୀ ୨୦୨୬, ଭୁବନେଶ୍ୱର

Monday 19 January 2026, Bhubaneswar


# ବିଜେପି ଇତିହାସରେ ନୂଆ ଅଧ୍ୟାୟ



ଭାରତୀୟ ରାଜନୀତିରେ ବିଜେପି ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହୋଇଛି। ଏହି ଦଳର ଜାତୀୟ ସଭାପତି ନିର୍ବାଚନ ସମଗ୍ର ଦେଶର ରାଜନୈତିକ ପରିବେଶକୁ ପ୍ରଭାବିତ କରିଥାଏ। ୨୦୨୬ ଜାନୁଆରୀ ୧୮ ତାରିଖରେ ଆମେ ଦେଖୁଛୁ ଯେ ବିଜେପି ତାର ନୂତନ ସଭାପତିଙ୍କୁ ନିର୍ବାଚନ କରିବାର ପ୍ରକ୍ରିୟାରେ ଯୋଗ ଦେଇଛି। ଜାନୁଆରୀ ୧୯ରେ ନାମାଙ୍କନ ଦାଖଲ ଏବଂ ୨୦ରେ ନିର୍ବାଚନ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ନିର୍ବାଚନରେ ନିତିନ ନବିନଙ୍କୁ ଅବିରୋଧରେ ନିର୍ବାଚିତ ହେବାର ସମ୍ଭାବନା ବହୁତ ଅଧିକ, ଯାହା ଦଳର ଅନ୍ତର୍ଗତ ଏକତାକୁ ପ୍ରତିଫଳିତ କରୁଛି।

ବିଜେପିର ସଭାପତି ନିର୍ବାଚନ ପ୍ରକ୍ରିୟା ଏକ ଗଣତାନ୍ତ୍ରିକ ପ୍ରକ୍ରିୟା ଭାବରେ ଜଣାଶୁଣା। ଦଳର ସଦସ୍ୟମାନେ ନିର୍ବାଚନରେ ଭାଗ ନେଇ ନେତୃତ୍ୱ ଚୟନ କରନ୍ତି। ପୂର୍ବବର୍ତ୍ତୀ ସଭାପତି ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳରେ ଦଳ ଅନେକ ସଫଳତା ହାସଲ କରିଛି, ଯେପରିକି ୨୦୨୪ ଲୋକସଭା ନିର୍ବାଚନରେ ବିଜୟ ଏବଂ ବିଭିନ୍ନ ରାଜ୍ୟରେ ସରକାର ଗଠନ। କିନ୍ତୁ ଏବେ ନୂତନ ନେତୃତ୍ୱର ଆବଶ୍ୟକତା ଅନୁଭୂତ ହେଉଛି, ଯାହା ଦଳକୁ ଆହୁରି ଶକ୍ତିଶାଳୀ କରିବ। ନିତିନ ନବିନ, ଯିଏକି ଦଳର କାର୍ଯ୍ୟକାରୀ ସଭାପତି ଭାବରେ କାର୍ଯ୍ୟରତ, ତାଙ୍କର ଅନୁଭବ ଏବଂ ନେତୃତ୍ୱ ଗୁଣ ଯୋଗୁଁ ଏହି ପଦବୀର ଯୋଗ୍ୟ ପ୍ରାର୍ଥୀ ବୋଲି ବିବେଚନା କରାଯାଉଛି। ଉତ୍ତରପ୍ରଦେଶର ଶୀର୍ଷ ନେତାମାନଙ୍କର ସମର୍ଥନ ତାଙ୍କୁ ଆହୁରି ବଳବତ୍ତର କରୁଛି।

ଏହି ନିର୍ବାଚନର ରାଜନୈତିକ ମହତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଜେପି ଏବେ କେନ୍ଦ୍ରରେ ସରକାର ଗଠନ କରିଛି ଏବଂ ଆଗାମୀ ନିର୍ବାଚନମାନଙ୍କୁ ଦୃଷ୍ଟିରେ ରଖି ଦଳର ସଂଗଠନକୁ ମଜବୁତ କରିବା ଆବଶ୍ୟକ। ନିତିନ ନବିନଙ୍କର ନେତୃତ୍ୱରେ ଦଳ ଯୁବକମାନଙ୍କୁ ଆକର୍ଷିତ କରିବା, ମହିଳା ଏବଂ ଦଳିତ ସମୁଦାୟର ସମର୍ଥନ ବଢାଇବା ଏବଂ ବିରୋଧୀ ଦଳମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି। ତାଙ୍କର ପୂର୍ବବର୍ତ୍ତୀ ଅନୁଭବ, ଯେପରିକି ବିଭିନ୍ନ ରାଜ୍ୟରେ ସଂଗଠନ ମଜବୁତ କରିବା, ଏହି ଦିଗରେ ସହାୟକ ହେବ। କିନ୍ତୁ ପ୍ରଶ୍ନ ଉଠୁଛି ଯେ ବିନା ପ୍ରତିଦ୍ୱନ୍ଦିତାରେ ଏହି ନିର୍ବାଚନ କ'ଣ ଦଳର ଅନ୍ତର୍ଗତ ଗଣତନ୍ତ୍ରକୁ ଦୁର୍ବଳ କରୁଛି? ଅଧିକ ପ୍ରତିଦ୍ୱନ୍ଦ୍ୱିତା ଥିଲେ ଦଳର ନେତୃତ୍ୱ ଆହୁରି ସକ୍ରିୟ ହୋଇପାରିଥାନ୍ତା।

ଓଡ଼ିଶାର ପରିପ୍ରେକ୍ଷ୍ୟରେ ଏହି ନିର୍ବାଚନର ପ୍ରଭାବ ବିଶେଷ। ବିଜେପି ରାଜ୍ୟରେ ସରକାର ଗଠନ କରିଛି ଏବଂ ନୂତନ ଜାତୀୟ ନେତୃତ୍ୱ ରାଜ୍ୟ ସ୍ତରରେ ନୀତିନିର୍ଦ୍ଧାରଣକୁ ପ୍ରଭାବିତ କରିବ। ଓଡ଼ିଶାର ବିକାଶ, ଶିକ୍ଷା ଏବଂ ରୋଜଗାର କ୍ଷେତ୍ରରେ କେନ୍ଦ୍ରୀୟ ସହାୟତା ବଢ଼ିବାର ଆଶା ରହିଛି। କିନ୍ତୁ ଦଳର ଅନ୍ତର୍ଗତ ବିବାଦମାନଙ୍କୁ ସମାଧାନ କରିବା ଆବଶ୍ୟକ, ଯେପରିକି କେତେକ ରାଜ୍ୟରେ ଅସନ୍ତୋଷ। ନିତିନ ନବିନଙ୍କର ନେତୃତ୍ୱ ଏହି ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ସଫଳ ହେବ କି?

ସାରାଂଶରେ, ବିଜେପିର ଏହି ନିର୍ବାଚନ ଦଳର ଭବିଷ୍ୟତକୁ ନିର୍ଧାରଣ କରିବ। ନୂତନ ସଭାପତିଙ୍କର ନେତୃତ୍ୱରେ ଦଳ ଆହୁରି ସଂଗଠିତ ଏବଂ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଏହା ଭାରତୀୟ ରାଜନୀତିରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇପାରେ, ଯାହା ଦେଶର ବିକାଶ ଏବଂ ସ୍ଥିରତାକୁ ପ୍ରଭାବିତ କରିବ। ଆମେ ଆଶା କରୁଛୁ ଯେ ଏହି ନେତୃତ୍ୱ ପରିବର୍ତ୍ତନ ଦେଶର ହିତରେ ହେବ।

# କିଶୋର ନ୍ୟାୟ ବ୍ୟବସ୍ଥା



**ଗଙ୍ଗାଧର ସାମଲ**

ଆମ ଦେଶରେ କିଶୋର ମାନଙ୍କ ନ୍ୟାୟ ସମ୍ପର୍କରେ ଯେତେ ଆଲୋଚନା ହୋଇଥାଏ ସେ ପରିମାଣର କିନ୍ତୁ ନିର୍ଯ୍ୟାସରେ କିଛି ପହଞ୍ଚି ପାରିନଥାଏ। ନିକଟରେ ସରକାରୀ ଭାବେ ଭାରତୀୟ ନ୍ୟାୟ ରିପୋର୍ଟର ପରିସଂଖ୍ୟାନର ଚିତ୍ର ଯାହା କହୁଛି ସେଥିରୁ ସୁସ୍ପଷ୍ଟ ଯେ ଏଯାବତ୍ ଆଇନ ପାଇବା ପାଇଁ କିଶୋର ନ୍ୟାୟ ବ୍ୟବସ୍ଥା ସଠିକ ଭାବେ ଯଥାର୍ଥ ପରିମାଣରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏବେ ବି ସମଗ୍ର ଦେଶରେ ୩୬୨ଟି କିଶୋର ନ୍ୟାୟବୋର୍ଡ଼ ବା ଜେଜେବି ଗୁଡ଼ିକରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଛି। ଏଥିରେ ଓଡ଼ିଶାର ରେକର୍ଡ଼ ଅତି ଖରାପ। ଏଠାରେ ପେଣ୍ଡେନସୀ ବା ବିଚାର କାଳ ୮୩ ପ୍ରତିଶତ ଯାହା ଖୁବ ଅଧିକ। ଦେଶର ସବୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଜେଜେବି ଥିଲେ ମଧ୍ୟ ୨୫ ପ୍ରତିଶତରେ ପୁରା ବେଞ୍ଚ ନାହିଁ ଅଥଚ ଏଥିରେ ମାତ୍ର ଜଣେ ମାଜିଷ୍ଟ୍ରେଟ ଓ ଦୁଇଜଣ ସାମାଜିକ କର୍ମୀ ଆବଶ୍ୟକ। ଏକ ତୃତୀୟାଂଶ ବୋର୍ଡ଼ରେ ବିଧିଗତ ସେବା କ୍ଲିନିକ ନାହିଁ, ଯାହା ଆଇନ ଅନୁସାରେ ଆବଶ୍ୟକ। ପ୍ରତି ଜେଜେବିରେ ୧୫୨ଟି କେସ ପଡ଼ି ରହିଛି। ସେ ସବୁରୁ କେବଳ ୧୧ଟି କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁସାରେ ଆବଶ୍ୟକ ୭ଟି ଯାକ ମାନକକୁ ପୂରଣ କରୁଛନ୍ତି। ୧୪ଟି ରାଜ୍ୟ ଗୁରୁତର ଅପରାଧରେ ଲିପ୍ତ ୧୬ରୁ ୧୮ ବର୍ଷ ବୟସ୍କଙ୍କ ପାଇଁ ସୁରକ୍ଷିତ ସ୍ଥାନ ସ୍ଥାପନ କରିନାହାନ୍ତି।

ଯେଉଁ ସର୍ଭେ ଉପରେ ଉପରୋକ୍ତ ରିପୋର୍ଟ ଉପରେ ଆଧାରିତ ତାହା କିଶୋର ନ୍ୟାୟ ଆଇନ କିଭଳି କାମ କରି ଆସିଛି ତାର ମୂଲ୍ୟାୟନ ଲାଗି ଉଦ୍ଦିଷ୍ଟ ଥିଲା। ତାର ଫଳାଫଳ ଗୁରୁତର ଉଦବେଗ ସୃଷ୍ଟି କରିଛି। ଦେଶରେ ପ୍ରାୟ ୫୦ ହଜାର ଶିଶୁ କିଶୋର ନ୍ୟାୟ ବୋର୍ଡ଼ ବା ଜୁଭେନାଇଲ ଜଷ୍ଟିସ ବୋର୍ଡ଼ ଗୁଡ଼ିକରୁ ନ୍ୟାୟ ପାଇଁ ଅପେକ୍ଷା କରି ରହିଛନ୍ତି। ୨୮ଟି ରାଜ୍ୟ ଉପରେ ସର୍ଭେ କରାଯାଇ ସେଥିରୁ ମିଳିଥିବା ତଥ୍ୟ ଉପରେ ଉପରୋକ୍ତ ରିପୋର୍ଟଟି ପର୍ଯ୍ୟବେଶିତ। ଅବଶ୍ୟ ଏହି ସୂଚନା ଅସମ୍ପୂର୍ଣ୍ଣ। କିଶୋର ନ୍ୟାୟ କେସ ଗୁଡ଼ିକ ଉପରେ ତଥ୍ୟ ସଂଗ୍ରହର କୌଣସି କେନ୍ଦ୍ରୀକୃତ ବ୍ୟବସ୍ଥା ଦେଶରେ ନାହିଁ। ଅପରାଧରେ ଲିପ୍ତ ହେଉଥିବା ଶିଶୁଙ୍କୁ ତଦନ୍ତ ବେଳେ ଓ ସେମାନେ ଦୋଷୀ ସାବ୍ୟସ୍ତ ହେଲା ପରେ ଶିଶୁଙ୍କ ଯତ୍ନ ପାଇଁ ଥିବା ଅନୁଷ୍ଠାନ ଗୁଡ଼ିକରେ ରଖାଯାଏ। ଏହି ଆଶ୍ରୟ ସ୍ଥଳୀଗୁଡ଼ିକର ପରିଚାଳନା ଅଧିକାଂଶ ସମୟରେ ଠିକ ନୁହେଁ। ସେ ସବୁକୁ ସୁଧାରିବା ବାଦ ଏପରି ଅଧିକ ସୁବିଧା କେନ୍ଦ୍ର ସ୍ଥାପନର ଆବଶ୍ୟକତା ରହିଛି।୧୨୮ଟି ଅନୁଷ୍ଠାନ ପାଇଁ ମାତ୍ର ୨୮ ଜଣ ମେଡ଼ିକାଲ ଅଫିସର ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିନା ମେଡ଼ିକାଲ କର୍ମଚାରୀରେ କାମ କରୁଛନ୍ତି। ସମଗ୍ର ବ୍ୟବସ୍ଥାଟି ଦୁର୍ବଳ। କିଶୋର ନ୍ୟାୟ ପ୍ରଦାନ ପାଇଁ ଯାହା ସବୁ ଆବଶ୍ୟକ ସେଗୁଡ଼ିକୁ ଠିକ ଭାବେ ଯୋଗାଯାଉନାହିଁ। ସମ୍ପୃକ୍ତ ଶିଶୁମାନଙ୍କୁ ଉପଯୁକ୍ତ ଆଶ୍ରୟସ୍ଥଳୀ ଯୋଗାଇବା, ସେମାନଙ୍କର କେସ ପରିଚାଳନା ସର୍ବୋପରି ଅପରାଧରେ ଟଣା ହୋଇ ଆସୁଥିବା କିଶୋର ମାନଙ୍କର ଥଇଥାନ କ୍ଷେତ୍ରରେ ଯଥେଷ୍ଟ ଦୁର୍ବଳତା ରହୁଛି। ଗୋଟିଏ ଦେଶର ବିଧି ବ୍ୟବସ୍ଥା ଓ ସଂସ୍କୃତିର ମୂଲ୍ୟାୟନ କରିବାକୁ ହେଲେ ତାହା ଶିଶୁ ମାନଙ୍କୁ କିପରି ଦେଖୁଛି ସେଥିରୁ ବୁଝି ହେବ। ପୃଥିବୀର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତର ଜନସଂଖ୍ୟାକୁ ଦେଖିଲେ ଏଥିରେ କମ ବୟସର ଲୋକ ସଂଖ୍ୟା ହାର ବେଶୀ। ଯେହେତୁ ଦେଶ ପୃଥିବୀର ସବୁଠାରୁ ଜନବହୁଳ ଦେଶ ଓ ଏଠାରେ ଶିଶୁ, ବାଳକ-ବାଳିକା, କିଶୋର-କିଶୋରୀ ଏବଂ ଯୁବକ ଯୁବତୀଙ୍କ ସଂଖ୍ୟା ବେଶୀ ସେ କାରଣରୁ ଅପରାଧରେ ଲିପ୍ତ ଛୋଟ ପିଲାଙ୍କ ସମସ୍ୟାକୁ ଗାମ୍ଭୀର୍ଯ୍ୟର ସହ ନିଆଯିବା ଉଚିତ। ଅନ୍ୟମାନଙ୍କ ତୁଳନାରେ ଆଇନ ସହ ମୁକାବିଲାରେ ଲିପ୍ତ ବାଲ୍ୟ ବୟସର ପିଲାଙ୍କ ପାଇଁ ରାଷ୍ଟ୍ର ଓ ସମାଜର ଦାୟିତ୍ୱ ବେଶୀ। ଜୁଭେନାଇଲ ହୋମ ଗୁଡ଼ିକରେ ରହୁଥିବା ଛୋଟ ପିଲାଙ୍କ ପ୍ରତି ଯେପରି ଭଲ ଆଚରଣ ପ୍ରଦର୍ଶନ କରାଯିବ ସ ସେମାନେ ସମୟୋଚିତ ନ୍ୟାୟ ପାଇବେ ସେଥି ସକାଶେ ସରକାର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ। ସମାଜ ତଥା ସରକାରଙ୍କର ମୁଖ୍ୟ ଚିନ୍ତା ରହିବା ଉଚିତ ଯେପରି ଛୋଟ ବୟସରେ କୌଣସି ଅପରାଧ ଘଟାଇଥିବା ପିଲାମାନେ ସୁଧୁରି ଯାଆନ୍ତି ଏବଂ ସେମାନେ ପରବର୍ତ୍ତୀ ଜୀବନରେ ଆଉ ଅପରାଧ ଆଡ଼କୁ ମୁହାଁଇବେ ନାହିଁ ନଚେତ ଆଗାମୀ ପିଢ଼ିରେ ଅପରାଧି ଗୋଷ୍ଠୀ ବାହାରିବେ ଯାହା ଦେଶ ଲାଗି ଆହୁରି ବଡ଼ ସମସ୍ୟା ଆଣିଦେବ। ଯେ କୌଣସି ଦେଶରେ ଦାୟିତ୍ୱବାନ ନାଗରିକ ଶ୍ରେଣୀ ସୃଷ୍ଟି କରିବା ପାଇଁ ସେମାନଙ୍କୁ ବାଲ୍ୟ ବୟସରୁ ଠିକ ଭାବେ ଗଢ଼ାଯିବା ଦରକାର। ଏଥିରେ ବାପା, ମାଆ ଓ ଅଭିଭାବକ ତଥା ପରିବାର ଲୋକେ ଏବଂ ଶିକ୍ଷକମାନଙ୍କ ସମେତ ପ୍ରଶାସନିକ ବ୍ୟବସ୍ଥା, ସାମାଜର ଦାୟିତ୍ୱ ରହୁଛି। ତଥାପି ତା'ମଧ୍ୟରେ କମ ବୟସରେ ଯେଉଁମାନଙ୍କର କୌଣସି କାରଣରୁ ସ୍ଖଳନ ଘଟୁଛି ସେମାନଙ୍କୁ ସୁଧାରିବା ପାଇଁ ସବୁ ପଦକ୍ଷେପ ନିଆଯିବା ଲୋଡ଼ା। ସେଥିରେ ଆଇନଗତ ବ୍ୟବସ୍ଥାରେ କିଶୋର ନ୍ୟାୟ ନିୟମ ଏବଂ ଜେଜେବି କରାଯାଇଛି। ଯେଉଁ ଶିଶୁମାନେ ଅପରାଧ ଯୋଗୁଁ ଉପରୋକ୍ତ ବ୍ୟବସ୍ଥାରେ ଜୁଭେନାଇଲ ହୋମରେ ରହୁଛନ୍ତି ସେମାନଙ୍କୁ ନ୍ୟାୟ ଦେବାରେ ବିଳମ୍ବ କରାଗଲେ ଏବଂ ସେମାନଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ ହେଲେ ତାହା ଶିଶୁମାନଙ୍କର ଏପରି କ୍ଷତି କରିବ ଯାହା କଳ୍ପନାର ବାହାରେ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍: ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭**


# ଶିଳ୍ପାୟନ ଦ୍ରୁତ ଅଭିବୃଦ୍ଧି ପଥେ ଓଡ଼ିଶା

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**



ଓଡ଼ିଶାରେ ନୂଆ ଡବଲ ଇଞ୍ଜିନ ସରକାର ରାଜ୍ୟ ପାଇଁ ନାନା ବିକାଶର ଢ଼େର ସମ୍ଭାବନା ସୃଷ୍ଟି କରିଛି। ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଆହୁରି ଆଗେଇବାକୁ ଏକ ରକମର ମଞ୍ଚ ପ୍ରସ୍ତୁତ ହୋଇସାରିଛି। ବାହାରର ନାମିଦାମୀ ଓ ବିଶ୍ୱ ପ୍ରସିଦ୍ଧ ଶିଳ୍ପ ଟାଇକୁଣ୍ଡମାନେ ରାଜ୍ୟରେ ବଡ଼ ବଡ଼ ଉଦ୍ୟୋଗ ତିଆରି ପାଇଁ ଆଗ୍ରହୀ। ରାଜ୍ୟର ଆଗାମୀ ପୂର୍ଣ୍ଣାଙ୍ଗ ବଜେଟରେ ଦଳ ନିର୍ବାଚନୀ ଇସ୍ତାହାରର ଘୋଷଣାନାମାକୁ ବାସ୍ତବ ରୂପାୟନ କରିବାର ସମ୍ଭାବନା ରହିବା ସ୍ୱାଭାବିକ। ଚାଷବାସ କ୍ଷେତ୍ର ଠାରୁ ମହିଳା ସଶକ୍ତିକରଣ, ସଡ଼କ ଭିତ୍ତିଭୂମି ଠାରୁ ଉପକୂଳ ଅର୍ଥନୀତି, ଗମନାଗମନ କ୍ଷେତ୍ରର ଦୃଢ଼ ଉନ୍ନତ ପ୍ରସସ୍ଥି କରଣ ସହ ଓଡ଼ିଶାରେ ବିଶେଷକରି ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏହିପରି ଅନେକ ବଡ଼ ଆହ୍ୱାନକୁ ସାମ୍ନା କରିବାକୁ ପାଇଁ ଯାଉଛନ୍ତି ଓଡ଼ିଶା ସରକାର।

ସମୃଦ୍ଧ ଓଡ଼ିଶା, ଦ୍ରୁତ ଅଭିବୃଦ୍ଧିସମ୍ପନ୍ନ ପ୍ରଗତିର ଓଡ଼ିଶାରେ ବିଶେଷକରି ରାଜ୍ୟରେ ଖଣିଜ ସମ୍ପଦର ଭରପୁର ଉପଯୋଗକରି ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଯେଉଁ ସ୍ୱତନ୍ତ୍ରତା ରହିଛି ତାହା ହିଁ ଓଡ଼ିଶା ପ୍ରତି ଶିଳ୍ପପତିଙ୍କ ଆକର୍ଷଣର କାରଣ। ଏମିତିରେ ଇସ୍ପାତ କାରଖାନା କ୍ଷେତ୍ରରେ ରାଜ୍ୟରେ ସୁପ୍ରସିଦ୍ଧ ଖ୍ୟାତନାମା ଟାଟା ଷ୍ଟିଲ ଠାରୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ସେଲ ଠାରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ନିଜର ଭିତ୍ତିଭୂମି ଦୃଢ଼ କରିପାରିଛନ୍ତି। ଏମାନଙ୍କ ବ୍ୟତୀତ ଢ଼େର ଛୋଟବଡ଼ ଓ ବିଶେଷକରି ମଧମ ଧରଣର ଇସ୍ପାତ କାରଖାନା ମଧ ଓଡ଼ିଶାରେ ରହିଛି। ଏହାପରେ ନଜରକୁ ଲକ୍ଷ୍ମୀ ଏନ ମିତ୍ତଲଙ୍କ କମ୍ପାନୀ ଆର୍ସେଲର ମିତ୍ତଲ, ନିପନ ଷ୍ଟିଲ ଓ ସର୍ଜନ ଜିନ୍ଦଲଙ୍କ କମ୍ପାନୀ ଜେ.ଏସ.ଡବ୍ଲ୍ୟୁ ଷ୍ଟିଲ ରାଜ୍ୟରେ ଦୁଇଟି ବଡ଼ ବଡ଼ ଇସ୍ପାତ କାରଖାନା ସ୍ଥାପନ ପାଇଁ ମନସ୍ଥ କରିସାରିଛନ୍ତି। ସେହିପରି ଦେଶର ଦ୍ୱିତୀୟ ବଡ଼ ଧନୀ ଗୌତମ ଆଦାନି ମଧ ରାଜ୍ୟରେ ଏକ ଆଲୁମିନିୟମ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ଏଏମଏନଏସ ୩୮ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯାଉଛି। ସେହିପରି ଜେଏସଡବ୍ଲ୍ୟୁ ଷ୍ଟିଲ ମଧ ରାଜ୍ୟରେ ୬୫୦୦୦ କୋଟି ଟଙ୍କା ନିବେଶରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବ। ଦକ୍ଷିଣ କୋରିଆର ଇସ୍ପାତ କମ୍ପାନୀ ପୋସ୍କୋ ଲାଗି ଅଧିଗ୍ରହଣ କରାଯାଇଥିବା ଜମିରେ ଏହି କାରଖାନା ସ୍ଥାପନ ହେବ। ଯେହେତୁ ଇତି ମଧରେ ରାଜ୍ୟରେ କୌଣସି ବଡ଼ ଇସ୍ପାତ କାରଖାନା ନିର୍ମାଣ ହୋଇନାହିଁ, ତେଣୁ ଏହି ଦୁଇ ପ୍ରକଳ୍ପ ରାଜ୍ୟର ନିବେଶ ଅନୁକୂଳ ପରିବେଶ ପାଇଁ ଏକ ପରୀକ୍ଷା ସଦୃଶ ହେବ।

ଓଡ଼ିଶା ହେଉଛି ଏଭଳି ଏକ ରାଜ୍ୟ ଯାହା ବିଭିନ୍ନ ଜିନିଷ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ସେଥିପାଇଁ ଏହାର ଖୁଚୁରା ମୁଦ୍ରାସ୍ଫୀତି ହାର ସାତ ପ୍ରତିଶତରୁ ଅଧିକ ରହିଛି। ଅର୍ଥନୀତିଜ୍ଞମାନଙ୍କ ମତରେ ଅନେକ ସାମଗ୍ରୀରେ ଓଡ଼ିଶା ଆତ୍ମନିର୍ଭରଶୀଳ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଲୋକମାନଙ୍କୁ ଅନେକ ଜିନିଷ କିଣି ଖାଇବାକୁ ପଡ଼ୁଛି। ଯେହେତୁ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡ଼ୁଛି, ସେଥିପାଇଁ ଜାତୀୟ ହାର ତୁଳନାରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ଅଢ଼େଇ ପ୍ରତିଶତ ଅଧିକ ରହୁଛି। ସେହି ସ୍ଥିତିରେ ଉନ୍ନତି ଆଣିବା ନୂଆ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ। ରାଜ୍ୟରେ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡ଼ୁଛି। ତେଣୁ ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ଉପରେ ଜୋର ଦେବାକୁ ହେବ। ଚାଷୀକୂଳ ପାଖରେ ଯେଭଳି ଅଧିକ ଟଙ୍କା ପହଞ୍ଚିବ ଏବଂ ସେମାନଙ୍କ ଆୟ ବଢ଼ିବ, ସେ ଦିଗରେ ନୂଆ ସରକାରଙ୍କୁ କାମ କରିବାକୁ ପଡ଼ିବ।



ଓଡ଼ିଶାବାସୀ ଚଳିତଥର ବିଜେପିକୁ ଅଭୂତପୂର୍ବ ସମର୍ଥନ ଅଜାଡ଼ିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଥିବାରୁ ଓଡ଼ିଶାବାସୀଙ୍କ ଦାବୀ ଓ ଆଶା ଅଧିକ। ରହିବା ସ୍ୱାଭାବିକ। ସବୁଠାରୁ ବଡ଼ କଥା ହେଉଛି ଓଡ଼ିଶା ବିଜେପିର ଅନ୍ୟତମ ଲୋକପ୍ରିୟ ଚେହେରା ତଥା ସହରାଞ୍ଚଳ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଯାୟୀ ରାଜ୍ୟର ସହରାଞ୍ଚଳ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ ହୋଇଛି ଏବଂ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିବା ସହ ଲୋକ ଡବଲ ଇଞ୍ଜିନ ସରକାରର ସୁଫଳ ପାଉଛନ୍ତି। ରାଜ୍ୟ ସହରାଞ୍ଚଳ ମନ୍ତ୍ରୀଙ୍କ ଅନେକ ଗ୍ରସ୍ତ ବିଶେଷକରି ଯେଉଁ ପ୍ରକଳ୍ପଗୁଡ଼ିକୁ ସେ ତତ୍ତ୍ୱାବଧାନ କରୁଛନ୍ତି ଏହାର ଶେଷ ନିଷ୍କର୍ସରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେ ବିରାମ ନେଉ ନାହାଁନ୍ତି। ଓଡ଼ିଶାରେ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ମୋଦିଜୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଓଡ଼ିଶାରେ ରହିଥିବା ବିପୁଳ ପ୍ରାକୃତିକ ସମ୍ପଦ ପାଇଁ ଉପକୂଳ ଅର୍ଥନୀତିକୁ ସମୃଦ୍ଧ ପାଇଁ ସେ ନିଶ୍ଚିନ୍ତ କାର୍ଯ୍ୟକରିବେ। ରାଜ୍ୟରେ ଥିବା ସୁବିସ୍ତୃତ ବେଳାଭୂମିରୁ ଲାଭ ଓଡ଼ିଶା ପାଇବ ଏବଂ ଓଡ଼ିଶାରେ ସାଗରମାଳା ପ୍ରକଳ୍ପ ଆହୁରି ବେଗବାନ ହେବ। ପୂର୍ବରୁ ମତ୍ସ୍ୟ ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ଼ ଓ ବୋଟର ଆଧୁନୀକରଣ ପାଇଁ କିଶାନ କ୍ରେଡ଼ିଟ କାର୍ଡ଼ର ବ୍ୟବସ୍ଥା କେନ୍ଦ୍ର ମତ୍ସ୍ୟଚାଷ ମନ୍ତ୍ରଣାଳୟ ଜରିଆରେ ବଣ୍ଟନ କରାଯାଉଛି। ଏଥିରେ ରାଜ୍ୟର ମତ୍ସ୍ୟଚାଷୀ ଉପକୃତ ହେବାସହ କୋଷ୍ଟାଲ ସର୍କିଟ ସ୍କିମ ଅଧୀନରେ ରାଜ୍ୟ ଲାଭବାନ ହେବ। ସେ ସମୟରେ ମୋଦିଜୀ ଓଡ଼ିଶାର ଲୋକମାନେ ପ୍ରାକୃତିକ ସମ୍ପଦରେ ଭରପୁର ଥାଇ ମଧ ଏବେ ବି ଗରିବ ହୋଇ ରହିଥିବାରୁ ବିଜେପି ସରକାର ଏମାନଙ୍କ ସ୍ଥିତି ବଦଳାଇବା ପାଇଁ କାର୍ଯ୍ୟ କରିବାର ପ୍ରତିଶ୍ରୁତି ପାଳନର ସମୟ ପହଞ୍ଚିଛି। ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିର୍ବାଚନ ସାମ୍ନା କରୁଥିବା ବର୍ଷର ପୁରୁଣା ସରକାର ଅନ୍ତରଣୀୟ ବଜେଟ ରଖିଥାନ୍ତି।

ନୂଆ ଅଭିବୃଦ୍ଧି ଓ ବିକଶିତ ଓଡ଼ିଶା ଗଠନରେ ରାଜ୍ୟବାସୀ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ଠାରୁ ଢ଼େର ଆଶା, ଇଛା ଓ ସଂକଳ୍ପ ରଖିବା ସ୍ୱାଭାବିକ। ଓଡ଼ିଶାରେ ସିଙ୍ଗଲ ୱିଂଡୋ କ୍ଲିୟରାନ୍ସ ସିଷ୍ଟମ, ଇ-ଗଭର୍ଣ୍ଣାନ୍ସ, ଶିଳ୍ପ କ୍ଲଷ୍ଟରର ଉନ୍ନତି, ଭିତ୍ତିଭୂମିର ବିକାଶ, ଜିଲ୍ଲାସ୍ତରୀୟ ନିବେଶ ପରି ବିଭିନ୍ନ ତ୍ୱରାନ୍ୱିତ ଯୋଜନା ମୋହନ ସରକାରଙ୍କ କର୍ମ ପ୍ରବଣତା ଓ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ସମ୍ପର୍କରେ ସୀଚିତ କରୁଛି। ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହେଉ, ଓଡ଼ିଆ ପୁଅଟି ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ନିଜ ଜନ୍ମମାଟିରେ ରଖି ପ୍ରଗତିର ନୂଆ ଓଡ଼ିଶାରେ ନିଜ ପରିଚୟ ସୃଷ୍ଟି କରିବାରେ ସମର୍ଥ ହୁଅନ୍ତୁ ଏହି କାମନାଟି କୋଟି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ରଖୁଛି।


**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,**
**ମୋବାଇଲ୍: ୭୪୮୮୯୯୮୫୩୨**


# ଧର୍ମର ସଂଜ୍ଞା ଓ ଏକ ତାତ୍ତ୍ୱିକ ବିଶ୍ଳେଷଣ

**ଡଃ ଅମୂଲ୍ୟ କୁମାର ପଣ୍ଡା**



ଧର୍ମ ହେଉଛି ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ଯଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ଧର୍ମ କହିଲେ ଜୀବ କଲ୍ୟାଣ ଏବଂ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଆଚରଣର ନିୟମକୁ ବୁଝାଇଥାଏ। ଅଧର୍ମ କହିଲେ ନିଷିଦ୍ଧ କର୍ମକୁ ବୁଝାଇଥାଏ ଯାହା ପତନର କାରଣ ହୋଇଥାଏ ଏବଂ ସମାଜର ହାନି କରିଥାଏ। ଆସୁରିକ ସ୍ୱଭାବରେ ଶାସ୍ତ୍ର ଜ୍ଞାନ ପ୍ରତି ଶ୍ରଦ୍ଧା ନ ଥାଏ। ସୁତରାଂ, ଯେଉଁମାନଙ୍କର ସ୍ୱଭାବ ଆସୁରିକ, ସେମାନେ ଠିକ୍ ଭୁଲ୍‌ର ବିଚାର କରିପାରନ୍ତି ନାହିଁ। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ ଉଚିତ୍-ଅନୁଚିତ୍‌ର ବିବେଚନା କରି ପାରନ୍ତି ନାହିଁ। ତେଣୁ ସେମାନଙ୍କ ଚରିତ୍ରରେ ଶୁଦ୍ଧତା, ସତ୍ୟ କିମ୍ବା ଉଚିତ୍ ଆଚରଣ ଦୃଷ୍ଟିଗୋଚର ହୋଇ ନ ଥାଏ। ସେମାନେ କହନ୍ତି, "ସଂସାର ସତ୍ୟ ରହିତ ଅଟେ । ଏହାର ଆଧାର (ଧାର୍ମିକ) କିଛି ନାହିଁ ଏବଂ ଏହା ଈଶ୍ୱରହୀନ (ଯିଏ ସୃଷ୍ଟି କରନ୍ତି ଏବଂ ନିୟନ୍ତ୍ରଣ କରନ୍ତି) ଅଟେ। ଏହା ଦୁଇ ଲିଙ୍ଗର ସଂଯୋଗରେ ସୃଷ୍ଟି ହୋଇଛି ଏବଂ ଯୌନ ସନ୍ତୋଷ ଅତିରିକ୍ତ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ଅନୈତିକ ବ୍ୟବହାରରୁ କ୍ଷାନ୍ତ ହେବାର ଦୁଇଟି ଉପାୟ ଅଛି। ପ୍ରଥମଟି, ଇଚ୍ଛାଶକ୍ତିର ଉପଯୋଗ କରି ଅଧର୍ମଠାରୁ ଦୂରେଇ ରହିବା ଏବଂ ଦ୍ୱିତୀୟ ଉପାୟଟି, ଭଗବାନଙ୍କ ଭୟରେ ପାପରୁ ନିବୃତ୍ତ ରହିବା। କେବଳ ନିଜ ଇଚ୍ଛାଶକ୍ତି ଉପଯୋଗ କରି ପାପ କର୍ମରୁ ନିବୃତ୍ତ ରହିବା ବ୍ୟକ୍ତି ବହୁତ କମ୍ ଅଛନ୍ତି। ଅଧିକାଂଶ ବ୍ୟକ୍ତି ଦଣ୍ଡ ଭୟରେ ଅସତ୍ ଆଚରଣ କରିବାରୁ ନିବୃତ ହୁଅନ୍ତି। ଉଦାହରଣ ସ୍ୱରୂପ, ଆମେ ରାଜପଥରେ ଲକ୍ଷ୍ୟ କରୁ, ଯେତେବେଳେ ଗୋଟିଏ ପୋଲିସ ଗାଡ଼ି ଦେଖାଯାଏ, ଲୋକମାନେ ତାଙ୍କ ଯାନର ଗତିକୁ ମନ୍ଥର କରିଦିଅନ୍ତିକିନ୍ତୁ ଯେତେବେଳେ ଧରାପଡ଼ି କୌଣସି ଭୟ ନ ଥାଏ, ସେମାନେ ଗତିକୁ ସୀମା ଅତିରିକ୍ତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ତେଣୁ ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରିବା, ଅନୈତିକ କାର୍ଯ୍ୟରୁ ଦୂରରେ ରହିବା। ତା ପରିବର୍ତ୍ତେ ଯଦି ଆମେ ଭଗବାନଙ୍କୁ ବିଶ୍ୱାସ କରିବା ନାହିଁ, ତେବେ ମଧ ତାଙ୍କର ସମସ୍ତ ନିୟମ ଆମ ପ୍ରତି ଲାଗୁ ହେବ ଏବଂ ଆମେ ଅନୁଚିତ୍ କର୍ମର ପରିଣତି ଭୋଗ କରିବା।

ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା "ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା" ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, (ଦେବତା ଏବଂ/କିମ୍ବା ସନ୍ଥମାନଙ୍କ ପ୍ରତି) ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ , ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସ୍ଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି ।



ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତି ମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକୀୟ ଅନୁଶାସନ ଅଟେ। ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାଁନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ।ସେମାନେ "ମହା ବିସ୍ଫୋଟ ସିଦ୍ଧାନ୍ତ" ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାର ର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାଁନ୍ତି। ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ। ବିଭିନ୍ନ ଇନ୍ଦ୍ରିୟ ସୁଖଭୋଗ ମଧ୍ୟରୁ, ଯୌନ ସମ୍ଭୋଗର ଇଚ୍ଛା ଅତି ପ୍ରବଳ ଅଟେ। ଏହାର କାରଣ ଭୌତିକ ଜଗତ ଆଧ୍ୟାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ। ଆଧ୍ୟାତ୍ମିକ ଜଗତରେ, ମୁକ୍ତ ଆତ୍ମା ଗୁଡିକର ଭଗବାନ ଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ। ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନ ଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ-ପ୍ରଧାନ ଅଟନ୍ତି। ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନ ଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖାଦିଅନ୍ତି। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି। ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍ ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ....

**"ଯାବଜ୍ଜୀବେତ ସୁଖଂ ଜୀବେତ୍, ଋଣମ୍ କୃତ୍ୱା ଘୃତଂ ପିବେତ୍ ଭସ୍ମୀ ଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ"।**

ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ, ତାହା କର। ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି। ସେଥିପାଇଁ ସେମାନେ ନିଦ୍ୱର୍ନ୍ଦରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି। ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି। ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି। ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ  ଏମାନେ ସବୁ ଆସୁରିକ ସ୍‌ଵଭାବ ଯୁକ୍ତ ଥିଲେ।


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

### ବିଶ୍ୱ ବ୍ୟାଙ୍କ ରିପୋର୍ଟକୁ ନେଇ ସରକାର ଉପରେ ବର୍ଷିଲା କଂଗ୍ରେସ

# ପ୍ରଦୂଷଣ ଯୋଗୁଁ ପ୍ରତିବର୍ଷ ୧୦ ଲକ୍ଷ ଲୋକ ମରୁଛନ୍ତି



ନୂଆଦିଲ୍ଲୀ,୧୮।୧: ଦେଶରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା ହୋଇରହିଛି। ବିଶ୍ୱବ୍ୟାଙ୍କ ନିକଟରେ ଜାରି କରିଥିବା ଏକ ରିପୋର୍ଟରେ ଏକଥା ସ୍ପଷ୍ଟ କରିଛି। ରିପୋର୍ଟ ଅନୁସାରେ ଦେଶରେ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ୧୦ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି। ଏହା ବ୍ୟତୀତ ପ୍ରଦୂଷଣର ପ୍ରଭାବ ଦେଶର ଅର୍ଥନୀତି ଉପରେ ମଧ ପଡ଼ୁଛି। ବିଶ୍ୱ ବ୍ୟାଙ୍କର ରିପୋର୍ଟକୁ ନେଇ କଂଗ୍ରେସ ଏବେ ମୋଦୀ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ, ଆଉ କେତେଦିନ ପର୍ଯ୍ୟନ୍ତ ମୋଦୀ ସରକାର ସତଠାରୁ ମୁହଁ ଲୁଚାଇ ରହିବେ। ପ୍ରଦୂଷଣର ମୁକାବିଲା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ କଂଗ୍ରେସ ଯୁକ୍ତି ରଖିଛି।

କଂଗ୍ରେସ ନେତା ଜୟରାମ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ବଡ଼ ପୋଷ୍ଟ ଲେଖିଛନ୍ତି। ଏଥିରେ ଜୟରାମ କହିଛନ୍ତି, ବିଶ୍ୱ ବ୍ୟାଙ୍କର ଇଣ୍ଡୋ-ଗାଙ୍ଗେଟିକ୍ ପ୍ଲେନ୍ ଓ ହିମାଳୟ ପାଦଦେଶରେ ବାୟୁ ପ୍ରଦୂଷଣ ଉପରେ ସଦ୍ୟ ରିପୋର୍ଟ 'ଏ ବ୍ରେଥ୍ ଅଫ୍ ଚେଞ୍ଜ' ଟାଇଟଲ୍ ଆସିଛି। ପ୍ରତିବର୍ଷ ୧୦ ଲକ୍ଷ ଲୋକଙ୍କ ସମୟ ପୂର୍ବରୁ ମୃତ୍ୟୁ ହୁଏ ବୋଲି ରିପୋର୍ଟରେ ଜୋର ଦିଆଯାଇଛି। ଏହା ବ୍ୟତୀତ ପ୍ରତିବର୍ଷ କ୍ଷେତ୍ରୀୟ ଜିଡିପିକୁ ପ୍ରାୟ ୧୦ ପ୍ରତିଶତ କ୍ଷତି ହୋଇଥାଏ। ସେ ଲେଖିଛନ୍ତି ଯେ ରିପୋର୍ଟରେ କୋଇଲା ବିଦ୍ୟୁତ୍ କେନ୍ଦ୍ର ନିର୍ଗମନ ମାନଦଣ୍ଡକୁ ଲାଗୁ କରିବା ଏବଂ ପୁରୁଣା ୟୁନିଟ୍‌ଗୁଡ଼ିକୁ ତ୍ୱରାନ୍ୱିତ କରିବା, ସହର-କେନ୍ଦ୍ରିକ ଯୋଜନାରୁ ହଟି ଆଇନଗତ ଭାବରେ ସଶକ୍ତ ଏୟାରସେଡ୍-ଆଧାରିତ ଶାସନକୁ ସ୍ଥାନାନ୍ତର କରିବା, ସାର୍ବଜନୀନ ପରିବହନକୁ ବିସ୍ତାର ଏବଂ ବିଦ୍ୟୁତୀକରଣ କରିବା ଏବଂ ଯାନବାହାନ ନିର୍ଗମନ ଏବଂ ଇନ୍ଧନ ମାନଦଣ୍ଡକୁ କଡ଼ାକଡ଼ି କରିବା ପାଇଁ କୁହାଯାଇଛି।

# ଭାରତକୁ ଟ୍ରମ୍ପ ଉପଦେଷ୍ଟାଙ୍କ ଟାର୍ଗେଟ୍

- ଆମେରିକା ବିଜୁଳିରେ ଚାଲୁଥିବା ଏଆଇରୁ ଭାରତ ଲାଭ ନେଉଛି
- ଆମେରିକାରେ ଚଢ଼ା ଦାମ୍‌ରେ ଚାଷ ଜମି କ୍ରୟ କରୁଛି
- କୃଷିଜାତ ଓ ଦୁଗ୍ଧଜାତ କ୍ଷେତ୍ରରେ ଆମେରିକାକୁ ପୁରାଉନି



ୱାଶିଂଟନ, ୧୮।୧: ଭାରତ ବିରୋଧୀ ମନ୍ତବ୍ୟ ଦେବାରେ କୌଣସି ଅବହେଳା କରୁନଥିବା ଆମେରିକା ବାଣିଜ୍ୟ ଉପଦେଷ୍ଟା ପିଟର ନାଭାରୋ ପୁଣି ଏକ ପ୍ରସଙ୍ଗରେ ଭାରତକୁ ଟାର୍ଗେଟ୍ କରିଛନ୍ତି। ଦୁଇ ଦେଶ ଭିତରେ ଉତ୍ତେଜନା ଭଳି ସ୍ଥିତି ଥିବା ବେଳେ ଭାରତରେ ଏଆଇ ବ୍ୟବହାରକୁ ଆମେରିକା କାହିଁକି ରିହାତିରେ ଯୋଗାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଟ୍‌ଜିପିଟି ଭଳି ଏଆଇ ଟୁଲ୍ ଆମେରିକା ବିଦ୍ୟୁତ୍ ଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ବେଳେ ତାହାର ଲାଭ ଭାରତ, ଚୀନ ଓ ଅନ୍ୟ ଦେଶଗୁଡ଼ିକୁ ମିଳୁଥିବା ସେ କହିଛନ୍ତି।

ବିଦେଶୀ ପକ୍ଷ ଆମେରିକାରେ ଚଢ଼ା ଦାମ୍‌ରେ ଚାଷ ଜମି କ୍ରୟ କରୁଥିବାକୁ ମଧ୍ୟ ନାଭାରୋ ବିରୋଧ କରୁଛନ୍ତି। ଏହାଦ୍ୱାରା ଆମେରିକାରେ ଖାଦ୍ୟ ମୂଲ୍ୟ ଯଥେଷ୍ଟ ବଢ଼ିବା ଆଶଙ୍କା ରହିଥିବା ସେ କହିଛନ୍ତି। ସଂପ୍ରତି ଭାରତ ଓ ଆମେରିକା ସମ୍ପର୍କରେ କଠିନ ସମୟ ଦେଇ ଗତି କରୁଛି। ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ସେଥିରୁ ୨୫ ପ୍ରତିଶତ ପାଲଟା ଶୁଳ୍କ ହୋଇଥିବା ବେଳେ ଅବଶିଷ୍ଟ ୨୫ ପ୍ରତିଶତ ହେଉଛି ରୁଷରୁ ଭାରତ ତେଲ କିଣୁଥିବାରୁ ଜରିମାନା।

ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ୭୫ ପ୍ରତିଶତ ବୃଦ୍ଧି କରିବାକୁ ଆମେରିକା ଧମକ ଦେଉଛି। ଏହା ବ୍ୟତୀତ ଆମେରିକା ସରକାର ଏଭଳି ଏକ ବିଲ ଆଣୁଛନ୍ତି ଯାହା ଆଇନରେ ପରିଣତ ହେଲେ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗିବ। ଆମେରିକା ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିବା ଲାଗି ଗତବର୍ଷ ଫେବୃଆରିଠାରୁ ଭାରତ ଉଦ୍ୟମ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଭାରତର କୃଷିଜାତ ଓ ଦୁଗ୍ଧଜାତ କ୍ଷେତ୍ରରେ ପ୍ରବେଶ କରିବାକୁ ଆମେରିକା ଜିଦ ଧରିଥିବା ବେଳେ ଚାଷୀମାନଙ୍କ ସ୍ୱାର୍ଥ ସହ ସାଲିସ କରିବାକୁ ଭାରତ ସରକାର ଚାହୁଁନାହାନ୍ତି। ଏକଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି।

ଭାରତକୁ ନାଭାରୋ ସମାଲୋଚନା କରିବା କିଛି ନୂଆ କଥା ନୁହେଁ। ଅତୀତରେ ସେ ଅନେକ ଥର ଭାରତକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଆମେରିକୀୟ ବ୍ୟବସାୟ ପ୍ରତି ଭାରତର ଆଭିମୁଖ୍ୟ ଭଲ ନଥିବା ସେ କହିଥିଲେ। ଭାରତକୁ ସେ 'ଶୁଳ୍କର ମହାରାଜା' ଭାବେ ଅଭିହିତ କରିଥିଲେ। ରୁଷରୁ ତେଲ ଆମଦାନୀକୁ ସେ 'ରକ୍ତଲଗା ତେଲ' ବୋଲି କହିଥିଲେ। ରୁଷ-ୟୁକ୍ରେନ ଯୁଦ୍ଧକୁ ସେ ମୋଦୀ ଯୁଦ୍ଧ କହିବାକୁ ପଛାଇ ନଥିଲେ। ତାଙ୍କର ପ୍ରତିଟି ଆକ୍ରମଣକୁ ଭାରତ ଦୃଢ଼ ଭାବେ ସାମ୍ନା କରିବା ସହ ପ୍ରତିଜବାବ ଦେଇଥିଲା। ନାଭାରୋଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ସେ ପାରସ୍ପରିକ ସମ୍ମାନକୁ ଗୁରୁତ୍ୱ ଦେଉନାହାନ୍ତି। ଭାରତ-ଆମେରିକା ସମ୍ପର୍କର ଗଭୀରତାକୁ ସେ ବୁଝୁନ୍ତି ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

### ହ୍ୱାଇଟ ହାଉସ ଆଗରେ ରାଲି ଓ ପ୍ରତିବାଦ

## ଇରାନ ନରସଂହାର ଲାଗି ଟ୍ରମ୍ପ ଦାୟୀ



ୱାଶିଂଟନ, ୧୮।୧: ଇରାନରେ ହୋଇଥିବା ଘାତକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରି ପ୍ରଦର୍ଶନକାରୀମାନେ ୱାଶିଂଟନ୍ ଡିସିର ହ୍ୱାଇଟ୍ ହାଉସ୍ ନିକଟରେ ରାଲି ଓ ପ୍ରତିବାଦ କରିଛନ୍ତି। ପ୍ରତିବାଦ ସମୟରେ ରାସ୍ତାକୁ ଓହ୍ଲାଇ ଆସିଥିବା ଅନେକ ଇରାନବାସୀଙ୍କ ପାଇଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସମ୍ଭାବ୍ୟ ଜୀବନରେଖା ପରି ମନେ ହେଉଥିଲେ। ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି, ଏହି ବିଶ୍ୱାସ ହିଁ ଆମର ପରବର୍ତ୍ତୀ ପରିବର୍ତ୍ତନକୁ ବିଶ୍ୱାସଘାତକତାର ଅନୁଭବ କରାଇଛି। ଟ୍ରମ୍ପଙ୍କ କଥା ଓ କାମରେ ବହୁ ଫରକ୍ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଇରାନରେ ଅଶାନ୍ତିର ପ୍ରାରମ୍ଭରେ, ଆମେରିକାର ରାଷ୍ଟ୍ରପତି ପ୍ରତିବାଦକାରୀଙ୍କୁ ସାର୍ବଜନୀନ ଭାବରେ ଉତ୍ସାହିତ କରିବା ସହିତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିକୁ ଚେତାବନୀ ଦେଇଥିଲେ। ଟ୍ରମ୍ପ ସୋସିଆଲ ମିଡିଆରେ ଘୋଷଣା କରିଥିଲେ, ସହାୟତା ଆସୁଛି। ଏହା ପରେ ଚେତାବନୀ ଦେଇଥିଲେ, ଯଦି ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀମାନଙ୍କୁ କ୍ଷତି ପହଞ୍ଚାଯାଏ ତେବେ ଆମେରିକା ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ। ଇରାନବାସୀ ଏହାକୁ ସମର୍ଥନ ପ୍ରତିଶ୍ରୁତି ଭାବିଥିଲେ। ଯେତେବେଳେ ପ୍ରତିବାଦକାରୀମାନେ ପୁଣି ରାସ୍ତାକୁ ଓହ୍ଲାଇଲେ, ଇରାନ ସରକାର କଠୋର ରଣନୀତି ଆପଣେଇଲେ। ଯୋଗାଯୋଗ ବିଚ୍ଛିନ୍ନ କରିବା ସହ ସୁରକ୍ଷା ବାହିନୀ ମୁତୟନ କରି ଘାତକ ଶକ୍ତି ପ୍ରୟୋଗ କରିଥିଲେ। ମାତ୍ର ଏହାପରେ ପରିସ୍ଥିତି ଓଲଟି ଯାଇଥିଲା। ଟ୍ରମ୍ପ ସଙ୍କେତ ଦେଇଥିଲେ, ପ୍ରତ୍ୟାଶିତ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଆଗକୁ ବଢ଼ିବ ନାହିଁ। ୱାଶିଂଟନ ହସ୍ତକ୍ଷେପ କରିବ ବୋଲି ବିଶ୍ୱାସ କରି ନିଜ ଜୀବନକୁ ବାଜି ଲଗାଇଥିବା ପ୍ରଦର୍ଶନକାରୀଙ୍କ ପାଇଁ ଏହି ଘୋଷଣା ଏକ ଶକ୍ତ ଆଘାତ ଭଳି ମନେ ହୋଇଥିଲା। ଆମର ହଜାର ହଜାର ଲୋକଙ୍କ ମୃତ୍ୟୁ ପାଇଁ ଟ୍ରମ୍ପ ଦାୟୀ ବୋଲି ପ୍ରଦଶନକାରୀ ଅଭିଯୋଗ କରିଛନ୍ତି। ଟ୍ରମ୍ପ ଆମକୁ ବଳିର ଛେଳି ଭାବେ ବ୍ୟବହାର କରିଛନ୍ତି। ସେ ଆମ ପାଦତଳୁ ମାଟି ଖସାଇ ଦେଇଛନ୍ତି।

### ଇରାନରେ ସପ୍ତାହବ୍ୟାପୀ ହିଂସାକାଣ୍ଡ

## ୧୬ ହଜାରରୁ ଅଧିକ ପ୍ରଦର୍ଶନକାରୀଙ୍କ ମୁଣ୍ଡ ଗଡ଼ିଲାଣି

### ୩ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ଆହତ

### ମୁଣ୍ଡକୁ ଟାର୍ଗେଟ କରି ହୋଇଛି ଗୁଳିମାଡ଼



ତେହେରାନ,୧୮।୧: ଇରାନରେ ଜାରି ରହିଥିବା ହିଂସକ ପ୍ରଦର୍ଶନ ସାରା ଦେଶକୁ ଦୋହଲାଇ ଦେଇଛି। ଦରବୃଦ୍ଧି ଓ ରିୟାଲ ମୂଲ୍ୟରେ ହ୍ରାସ ପରି ଆର୍ଥିକ ପ୍ରସଙ୍ଗରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଧୀରେ ଧୀରେ ସରକାର ବିରୋଧୀ ଆନ୍ଦୋଳନରେ ପରିଣତ ହୋଇଥିଲା। ଇରାନର ସୁପ୍ରିମ୍ ଲିଡର ଅୟାତୁଲ୍ଲା ଅଲି ଖାମେନିଙ୍କ ବିରୁଦ୍ଧରେ ଆନ୍ଦୋଳନ ଉଗ୍ର ହୋଇଥିଲା। ଏହାରି ଭିତରେ ଆନ୍ଦୋଳନ ଏବଂ ହିଂସା ଉପରେ ଏକ ରିପୋର୍ଟ ସାମନାକୁ ଆସିଛି। ନୂଆ ରିପୋର୍ଟରେ ଦାବି କରାଯାଇଛି ଯେ, ଇରାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ଅତି କିମରେ ୧୬,୫୦୦ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଛି ଓ ୩ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅଧିକାଂଶ ପୀଡ଼ିତଙ୍କ ବୟସ ୩୦ରୁ କମ ରହିଛି। ଗ୍ରାଉଣ୍ଡରେ କାମ କରୁଥିବା ଡାକ୍ତରଙ୍କ ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଆମେରିକା ସ୍ଥିତ ହ୍ୟୁମାନ ରାଇଟ୍ସ ଆକ୍ଟିଭିଷ୍ଟସ ନ୍ୟୁଜ୍ ଏଜେନ୍ସି ୩୦୯୦ ମୃତ୍ୟୁକୁ ସ୍ପଷ୍ଟ କରିଛି, ଯେଉଁଥିରେ ଅଧିକାଂଶ ପ୍ରଦର୍ଶନକାରୀ ସାମିଲ ଅଛନ୍ତି। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ୨୨ ହଜାରରୁ ଅଧିକ ଗିରଫଦାରୀ ହୋଇଛି। ସୁପ୍ରିମ୍ ଲିଡର ଖାମେନି ପ୍ରଥମ ଥର ସାର୍ବଜାନୀନ ଭାବେ ସ୍ୱୀକାର କରିଥିଲେ ଯେ, ଏହି ଅଶାନ୍ତିରେ ହଜାର ହଜାର ସଂଖ୍ୟାରେ ମୃତ୍ୟୁ ହୋଇଛି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅପରାଧୀ ରୂପେ ବର୍ଣ୍ଣନା କରି ପ୍ରଦର୍ଶନକାରୀଙ୍କୁ ଆମେରିକାର ଫୁଟ୍ ସୋଲଜର୍ ବୋଲି କହିଛନ୍ତି। ରିପୋର୍ଟରେ ଡାକ୍ତରମାନେ କହିଛନ୍ତି, ଆହତଙ୍କ ମୁଣ୍ଡ, ଛାତି, ବେକରେ ଗୁଳି ମରାଯାଇଛି। ତେହରାନର ପ୍ରମୁଖ ହସ୍ପିଟାଲଗୁଡ଼ିକର ତଥ୍ୟ ଅନୁସାରେ, ହଜାର ହଜାର ଲୋକଙ୍କ ଆଖିରେ ଆଘାତ ଲାଗିଛି। ୭୦୦ରୁ ୧୦୦୦ ଜଣ ନିଜ ଆଖି ହରାଇ ସାରିଛନ୍ତି। ରକ୍ତ ଅଭାବ ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି। ଅନେକ ମାମଲାରେ ସୁରକ୍ଷା କର୍ମୀମାନେ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ପାଇଁ ଅନୁମତି ଦେଉନାହାନ୍ତି। ଜର୍ମାନ-ଇରାନୀ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଆମିର ପରସ୍ତା କହିଛନ୍ତି, ଏହି ନିର୍ଯାତନା ପିଲା ଓ ଗର୍ଭବତୀଙ୍କ ଉପରେ ମଧ ବଢ଼ିଛି। କିଛି ବିଶେଷଜ୍ଞ ଏହାକୁ ନରସଂହାର ବୋଲି କହିଛନ୍ତି। ଇରାନରେ ଗତ ଏକ ସପ୍ତାହରୁ ଅଧିକ ଧରି ଇଣ୍ଟରନେଟ୍ ବ୍ଲାକ୍‌ଆଉଟ୍ ଜାରି ରହିଛି।

### ବାଂଲାଦେଶରେ ହିନ୍ଦୁ ସଂହାର

## ମିଠା ଦୋକାନୀଙ୍କୁ କୋଦାଳରେ ପିଟି ହତ୍ୟା

ଢାକା,୧୮।୧: ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ସାମାନ୍ୟ କଥାରୁ ଜଣେ ହିନ୍ଦୁ ମିଠା ବ୍ୟବସାୟୀଙ୍କୁ ପିଟିପିଟି ହତ୍ୟା କରାଯାଇଛି। ଦେଶର କାଲିଗଞ୍ଜ ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ଯାହା ପରେ ସ୍ଥାନୀୟ ଅଞ୍ଚଳରେ ସଂଖ୍ୟାଲଘୁ ଆତଙ୍କିତ ଅବସ୍ଥାରେ ରହିଛନ୍ତି।



ରିପୋର୍ଟ ଅନୁସାରେ, ମୃତ ଯୁବକ ହେଲେ ଲିଟନ କୁମାର ଦାସ। ତାଙ୍କର କାଲିଗଞ୍ଜ ଅଞ୍ଚଳରେ ଏକ ମିଠା ଦୋକାନ ରହିଛି। ଶନିବାର ସକାଳେ ଜଣେ ଗ୍ରାହକ ତାଙ୍କ ପାଖକୁ କିଛି କିଣିବାକୁ ଆସିଥିଲେ। କିନ୍ତୁ ଏହି ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଯାହା ହାତାହାତି ଯାଏଁ ଯାଇଥିଲା। ପରେ ଗ୍ରାହକଜଣଙ୍କ ଲିଟନଙ୍କୁ ଅନ୍ୟ କିଛି ସହଯୋଗୀଙ୍କ ସହ ମିଶି ପ୍ରବଳ ମାଡ଼ ମାରିଥିଲେ। ରାସ୍ତାରେ ଘୋଷାରି ତାଙ୍କୁ ଆକ୍ରମଣ କରାଯାଇଥିଲା। ଦୋକାନରେ ଅନ୍ୟ କର୍ମଚାରୀ ଥିଲେ ମଧ ଲିଟନଙ୍କୁ ରକ୍ଷା କରିବା ପାଇଁ କାହାରି ସାହସ ହୋଇନଥିଲା। ହସ୍ପିଟାଲରେ ଲିଟନ ଶେଷରେ ଆଖି ବୁଜିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, କିଛି ନିର୍ଦ୍ଦିଷ୍ଟ ଧର୍ମର ଲୋକେ ପ୍ରଥମେ ଲିଟନଙ୍କୁ ଗୋଇଠା ମାରିଥିଲେ। ଏହାପରେ ଏକ କୋଦାଳ ଧରି ତାଙ୍କ ପିଠି ଏବଂ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ହୋଇ ଘଟଣାସ୍ଥଳରେ ହିଁ ଲିଟନଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ବାବଦରେ ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି । ପୁଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅନ୍ୟ ଦିଗରେ ସଂଖ୍ୟାଲଘୁମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି । ନିଜର ସୁରକ୍ଷା ପାଇଁ ସେମାନେ ସରକାରଙ୍କ ନିକଟରେ ଦାବି ରଖିଛନ୍ତି ।

## ରାଷ୍ଟ୍ରପତିଙ୍କ ଅତିଥି ହେବେ ଚାଷୀ ଯଶପାଲ

### ଗଣତନ୍ତ୍ର ଦିବସରେ କରାଯିବ ସମ୍ମାନିତ

ନୂଆଦିଲ୍ଲୀ, ୧୮।୧; ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅତିଥି ହେବେ ରେୱାଡ଼ୀ ଜିଲ୍ଲାର ଚାଷୀ ଯଶପାଲ। ଦେଶର ୭୭ତମ ଗଣତନ୍ତ୍ର ଦିବସ ଅବସରରେ ସମ୍ମାନିତ ହେବାକୁ ଯାଉଥିବା ୬ ଚାଷୀଙ୍କ ମଧରେ ସେ ଅନ୍ୟତମ। ରାଷ୍ଟ୍ରପତିଙ୍କ ଅତିଥି ହେବା ପାଇଁ ରାଷ୍ଟ୍ରପତି ଭବନ ତରଫରୁ ତାଙ୍କୁ ଔପଚାରିକ ନିମନ୍ତ୍ରଣ ମିଳିଛି। ଯଶପାଲ ଆସନ୍ତା ୨୫ ତାରିଖରେ ପତ୍ନୀ ଅନୀତା କୁମାରୀଙ୍କ ସହ ଦିଲ୍ଲୀ ଯାତ୍ରା କରିବେ ଏବଂ ୨୮ ତାରିଖରେ ଫେରିବେ। ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଏହି କୃଷକଙ୍କୁ ଆଇସିଏଆର୍ ଦିଲ୍ଲୀ ଯାଏ ଯିବାକୁ ପଡ଼ିବ। ସେଠାରୁ ରାଷ୍ଟ୍ରପତି ଭବନରେ ପହଞ୍ଚିବା ଓ ସେଠାରେ ରହିବାର ପୂରା ବ୍ୟବସ୍ଥା ସରକାର କରିବେ। ୨୦୨୮ରେ ବାପାଙ୍କର କର୍କଟ ରୋଗରେ ମୃତ୍ୟୁ ପରେ ଯଶପାଲ ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଚାଷକୁ ଆପଣେଇଥିଲେ। ୨୦୧୪ରେ ହିଁ ସେ ପ୍ରାକୃତିକ ଚାଷ ଆରମ୍ଭ କରିଥିଲେ। ଯଶପାଲ ନିଜେ କେବଳ ପ୍ରାକୃତିକ ଚାଷକୁ ଆପଣେଇଛନ୍ତି ତାହା ନୁହେଁ, ବରଂ ଏକ ବିଶାଳ କ୍ଷେତ୍ରକୁ ପ୍ରାକୃତିକ ଚାଷ ଭୂମିରେ ରୂପାନ୍ତର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ସେ ବିଭିନ୍ନ କୃଷି ସଂସ୍ଥା ସହ ସମନ୍ୱୟ ସ୍ଥାପନ କରି କେବଳ ନିଜ କ୍ଷେତ ନୁହେଁ, ଅନ୍ୟ ଚାଷୀଙ୍କ କ୍ଷେତରେ ପ୍ରାକୃତିକ ଉତ୍ପାଦନକୁ ସଫଳତାପୂର୍ବକ ପ୍ରୋତ୍ସାହନ ଦେଇଛନ୍ତି। ପ୍ରାକୃତିକ ଉତ୍ପାଦଗୁଡ଼ିକର ଖୁଚୁରା ବଜାରର ଏକ ପ୍ରଭାବଶାଳୀ ଓ ପ୍ରେରକ ମଡେଲ ମଧ ବିକଶିତ କରିଛନ୍ତି। ଏହା ଦ୍ୱାରା ଚାଷୀଙ୍କୁ ସେମାନଙ୍କ ଅମଳର ଉଚିତ୍ ମୂଲ୍ୟ ମିଳୁଛି ଏବଂ ଗ୍ରାହକଙ୍କ ପାଖରେ ଶୁଦ୍ଧ, ସୁରକ୍ଷିତ ଖାଦ୍ୟାନ୍ନ ପହଞ୍ଚୁଛି। ତାଙ୍କର ଏହି ମଡେଲ ଆଜି ଅନେକ ଚାଷୀଙ୍କ ପାଇଁ ମାର୍ଗଦର୍ଶକ ହୋଇଛି।



### ହିଂସା ଲାଗି ଆମେରିକାକୁ ଦାୟୀକଲେ ଖାମେନି

## ଇରାନରେ ନେତୃତ୍ୱ ପରିବର୍ତ୍ତନ ଜରୁରୀ: ଟ୍ରମ୍ପ



ୱାଶିଂଟନ, ୧୮।୧: ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ପୁଣି ଥରେ ସାମ୍ନାକୁ ଆସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୋଲାଖୋଲି ଭାବରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କୁ କ୍ଷମତାଚ୍ୟୁତ କରିବାକୁ କହିଛନ୍ତି। ଇରାନକୁ ଏବେ ନୂତନ ନେତୃତ୍ୱର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଇରାନରେ ହିଂସାତ୍ମକ ଅଶାନ୍ତି ସୃଷ୍ଟି କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଖାମେନି ଟ୍ରମ୍ପଙ୍କୁ ଦାୟୀ କରିବା ପରେ ଏହି ବିବୃତ୍ତି ଆସିଛି। ଆର୍ଥିକ ଅସ୍ଥିରତା ବିରୁଦ୍ଧରେ ଡିସେମ୍ବର ୨୮, ୨୦୨୫ରେ ଇରାନରେ ଆରମ୍ଭ ହୋଇଥିବା ପ୍ରତିବାଦ ଧୀରେ ଧୀରେ ଇସଲାମିକ୍ ଗଣରାଜ୍ୟରେ ଧାର୍ମିକ ଶାସନର ଅନ୍ତ ପାଇଁ ଦାବିରେ ପରିଣତ ହୋଇଥିଲା। ମାନବାଧିକାର ସଂଗଠନଗୁଡ଼ିକ ଦାବି କରିଛନ୍ତି ଯେ, ଗତ ତିନି ସପ୍ତାହ ମଧ୍ୟରେ ହଜାର ହଜାର ପ୍ରଦର୍ଶନକାରୀଙ୍କୁ ହତ୍ୟା କରାଯାଇଛି। ଟ୍ରମ୍ପ ପୂର୍ବରୁ ଇରାନକୁ ଚେତାବନୀ ଦେଇସାରିଛନ୍ତି ଯେ, ଯଦି ପ୍ରତିବାଦକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଏ ତେବେ ଆମେରିକା ଅତ୍ୟନ୍ତ କଠୋର ପଦକ୍ଷେପ ନେଇପାରେ। ତଥାପି, ଶୁକ୍ରବାର, ଟ୍ରମ୍ପ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହା ମଧ୍ୟ କହିଛନ୍ତି ଯେ, ଇରାନ ନେତୃତ୍ୱ ଗଣ ମୃତ୍ୟୁଦଣ୍ଡ ପାଇଁ ଯୋଜନା ବନ୍ଦ କରିଦେଇଛି, ଯେତେବେଳେ ଇରାନ ଏପରି କୌଣସି ଉଦ୍ଦେଶ୍ୟକୁ ଅସ୍ୱୀକାର କରିଛି। ଖାମେନିଙ୍କ ଅଭିଯୋଗର ପ୍ରତିବାଦ କରି ଟ୍ରମ୍ପ କହିଛନ୍ତି ଯେ, ଇରାନର ନେତୃତ୍ୱ ଭୟ ଏବଂ ହିଂସା ମାଧ୍ୟମରେ ଶାସନ କରୁଛି। ସେ କହିଛନ୍ତି, ଜଣେ ନେତା ଭାବରେ ସେ କ୍ଷମତାରେ ରହିବା ପାଇଁ ନିଜ ଦେଶକୁ ନଷ୍ଟ କରୁଛନ୍ତି।

## ପ୍ରଜନନ ହାର ବଢ଼ାଇବାକୁ ଚୀନର ନୂଆ ଚାଲ

ବେଜିଂ, ୧୮।୧: ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କିଛି ଦଶନ୍ଧୀ ପୂର୍ବରୁ ଚୀନ୍ 'ୱାନ ଚାଇଲ୍ଡ' ନୀତି କାର୍ଯ୍ୟକାରୀ କରିଥିଲା। ଏଥିପାଇଁ ଏବେ ଚୀନ୍ ପଶ୍ଚାତାପ କରୁଛି। କାରଣ ଚୀନରେ ପ୍ରଜନନ ହାରରେ ଦ୍ରୁତ ଅବନତି ଦେଖାଦେଇଛି। ମହିଳାମାନେ ଗୋଟିଏ ସନ୍ତାନ ଜନ୍ମ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଣୁ ଦେଶରେ ପ୍ରଜନନ ହାର ବଢାଇବା ପାଇଁ ଚୀନ୍ ନୂଆ ଚାଲ ଚଳାଇଛି। ପ୍ରତି ମହିଳା ୨ ସନ୍ତାନ ବାଧତାମୂଳକ କରାଯାଇଛି। ଏଥି ପାଇଁ ଚୀନ୍ ସରକାର ଗର୍ଭନିରୋଧକ ଉପରେ ଭାରି ଶୁଳ୍କ ଲାଗୁ କରିଛନ୍ତି। ଏହା ଛଡା ଗର୍ଭ ନିରୋଧକ ବଟିକା ଉପରେ ମଧ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇଛି। ଚୀନ୍ କଣ୍ଡୋମ ଓ ଗର୍ଭନିରୋଧକ ବଟିକା ଉପରେ ୧୩% ଶୁଳ୍କ ଲାଗୁ କରିଛି। ରିପୋର୍ଟ ଅନୁସାରେ ଚୀନରେ ୧ ପ୍ୟାକେଟ କଣ୍ଡୋମର ମୂଲ୍ୟ ୫୦ ୟୁଆୟନ (ପାଖାପାଖି ୭ ଡଲାର) ପଡୁଛି। ସେହିପରି ମାସକ ଲାଗି ଗର୍ଭ ନିରୋଧକ ବଟିକା ନିମନ୍ତେ ୧୦୩ ୟୁୟାନ ଅର୍ଥାତ ୧୯ ଡଲାର ହୋଇଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ୧୩% ଶୁଳ୍କ ବୃଦ୍ଧି ପରେ ବି ଚୀନ୍ ନାଗରିକଙ୍କ ପକେଟ ଉପରେ ସେପରି କୌଣସି ପ୍ରଭାବ ପକାଉ ନାହିଁ।

**କଣ୍ଡୋମ ଓ ଗର୍ଭନିରୋଧକ ବଟିକା ଉପରେ ଶୁଳ୍କ ବଢ଼ିଲା**

## ଆସାମରେ କଂଗ୍ରେସକୁ କଟାକ୍ଷ କଲେ ମୋଦୀ

### ଜନ୍ମସ୍ଥାନରେ ହାରି ୫ ନଂ. ସ୍ଥାନକୁ ଚାଲିଗଲା



**ଗୌହାଟୀ,୧୮।୧:** କଂଗ୍ରେସକୁ କଟାକ୍ଷ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆସାମ ଗସ୍ତରେ ଉଠାଇଲେ ମୁମ୍ବାଇ ନଗର ନିଗମ ନିର୍ବାଚନ କଥା। ରବିବାର ଆସାମ ଗସ୍ତରେ ମୋଦୀ ସର୍ବ ପୁରାତନ ରାଜନୈତିକ ଦଳ ଉପରେ ବର୍ଷିଛନ୍ତି। କିପରି ଆସାମର ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିବାରେ କଂଗ୍ରେସ ବିଫଳ ହୋଇଥିଲା ତାହା ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। କଂଗ୍ରେସ ୧୮୮୫ରେ ମୁମ୍ବାଇରେ ସୃଷ୍ଟି ହୋଇଥିଲା। ଏବେ ଏଠାରେ ଦଳ ଶେଷ ହେବାକୁ ବସିଲାଣି। ଲୋକଙ୍କର ଆଉ ଭରସା ନାହିଁ। ମୁମ୍ବାଇ ନିର୍ବାଚନରେ ଦଳ ପଞ୍ଚମ ସ୍ଥାନରେ ରହିଛି। ମହାରାଷ୍ଟ୍ରରେ ବର୍ଷ ବର୍ଷ ଧରି କଂଗ୍ରେସ ସରକାରରେ ଥିଲା। ଏବେ ଅସ୍ତିତ୍ୱ ଲୋପ ହେବାକୁ ବସିଲାଣି। ଆସାମରେ ଡବଲ ଇଞ୍ଜିନ ସରକାର ସଫଳ ହେଉଛି । କଂଗ୍ରେସ କରିଥିବା ପାପକୁ ବିଜେପି ସରକାର ସଫା କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

କାଲିଆବୋରରେ ଆୟୋଜିତ ଏକ ଜନ ସମାଗମରେ ଉଦବୋଧନ ଦେଇ ମୋଦୀ କହିଛନ୍ତି ଯେ, ଆସାମ ଦୀର୍ଘଦିନ ହେବ ନିଜ ସଂସ୍କୃତିକୁ ରକ୍ଷା କରିବାରେ ବିଫଳ ହେଉଥିଲା। ଅନେକ ହିଂସାକାଣ୍ଡ ଘଟୁଥିଲା। ରାଜ୍ୟରେ ଆଦିବାସୀଙ୍କ ଉପରେ ଅତ୍ୟାଚାର ହେଉଥିଲା। ସରକାର ଗଠନ ସହ ନିର୍ବାଚନରେ ଜିତିବା ପାଇଁ କଂଗ୍ରେସ ଆସାମକୁ ହିଂସାକାରୀଙ୍କୁ ଦାନ କରିଦେଇଥିଲା। ଏବେ ବିଜେପି ସରକାର ଆସାମରେ ରହିଛି। ସରକାର ହିଂସା ସୃଷ୍ଟିକାରୀଙ୍କ ବିରୋଧରେ କଡା ଆକ୍ସନ ନେଉଛନ୍ତି। ଜଙ୍ଗଲ, ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିବା ପାଇଁ ବିଜେପି ସରକାର ସମସ୍ତ ପ୍ରୟାସ କରୁଛନ୍ତି।

### ଗ୍ରୀନଲ୍ୟାଣ୍ଡ ଦଖଲ ଲାଗି ଆମେରିକା ବ୍ୟଗ୍ର

# ଟ୍ରମ୍ପଙ୍କ ଶୁଳ୍କ ଧମକକୁ ୟୁରୋପର ବେଖାତିର

### ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନି: ମାକ୍ରୋନ

### ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି ହେବ ପ୍ରଭାବିତ



ସ୍ୱିଡେନ୍,୧୮।୧: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସର୍ବଶେଷ ଶୁଳ୍କ ଧମକକୁ ୟୁରୋପୀୟ ନେତାମାନେ ସମାଲୋଚନା କରିଛନ୍ତି। ସେମାନେ ଚେତାବନୀ ଦେଇଛନ୍ତି ଯେ, ଗ୍ରୀନଲାଣ୍ଡକୁ ନେଇ ବାଣିଜ୍ୟ ଜରିମାନା ଲାଗୁ କରିବା ଭୁଲ ଏବଂ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କକୁ ଏହା କ୍ଷତି ପହଞ୍ଚାଇପାରେ। ଗ୍ରିନଲାଣ୍ଡର ସମର୍ଥକ ଡେନମାର୍କ, ନରୱେ, ସ୍ୱିଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ୍, ନେଦରଲ୍ୟାଣ୍ଡ ଓ ଫିନଲ୍ୟାଣ୍ଡରୁ ଆମେରିକାରେ ପ୍ରବେଶ କରୁଥିବା ସମସ୍ତ ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିବାକୁ ଟ୍ରମ୍ପ ଶନିବାର ଘୋଷଣା କରିଥିଲେ।

ଏହି ଧମକ ପରେ ୟୁରୋପର ନେତାମାନେ କହିଛନ୍ତି ଯେ ଗ୍ରିନଲାଣ୍ଡର ଭବିଷ୍ୟତକୁ ଅର୍ଥନୈତିକ ଚାପ ମାଧମରେ ନିୟନ୍ତ୍ରଣ କରାଯାଇପାରିବ ନାହିଁ ଏବଂ ଆର୍କଟିକରେ ସୁରକ୍ଷା ସହଯୋଗକୁ ବାଣିଜ୍ୟ ବିବାଦରେ ପରିଣତ କରାଯିବା ଉଚିତ ନୁହେଁ। ବ୍ରିଟିସ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏକ୍ସରେ କହିଛନ୍ତି ଯେ ଗ୍ରୀନଲାଣ୍ଡର ସ୍ଥିତି ବାହ୍ୟ ହସ୍ତକ୍ଷେପ ପାଇଁ ଖୋଲାନାହିଁ ଏବଂ ନାଟୋ ସହଯୋଗୀଙ୍କ ବିରୋଧରେ ଶୁଳ୍କ ବ୍ୟବହାରକୁ ସେ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଗ୍ରୀନଲାଣ୍ଡ ଉପରେ ଆମର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ - ଏହା ଡେନମାର୍କର ଏକ ଅଂଶ ଏବଂ ଏହାର ଭବିଷ୍ୟତ ଗ୍ରିନଲାଣ୍ଡ ଓ ଡେନମାର୍କର ବିଷୟ। ସହଯୋଗୀମାନେ ଆର୍କଟିକ୍‌ର ବିଭିନ୍ନ ଭାଗରେ ରୁଷ୍ ବିପଦର ମୁକାବିଲା ପାଇଁ ମିଳିତ ଭାବରେ ଅଧିକ କାର୍ଯ୍ୟ କରିବା ଉଚିତ।

ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ କହିଛନ୍ତି ଯେ, ଫ୍ରାନ୍ସର ବୈଦେଶିକ ନୀତି ସାର୍ବଭୌମତ୍ୱ ଓ ସ୍ୱାଧୀନତା ରକ୍ଷା ଉପରେ ଆଧାରିତ ଏବଂ ୟୁରୋପ ଧମକ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ସ୍ୱିଡେନର ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନ୍ ମଧ ଶୁଳ୍କକୁ ସମାଲୋଚନା କରି କହିଛନ୍ତି ଯେ, ଷ୍ଟକହୋମ୍ 'ବ୍ଲାକମେଲ' କୌଶଳକୁ ଗ୍ରହଣ କରିବ ନାହିଁ। ମିଳିତ ୟୁରୋପୀୟ ପ୍ରତିକ୍ରିୟା ପାଇଁ ସେ ଆହ୍ୱାନ କରିଛନ୍ତି। ଗ୍ରୀନଲାଣ୍ଡ ପ୍ରସଙ୍ଗରେ କେବଳ ଡେନମାର୍କ ଓ ଗ୍ରିନଲାଣ୍ଡ ନିଷ୍ପତ୍ତି ନେବା ଉଚିତ ବୋଲି ସେ କହିଛନ୍ତି। ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା କହିଛନ୍ତି ଯେ ୟୁରୋପ ଏବଂ ବ୍ୟାପକ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଆଞ୍ଚଳିକ ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ରକ୍ଷା କରିବା ଆବଶ୍ୟକ। ୟୁରୋପୀୟ ସଂଘ ଡେନମାର୍କ ଓ ଗ୍ରୀନଲାଣ୍ଡର ଲୋକଙ୍କ ସହ ଛିଡା ହୋଇଛି ଏବଂ ଶୁଳ୍କ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କକୁ ଦୁର୍ବଳ କରିବ ବୋଲି ସେ କହିଛନ୍ତି। ଜର୍ମାନୀରେ ୟୁରୋପୀୟ ସଂସଦ ସଦସ୍ୟ ମାନଫ୍ରେଡ୍ ୱେବର ଚେତାବନୀ ଦେଇଛନ୍ତି ଯେ, ଟ୍ରମ୍ପଙ୍କ ଆଭିମୁଖ୍ୟ ଗତବର୍ଷ ସହମତି ପ୍ରକାଶ ପାଇଥିବା ୟୁରୋପୀୟ ସଂଘ-ଆମେରିକା ବାଣିଜ୍ୟ ଚୁକ୍ତିର ଅଗ୍ରଗତିକୁ ବାଧା ଦେଇପାରେ।



୪୮ ଘଣ୍ଟାରେ ମାନୁଆଲ୍ ଟ୍ରେଡମିଲ୍‌ରେ ସର୍ବାଧିକ ଦୂରତା ଅତିକ୍ରମ କରି ଗିନିଜ୍ ୱର୍ଲ୍ଡ ରେକର୍ଡ କରିଥିବା ରାଉରକେଲାର ସୁମିତ ସିଂହ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟୁଛନ୍ତି।

# ‘ଦେଶରେ ଭୋଟରଙ୍କ ପ୍ରଥମ ପସନ୍ଦ ବିଜେପି’

**ଗୁଆହାଟୀ, ୧୮।୧:** ଭାରତୀୟ ଜନତା ପାର୍ଟି (ବିଜେପି) ଏହାର ଶାସନ ଓ ବିକାଶର ରେକର୍ଡ ହେତୁ ସାରା ଦେଶରେ ଭୋଟରଙ୍କ ପ୍ରଥମ ପସନ୍ଦ ଭାବରେ ଉଭା ହୋଇଛି ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

ଆସାମରେ ଏକ ଜନସଭାକୁ ସମ୍ବୋଧିତ କରି ମୋଦୀ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଦଶନ୍ଧି ଧରି ଶାସନ କରିବା ସମୟରେ ଭୋଟ୍ ବଦଳରେ ଅନୁପ୍ରବେଶକାରୀଙ୍କୁ ରାଜ୍ୟରେ ଜମି ହସ୍ତାନ୍ତର କରିଛି। କଂଗ୍ରେସ ସରକାରଙ୍କ ଅଧୀନରେ ବେଆଇନ ଅନୁପ୍ରବେଶ ବୃଦ୍ଧି ପାଇଛି, ଯେଉଁମାନେ ଜଙ୍ଗଲ, ବନ୍ୟଜନ୍ତୁ କରିଡର ଓ ପାରମ୍ପରିକ ଅନୁଷ୍ଠାନ ଉପରେ ଜବରଦଖଲ କରିଛନ୍ତି। ବିଜେପି ସରକାର ଜମି ଜବରଦଖଲ କରିଥିବା ଅନୁପ୍ରବେଶକାରୀଙ୍କୁ ଘଉଡାଇ ଆସାମର



ପରିଚୟ ଓ ସଂସ୍କୃତିର ସୁରକ୍ଷା କରୁଛନ୍ତି ବୋଲି ମୋଦୀ କହିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଏହାର ନକାରାତ୍ମକ ରାଜନୀତି ହେତୁ ଲୋକଙ୍କ ବିଶ୍ୱାସ ହରାଇଛି, ଯେତେବେଳେ ଭୋଟରମାନେ ସ୍ଥିରତା ଓ ବିକାଶ ପାଇଁ ବିଜେପି ଉପରେ ବିଶ୍ୱାସ ଜାରି ରଖିଛନ୍ତି। ନିକଟରେ ହୋଇଥିବା ନିର୍ବାଚନ ଫଳାଫଳକୁ ଦର୍ଶାଇ ମୋଦୀ କହିଛନ୍ତି ଯେ, ୨୦ ବର୍ଷ ଧରି କ୍ଷମତାରେ ରହିଥିଲେ ମଧ ବିହାର ବିଧାନସଭା ନିର୍ବାଚନରେ ବିଜେପି ରେକର୍ଡ ଭୋଟ୍ ଓ ଆସନ ହାସଲ କରିଛି। ମହାରାଷ୍ଟ୍ର ପୌରପାଳିକା ନିର୍ବାଚନରେ ଦଳର ପ୍ରଦର୍ଶନକୁ ସୂଚାଇବା ସହ କହିଛନ୍ତି ଯେ, କେରଳରେ ବି ବିଜେପି ସଫଳତା ହାସଲ କରିଛି, ଯେଉଁଠାରେ ବର୍ତ୍ତମାନ ଏହାର ଜଣେ ମେୟର ଅଛନ୍ତି। ଏହି ଫଳାଫଳ ଦର୍ଶାଉଛି ଯେ, ସମଗ୍ର ଭାରତର ଲୋକମାନେ ଉତ୍ତମ ଶାସନ ଓ ବିକାଶ ପାଇଁ ବିଜେପି ଉପରେ ବିଶ୍ୱାସ କରନ୍ତି। ୬,୯୫୭ କୋଟି ଟଙ୍କା ବ୍ୟୟରେ ନିର୍ମିତ କାଜିରଙ୍ଗା ଏଲିଭେଟେଡ କରିଡର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଏବଂ ଭର୍ଚୁଆଲ ମାଧ୍ୟମରେ ଦୁଇଟି ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ପ୍ରଧାନମନ୍ତ୍ରୀ ନଗାଓଁ ଜିଲ୍ଲାରେ ଏହା କହିଛନ୍ତି। ବନ୍ୟା ସମୟରେ ବନ୍ୟଜନ୍ତୁଙ୍କୁ ନିରାପଦ ଯାତାୟାତ ଯୋଗାଇବାରେ କାଜିରଙ୍ଗା କରିଡର ସହାୟକ ହେବ ବୋଲି ସେ କହିଛନ୍ତି।

## ଶିନ୍ଦେଙ୍କ ‘ହୋଟେଲ ପଲିଟିକ୍ସ’କୁ ନେଇ ଗର୍ଜିଲେ ସଞ୍ଜୟ



**ମୁମ୍ବାଇ,୧୮।୧:** ବିଏମ୍‌ସି ନିର୍ବାଚନରେ ଏନଡିଏ (ମହାଯୁତି)ର ବିଜୟ ପରେ ମଧ ମୁମ୍ବାଇ ରାଜନୀତିରେ ‘ହୋଟେଲ ରାଜନୀତି’ ଏବଂ ସସପେନ୍ସର ଏକ ଯୁଗ ଆରମ୍ଭ ହୋଇଛି। ଶିବସେନା ମୁଖ୍ୟ ଏକନାଥ ଶିନ୍ଦେ ତାଙ୍କର ୨୯ ଜଣ କାଉନସିଲରଙ୍କୁ ଘୋଡା ବେପାରରୁ ରକ୍ଷାକରିବା ପାଇଁ ଏକ ପଞ୍ଚତାରକା ହୋଟେଲକୁ ସ୍ଥାନାନ୍ତର କରିଛନ୍ତି। ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ସସପେନ୍ସକୁ ଆହୁରି ବଢାଇ ଦେଇଛି। ଏହି ସମୟରେ, ରାଜ୍ୟ ସଭା ଏମପି ଏବଂ ଉଦ୍ଧବ ଠାକରେଙ୍କ ନିକଟତମ ସହଯୋଗୀ ସଞ୍ଜୟ ରାଉତ ଦାବି କରିଛନ୍ତି ଯେ, ପରଦା ପଛରେ ବହୁତ କିଛି ଚାଲିଛି। ଯେକୌଣସି ବହୁମତ, ଯେତେ ବଡ଼ ହେଉନା କାହିଁକି, ‘ଅସ୍ଥିର’। ରାଉତ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ, ଠାକରେଙ୍କ ଦଳର ସଦସ୍ୟମାନେ ସେହି ପଞ୍ଚତାରକା ହୋଟେଲରେ ମଧ୍ୟାହ୍ନଭୋଜନ କରିବାକୁ ଯାଉଛନ୍ତି ଯେଉଁଠାରେ ଶିନ୍ଦେଙ୍କ କାଉନସିଲରମାନେ ରହୁଛନ୍ତି। ସେମାନେ ଆମକୁ ସନ୍ଦେହ କରିବା ଉଚିତ ନୁହେଁ।

## ୧୮ରେ ନୁହେଁ ୨୨ରେ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୧୮।୧ (ସଂଚାର ବ୍ୟୁରୋ):** ନୂଆ ହିତାଧିକାରୀଙ୍କୁ ଆସନ୍ତା ୨୨ ତାରିଖରେ ମିଳିବ ସୁଭଦ୍ରା ଟଙ୍କା। ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପୂର୍ବରୁ ସୁଭଦ୍ରା ଟଙ୍କା ଜାନୁଆରୀ ୧୮ ତାରିଖରେ ଦିଆଯିବ ବୋଲି ଘୋଷଣା ହୋଇଥିଲା। ତେବେ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୮ ବଦଳରେ ଜାନୁଆରୀ ୨୨ ତାରିଖରେ ସୁଭଦ୍ରା ସହାୟତା ଅର୍ଥ ରାଶି ପ୍ରଦାନ କରାଯିବା ନେଇ ସୂଚନା ଦିଆଯାଇଛି।

## ଭାରତ-ତିବ୍ଵତ ସଂଘର ପ୍ରଦେଶ ସଂଯୋଜିକା ହେଲେ ନିବେଦିତା



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ) :** ଓଡ଼ିଶାରେ ଭାରତ ତିବ୍ଵତ ସଂଘର କାର୍ଯ୍ୟକଳାପକୁ ସକ୍ରିୟ ଭାବରେ ଆଗକୁ ନେବା ଓ ଲୋକମାନଙ୍କୁ ଏହାର ବିଚାରଧାରାରେ ସାମିଲ୍ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସମାଜସେବୀ ତଥା ପୂର୍ବତନ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା ନିବେଦିତା ବଳିୟାରସିଂ ନାୟକଙ୍କୁ ‘ପ୍ରଦେଶ ସଂଯୋଜିକା’ ଭାବେ ଦାୟିତ୍ୱ ଦିଆଯାଇଛି। ଭାରତୀୟ ତିବ୍ଵତ ସଂଘର କ୍ଷେତ୍ରୀୟ ସଂଯୋଜକ ପ୍ରବୀଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୌରଭ ସାରସ୍ୱତ, ପୂର୍ବତନ ବିଧାୟକ ନାଉରୀ ନାୟକ, ରାମଚନ୍ଦ୍ର ମେହେର, ନରେଶ ଅଗ୍ରୱାଲ, ନରେଶ ଗୁପ୍ତା, ଶିଶିର କୁମାର ରାଉତରାୟ, ଅଞ୍ଜନ ଦେବତା, ସୁମିତ୍ରା ମହାପାତ୍ର, ସରୋଜ ଭୂୟାଁ ଓ ଡ. ମାଧବ ବେହୁରା ପ୍ରମୁଖ ଉପସ୍ଥିତ ରହି ଭାରତ ତିବ୍ଵତ ସଂଘକୁ ଆଗକୁ ନେବା ପାଇଁ ସଂକଳ୍ପ ନେଇଥିଲେ।

● କୋହଲିଙ୍କ ଲଢୁଆ ଶତକ ବେକାର

# ଘରୋଇ ମାଟିରେ ସିରିଜ ହାରିଲା ଭାରତ

ଇନ୍ଦୋର,୧୮।୧: ଭାରତୀୟ କ୍ରିକେଟ୍ ଦଳର ଆଉ ଏକ ଘରୋଇ ଦୁର୍ଗ ଭୁଶୁଡ଼ିଛି। ଘରୋଇ ପରିବେଶରେ ଟିମ୍ ଇଣ୍ଡିଆର ଦିନିକିଆ ଶୃଙ୍ଖଳା ବିଜୟ ଧାରାରେ ଅପ୍ରତ୍ୟାଶିତ ଭାବେ ବ୍ରେକ୍ ଲାଗିଛି। ୬ଜଣ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ରବିବାର ତୃତୀୟ ଦିନିକିଆକୁ ୪୧ ରନ୍‌ରେ ଜିତି ନ୍ୟୁଜିଲାଣ୍ଡ ତାରକା ଖଚିତ ଭାରତୀୟ ଦଳକୁ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨-୧ରେ ହରାଇ ଦେଇଛି। ଭାରତୀୟ ପ୍ରଶଂସକଙ୍କ ପାଇଁ ଏହି ପରାଜୟ କୌଣସି ବଡ଼ ଝଟକାଠାରୁ କିଛି କମ୍ ହୋଇନି। ଅନଭିଜ୍ଞ ନ୍ୟୁଜିଲାଣ୍ଡଠାରୁ ଟିମ୍ ଇଣ୍ଡିଆ ଘରୋଇ ପରିବେଶରେ ଶୃଙ୍ଖଳା ହାରିବା ପରେ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଯୁବ ଅଧିନାୟକ ଶୁବମନ୍ ଗିଲ୍‌ଙ୍କ ରଣନୈତିକ ଦକ୍ଷତା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦୁଇବର୍ଷ ତଳେ ନ୍ୟୁଜିଲାଣ୍ଡ ହିଁ ଭାରତର ଟେଷ୍ଟ ଦୁର୍ଗକୁ ଭାଙ୍ଗି ୩-୦ରେ ଶୃଙ୍ଖଳା ମୂଳପୋଛ କରିଥିଲା। ଏବେ ଦିନିକିଆରେ ୦-୧ରେ ପଛୁଆ ରହିବା ସତ୍ତ୍ୱେ ପରବର୍ତ୍ତୀ ଦୁଇ ମ୍ୟାଚ୍ ଜିତି ଭାରତ ବିପକ୍ଷରେ ଭାରତ ମାଟିରେ ୨-୧ରେ ଐତିହାସିକ ଶୃଙ୍ଖଳା ବିଜୟ ହାସଲ କରିଛି। ରବିବାର ନିର୍ଣ୍ଣାୟକ ତୃତୀୟ ମୁକାବିଲାରେ ଭାରତୀୟ ଦଳ ସମ୍ମୁଖରେ ନ୍ୟୁଜିଲାଣ୍ଡ ୩୩୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ କିମ୍ବଦନ୍ତି ବିରାଟ କୋହଲିଙ୍କ ଲଢୁଆ ଓ ସାହସିକ ଶତକ ସତ୍ତ୍ୱେ ଭାରତ ୪ ଓଭର ପୂର୍ବରୁ ୨୯୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଦିନିକିଆ କ୍ରିକେଟ୍‌ରେ ଆଉ ଏକ ଲଜ୍ଜାଜନକ ସ୍ତର ଛୁଇଁଥିଲା। ରବିବାର ୧୩୭ ରନ୍‌ର ଦ୍ରୁତ ପାଳି ଖେଳିବା ସହ ଶୃଙ୍ଖଳାରେ ମୋଟ ୩୫୨ ରନ୍ କରିଥିବା ଡାରିଲ ମିଚେଲ ଉଭୟ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ପ୍ରୀତିସ୍ମିତା, କାଳୁଚରଣ, ଏମ୍‌ଜିଏମ୍‌କୁ ‘ଓସ୍‌ଜା’ ପୁରସ୍କାର



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ପ୍ରତିଭାସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ, ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ବିଶେଷ ଅବଦାନ ରଖୁଥିବା ଏମ୍‌ଜିଏମ୍ ଗ୍ରୁପ୍‌କୁ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି। ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଟେନିସ୍ ସେଣ୍ଟର୍ ଅଡିଟୋରିୟମ୍‌ଠାରେ ଆୟୋଜିତ ଉତ୍ସବରେ ଅତିଥିମାନେ ପ୍ରୀତିସ୍ମିତାଙ୍କୁ ୨୦୨୫ ପାଇଁ ଶ୍ରେଷ୍ଠ ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ବାବଦରେ ନଗଦ ୨୫ ହଜାର ଟଙ୍କା ଲେଖାଏଁ, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରିଥିଲେ। ସେହିପରି କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗ ହାତ ବଢ଼ାଉଥିବା ଏମ୍‌ଜିଏମ୍‌କୁ ମଧ ପୁରସ୍କୃତ କରାଯାଇଥିଲା। ଏମ୍‌ଜିଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତିଙ୍କ ତରଫରୁ କମ୍ପାନିର ଏଜିଏମ୍ (କାର୍ପୋରେଟ୍ ଆଫେୟାର୍ସ ଆଣ୍ଡ ସିଏସ୍‌ଆର୍) ଉତ୍ତମ କୁମାର ନାୟକ ପ୍ରଥମ ଥର ପାଇଁ ପ୍ରଚଳିତ ଏହି ସମ୍ମାନ ଗ୍ରହଣ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିବା ବେଳେ ‘ଓସ୍‌ଜା’ ସଭାପତି ସନ୍ଦୀପ ମିଶ୍ର ପୌରୋହିତ୍ୟ କରିଥିଲେ। ସମ୍ପାଦକ ସୁରେଶ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଓଡ଼ିଶାରେ ହେବ ସର୍ବଭାରତୀୟ ବଡି ବିଲ୍ଡିଂ ପ୍ରତିଯୋଗିତା

- ୭ ଲକ୍ଷ ଟଙ୍କାର ପୁରସ୍କାର ମଞ୍ଚରେ ଦିଆଯିବ
- ଫେବୃଆରୀ ୭ରୁ ଉତ୍କଳ ମଣ୍ଡପରେ ଆରମ୍ଭ
- ଭାଗନେବେ ଭାରତର ୧୫୦ ପ୍ରତିଯୋଗୀ



**ଭୁବନେଶ୍ୱର, ୧୮।୧(ସଂଚାର ବ୍ୟୁରୋ):** ବଡ଼ି ବିଲଡିଂକୁ ନେଇ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ଅନେକ ଆଗରେ ଥିବା ବେଳେ ଟ୍ରାନ୍ସଫର୍ମିୟମ କ୍ଲାସିକ୍ସ ଅନୁଷ୍ଠାନ ତରଫରୁ ଏକ ସର୍ବଭାରତୀୟ ବଡି ବିଲ୍ଡିଂ ପ୍ରତିଯୋଗିତା ଆସନ୍ତା ଫେବୃଆରୀ ୭ ଓ ୮ ତାରିଖରେ ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଆୟୋଜନ ହେବ । ଏହି ଅବସରରେ ଭୁବନେଶ୍ୱର ପ୍ରେସ କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଆୟୋଜକ ମିଷ୍ଟର ଜୀବନ ଜ୍ୟୋତି ପ୍ରତିଯୋଗିତା ସମ୍ପର୍କରେ ସମସ୍ତ ବିବରଣୀ ଗଣମାଧ୍ୟମ ଆଗରେ ଉପସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତାକୁ କ୍ରିପାଲ ଫିଟନେସ, ଚିତ୍ତରଞ୍ଜନ ବେହେରା, ସୁଶାନ୍ତ ସେଠି, ଶଙ୍କର ସହଯୋଗ କରୁଛନ୍ତି । ଓଡ଼ିଶାରେ ଏହା ପ୍ରଥମଥର ପାଇଁ ଏକ ବଡ଼ ପରିକଳ୍ପନାରେ ହେବାକୁ ଯାଉଛି। ୨୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରତିଯୋଗିତା ସର୍ବଭାରତୀୟ ସ୍ତରରେ ହେବ । ଓଡିଶା ତଥା ଅନ୍ୟ ଅନ୍ୟାନ୍ୟ ରାଜ୍ୟରୁ ପ୍ରାୟ ୧୫୦ ଜଣ ବଡି ବିଲ୍ଡର ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେବେ । ଆୟୋଜକ କର୍ତ୍ତୃପକ୍ଷ ସମେତ ଅନେକ ପ୍ରତିଯୋଗୀ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ ଏବଂ ଏହି ପ୍ରତିଯୋଗିତା ପାଇଁ ସେମାନେ ବହୁତ ଉତ୍ସାହିତ ଥିବା କଥା ପ୍ରକାଶ କରିଥିଲେ । ପ୍ରତିଯୋଗୀମାନେ ଖୁବ କମ୍ ଦେୟରେ ପଞ୍ଜିକରଣ କରିପାରିବେ ବୋଲି ଆୟୋଜକ କହିଥିଲେ । ଅନେକ ପ୍ରତିଯୋଗୀ ଓଡିଶା ବାହାରକୁ ଯାଇ ଖର୍ଚ୍ଚ କରି ଖେଳିବାକୁ ସକ୍ଷମ ହୋଇପାରନ୍ତିନାହିଁ ତେଣୁ ଆୟୋଜକ ସେହି ସ୍ତରର ଏକ ପ୍ରତିଯୋଗିତା ଭୁବନେଶ୍ୱରରେ ଆୟୋଜନ କରିବାକୁ ସ୍ଥିର କରିଛନ୍ତି, ଯାହା ଫଳରେ ଗ୍ରାମାଞ୍ଚଳର ପ୍ରତିଯୋଗୀମାନେ ମଧ ଭାଗ ନେଇ ଖେଳିପାରିବେ ଏବଂ ସେମାନଙ୍କର ପ୍ରତିଭାର ପ୍ରଦର୍ଶନ କରିପାରିବେ ।

● ରାଜାରାଣୀ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

## ଉଲ୍ଲାସଙ୍କ ସୁଲଳିତ କଣ୍ଠରେ ଦର୍ଶକ ବିମୋହିତ



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ରାଜାରାଣୀ ସଙ୍ଗୀତ ଉତ୍ସବ-୨୦୨୬ ଆଜି ଉଦ୍‌ଯାପିତ ହୋଇଛି। ଆଜିର ଉଦ୍‌ଯାପନୀ ସନ୍ଧ୍ୟାରେ ଗୁରୁ ବିଶ୍ୱରଞ୍ଜନ ନନ୍ଦ ଏବଂ ସାଥୀ କଳାକାରମାନେ ତବଲା ଓ ମର୍ଦ୍ଦଳ ବାଦନର ଏକ ଯୁଗଳବନ୍ଦୀ ଦର୍ଶକମାନଙ୍କ ସମ୍ମୁଖରେ ପରିବେଷଣ କରିଥିଲେ। ଗୁରୁ ବିଶ୍ୱରଞ୍ଜନ ନନ୍ଦଙ୍କୁ ତବଲାରେ ସହଯୋଗ କରିଥିଲେ ଗୁରୁ ବିଜୟ କୁମାର ଦାସ, ମର୍ଦ୍ଦଳରେ ଗୁରୁ ବୁଦ୍ଧନାଥ ସ୍ୱାଇଁ, ଗୁରୁ ଅରୁପ ଦାସ, ବେହେଲାରେ ଗୁରୁ ପ୍ରଶାନ୍ତ କୁମାର ଏବଂ ବଂଶୀ ବାଦନରେ ସହଯୋଗ କରିଥିଲେ ଗୁରୁ ନିବାସ ଶତପଥୀ। ଏହାପରେ ପଣ୍ଡିତ ଉଲ୍ଲାସ କଶଲକର ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ତବଲାରେ ସହଯୋଗ କରିଥିଲେ ପଣ୍ଡିତ ସୁରେଶ ତଲୱାଲକର ଏବଂ ହାରମୋନିୟମରେ ଅମେୟ ବିଚୁ। ପଣ୍ଡିତ ଉଲ୍ଲାସ କଶଲକରଙ୍କ ସୁଲଳିତ କଣ୍ଠ ଓ ସୁନ୍ଦର ରାଗ ବିସ୍ତାର ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଜିର ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା, ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ପ୍ରଫେସର ରାମହରି ଦାସ, ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨.୬୩ କୋଟି...

ଗାଡ଼ି ମଧରେ ମହିନ୍ଦ୍ରା ସ୍କର୍ପିଓ, ଟୟୋଟା ଫର୍ଚୁନର୍, ମହିନ୍ଦ୍ରା ଏକ୍ସୟୁଭି୭୦୦ ଓ ଥାର୍ ଏସ୍‌ୟୁଭି ରହିଛି ଓ ସେଗୁଡ଼ିକର ପଞ୍ଜିକରଣ ନମ୍ବର ମଧ ଓଡ଼ିଶାର। ୬ଟି ରାଜ୍ୟର ୧୭୫ରୁ ଅଧିକ ଅଧିକାରୀ ବେଆଇନ ବାଲି ଓ କଳାପଥର ଖଣିରେ ସମ୍ପୃକ୍ତ ଥିବା ଅଭିଯୋଗରେ ସମ୍ପୃକ୍ତ ମାଫିଆଙ୍କ ସହ ଦେଶୀ ମଦ (ଭାଟି) କାରବାର ସହ ଜଡ଼ିତ ଠିକାଦାର ଓ ମାଲିକଙ୍କ ସହ ଜଡ଼ିତ ସମ୍ପତ୍ତି ତଦନ୍ତ କରିଥିଲେ। ଏହି ଚଢ଼ାଉ ସମୟରେ ଅଭିଯୁକ୍ତମାନଙ୍କ ବାସଭବନ ଓ ବିଭିନ୍ନ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କାଗଜପତ୍ର ଠାବ କରାଯାଇଛି। ଦଲାଲ, ଗୁରୁତର ଅପରାଧିକ ପୂର୍ବବର୍ତ୍ତୀ ସିଣ୍ଡିକେଟ ଓ ଏଥିସହ ଜଡ଼ିତ ଅନ୍ୟାନ୍ୟ ବ୍ୟାବସାୟିକ ଅଂଶୀଦାରମାନେ ସେମାନଙ୍କ କ୍ଷମତାର ଦୁରୁପଯୋଗ କରି ଖଣିଜ ସମ୍ପଦ ବିକ୍ରି କରିବା ସହ ସେମାନଙ୍କ ଅଞ୍ଚଳର ଲୋକଙ୍କୁ ଶୋଷଣ ଓ ଆତଙ୍କିତ କରିଆସୁଥିଲେ। ପୂର୍ବରୁ ଇଡି ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଜଲ୍ ୱାଇ-ଫର୍ମ (ଟ୍ରାନ୍‌ଜିଟ ପରମିଟ୍) ବ୍ୟବହାର କରି ବେଆଇନ ଖଣିଜ ପଦାର୍ଥ ପରିବହନ (ଚୋରାଚାଲାଣ) କରୁଥିବା ବିଭିନ୍ନ ବାଲି ସିଣ୍ଡିକେଟ୍ ବିରୋଧରେ ପଞ୍ଜୀକୃତ ଅନେକ ମାମଲା ଆଧାରରେ ଏକ ଇସିଆଇଆର୍ ରେକର୍ଡ ପୂର୍ବକ ତଦନ୍ତ ଆରମ୍ଭ ହୋଇଥିଲା। ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା, ବାହୁଦା ଓ ବଡ଼ା ନଦୀର ନଦୀଗର୍ଭରେ ବ୍ୟାପକ ଅବୈଧ ଖଣି ଖନନ ହେଉଥିବା ନେଇ ପୂର୍ବରୁ ସିଏଜି ତାଙ୍କ ରିପୋର୍ଟରେ ସ୍ପଷ୍ଟ କରିଥିଲେ। ଏଭଳି ବେଆଇନ କାରବାର ରାଜ୍ୟ ରାଜକୋଷକୁ ବ୍ୟାପକ କ୍ଷତି ପହଞ୍ଚାଉଥିବାରୁ ସିଏଜିଙ୍କ ରିପୋର୍ଟକୁ ଭିତ୍ତି କରି ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସିଣ୍ଡିକେଟ୍‌ର ଅନେକ ସଦସ୍ୟଙ୍କ ବିରୋଧରେ ଗଞ୍ଜାମ ଜିଲ୍ଲାରେ ମାମଲା ରୁଜୁ ହୋଇଛି। ଏଥିରେ ହତ୍ୟା, ଅପହରଣ, ଶାରୀରିକ ଆକ୍ରମଣ, ଜାଲିଆତି, ଠକେଇ ଓ ବଟି ଆଦାୟ ଭଳି ଗୁରୁତର ଅପରାଧ ସାମିଲ ରହିଛି। ସେହିପରି ଚଢ଼ାଉ ସମୟରେ ସମ୍ପୃକ୍ତ ମାଫିଆମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଚୁକ୍ତିନାମା ଓ ଖଣି ଲିଜ୍ ଆଦି ଜବତ କରାଯାଇଛି। ଏନେଇ ଇଡି ପକ୍ଷରୁ ଅଧିକ ତଦନ୍ତ କରାଯାଉଥିବା ବେଳେ ଆଗାମୀ ଦିନରେ ଏହି ମନି ଲଣ୍ଡରିଂର ସମସ୍ତ ଉତ୍ସ ଠାବ କରିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସ୍ପଷ୍ଟ କରାଯାଇଛି।

### କଳାହାଣ୍ଡି-ନବରଙ୍ଗପୁରରେ...

ଏହି ଅବସରରେ ଜିଲ୍ଲାରେ ଉତେଇ ରାଉଳ ଜଳସେଚନ ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ୩,୩୨୫ କୋଟି ଟଙ୍କା ବିନିଯୋଗ ହେବ ଓ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି। ଏଥିସହ କଳାହାଣ୍ଡିରୁ ନବରଙ୍ଗପୁର ପର୍ଯ୍ୟନ୍ତ ଅଞ୍ଚଳକୁ ‘କପା ଉତ୍ପାଦନ କ୍ଲଷ୍ଟର୍’ରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହ ଜିଲ୍ଲାର ବେଲ୍‌ଗାମ ଅନ୍ତନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ସହ ସାଣ୍ଡୁଲ ବ୍ୟାରେଜ୍ କାମ ମଧ ଅବିଳମ୍ବେ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୃଷି କ୍ଷେତ୍ରରେ କଳାହାଣ୍ଡିକୁ ରାଜ୍ୟରେ ଏକ ନମ୍ବରରେ ପରିଣତ କରିବା ପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ଭବାନୀପାଟଣାଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନର ସରକାର ଲୋକଙ୍କ ସରକାର। ସମସ୍ତଙ୍କ ବିକାଶ ଓ କଲ୍ୟାଣ ପାଇଁ ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସରକାର ସବୁବେଳେ ତତ୍ପର ଅଛନ୍ତି। କେନ୍ଦ୍ର ସରକାର ମଧ ୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠେଇବା ପାଇଁ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ଛୋଟ ବଡ଼ ସମସ୍ତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା କରୁଛନ୍ତି। ସମସ୍ତଙ୍କ ସହଯୋଗରେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କଳାହାଣ୍ଡି ଆଜି ବିକାଶ ପଥରେ ଆଗଉଛି ବୋଲି କହିବା ସହ ୨୦୩୬ ସୁଦ୍ଧା କଳାହାଣ୍ଡି ଯେପରି ରାଜ୍ୟର ଶ୍ରେଷ୍ଠ ଜିଲ୍ଲାରେ ପରିଣତ ହେବ, ସେଥିପାଇଁ ସମସ୍ତେ ମିଳିମିଶି ଉଦ୍ୟମ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ବାରମ୍ବାର ଯାଇ ଲୋକଙ୍କ ସହ ମିଶୁଥିବା ବେଳେ ଏହା ଦେଶରେ ବିରଳ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପାଟଯୋଶୀ, ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ନର୍ଲା ବିଧାୟିକା ମନୋରମା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଧନ୍ୟବାଦ ଦେଇଥିଲେ।

### ବିଜେଡି...

ପୁଣିଥରେ ଗଣମାଧ୍ୟମକୁ ଆସି ଦୁଇ ବିଧାୟକଙ୍କ ସହିତ ଅରବିନ୍ଦଙ୍କ ପିତା ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କୁ ଯୋଡିଥିଲେ। ଏହି ଦୁଇ ଜଣଙ୍କୁ ମୋହରା କରି ବିଜୟ ବିଜେଡିକୁ ଭାଙ୍ଗିବାକୁ ମିଡ୍ ଡେ’ ଅପରେସନ ଚଳାଇଥିଲେ ଓ ତାହାକୁ ହେବାକୁ ଦିଆଗଲା ନାହିଁ ବୋଲି କହିଥିଲେ। ଏହା ଶୁଣିବାପରେ ଅରବିନ୍ଦ ପୁଣିଥରେ ଏହାର ପ୍ରମାଣ ମାଗିଥିଲେ। ବିଜେଡି ମୁଖପାତ୍ର ଆଜି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଅରବିନ୍ଦ ନିର୍ବାଚନରେ କେନ୍ଦ୍ରାପଡାରେ ଦଳୀୟ ସାଂସଦଙ୍କୁ ହରାଇବା ପାଇଁ କାର୍ଯ୍ୟ କରିଥିଲେ। ନିଜର ପ୍ରଚାରପତ୍ରରେ ଦଳୀୟ ଚିହ୍ନ କିମ୍ବା ନବୀନଙ୍କ ଫଟୋ ରଖିନଥିଲେ। ଏଭଳି ଖବର ପ୍ରକାଶ ପାଇବାପରେ ଅରବିନ୍ଦ ଆଜି ଦିଲ୍ଲୀ ଯାତ୍ରା ପୂର୍ବରୁ ପୁଣି ଥରେ ପ୍ରମାଣ ମାଗିବା ସହିତ ସମସ୍ତ ଅଭିଯୋଗକୁ ବିଜେଡି ଗୋଟିଏ କାଗଜରେ ଲେଖିକରି ଦେଲେ ତାହାର ସେ ଖଣ୍ଡନ କରିବେ ବୋଲି କହିଛନ୍ତି। ଏହାଛଡା ବିଭିନ୍ନ ଗଣମାଧ୍ୟମରେ ଏବେ ପାଟକୁରା ନିର୍ବାଚନମଣ୍ଡଳୀରେ ଶଙ୍ଖଚିହ୍ନ ସହିତ ନବୀନଙ୍କ ଫଟୋଥିବା ଅରବିନ୍ଦଙ୍କ ହୋର୍ଡିଂର ସଚିତ୍ର ଖବର ପ୍ରକାଶ ପାଇବାରେ ଲାଗିଛି। ପାଟକୁରା ନିର୍ବାଚନମଣ୍ଡଳୀର ଡେରାବିସରେ ବି ଅରବିନ୍ଦଙ୍କ ସପକ୍ଷରେ ଶୋଭାଯାତ୍ରା ବାହାରିଛି। ଗଣମାଧ୍ୟମ ଏବେ ଅରବିନ୍ଦଙ୍କ ନିଲମ୍ବନକୁ ପ୍ରମୁଖ ଖବର କରିବା ସହିତ ତାଙ୍କ ବକ୍ତବ୍ୟକୁ ଗୁରୁତ୍ୱ ଦେଉଥିବାରୁ ଅରବିନ୍ଦ ପ୍ରସଙ୍ଗ ଏବେ ବିଜେଡି ତଣ୍ଟିରେ କଣ୍ଟା ହୋଇ ଲାଗିଛି। ନବୀନ ପଟ୍ଟନାୟକ ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ମୁହଁ ଖୋଲିନଥିବା ବେଳେ ମୁଖପାତ୍ରମାନଙ୍କର ଭଲିକି ଭଲି ଅଭିଯୋଗ ଏବେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଅରବିନ୍ଦଙ୍କ ନିଲମ୍ବନର ପ୍ରକୃତ କାରଣ କ’ଣ ତାହା ଜାଣିବାକୁ ଲୋକଙ୍କ ମଧ୍ୟରେ ଉତ୍ସୁକତା ବଢୁଥିବା ବେଳେ ତଣ୍ଟିରେ ଲାଗିଥିବା କଣ୍ଟାକୁ କାଢିବାପାଇଁ ବିଜେଡି ଆଗକୁ କ’ଣ ପ୍ରତିକ୍ରିୟା ରଖିବ ଓ କାହାକୁ ବଳି ବୋଦା କରିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ଜମିଜମା...

(ନଂ.ଓଡି୦୫ସିଡି ୦୩୨୦)ପହଞ୍ଚିଥିଲା। ସେଥିରୁ କେତେକ ଦୁର୍ବୃତ୍ତ ବାହାରି ଏକ ନିର୍ଦ୍ଦିଷ୍ଟ ଜାଗାକୁ ନେଇ ତ୍ରିଲୋଚନଙ୍କ ସହ ଯୁକ୍ତିତର୍କ ଆରମ୍ଭ କରିଦେଇଥିଲେ। ଏପରିକି ସେମାନେ ତ୍ରିଲୋଚନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ସେମାନେ ଉକ୍ତ ଥାର୍‌ରୁ ମାରଣାସ୍ତ୍ର ବାହାର କରି କାର୍ଯ୍ୟରତ ଶ୍ରମିକମାନଙ୍କୁ ବାଧା ଦେବା ସହ ଏକ ଜେସିବିକୁ ଭାଙ୍ଗିଦେଇଥିଲେ। ଅଧିକନ୍ତୁ ସେମାନେ ତ୍ରିଲୋଚନଙ୍କୁ ଡରାଇବା ସକାଶେ ଫାଙ୍କାରେ ଗୁଳି ମଧ ଚାଳନା କରିଥିଲେ। ଏନେଇ ସ୍ଥାନୀୟ ଲୋକେ ବାରଙ୍ଗ ଥାନାକୁ ଖବର ଦେବାରୁ ପୁଲିସ୍ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ଏଥିସହ ପୁଲିସ୍ କେତେକ ମାରଣାସ୍ତ୍ର, ମୋବାଇଲ୍ ଓ ଉକ୍ତ ଥାର୍‌କୁ ବି ଜବତ କରିଛି। ସେମାନଙ୍କୁ ଗିରଫ ପରେ ପୁଲିସ୍ କୋର୍ଟରେ ହାଜର କରିଥିବା ଜଣାପଡ଼ିଛି।

### ପ୍ରତିଷ୍ଠା...

ସହାୟତା ପ୍ରଦାନ କରିବେ। ତିନୋଟି ପର୍ଯ୍ୟାୟରେ ଏହି ସହାୟତା ଦିଆଯିବ। ପ୍ରକଳ୍ପ ଅନୁମୋଦ ପାଇବାର ୨୪ ମାସରେ ପ୍ରଥମ କିସ୍ତି, ପରବର୍ତ୍ତୀ ୧୮ ମାସରେ ଦ୍ୱିତୀୟ ଏବଂ ତା’ ପରବର୍ତ୍ତୀ ୧୮ ମାସରେ ତୃତୀୟ କିସ୍ତି ସହାୟତା ପ୍ରଦାନ କରାଯିବ। ବାୟୋଟେକ୍ନୋଲୋଜି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରକଳ୍ପ ଅଗ୍ରଗତିର ନିୟମିତ ସମୀକ୍ଷା କରିବେ। ଏଥିସହ ପ୍ରତି ଆର୍ଥିକ ବର୍ଷର ପ୍ରଥମ ୩୦ ଦିନ ମଧ୍ୟରେ ଅନୁଷ୍ଠାନଗୁଡ଼ିକ ନିଜ ନିଜର ବିନିଯୋଗ ପ୍ରମାଣପତ୍ର (ୟୁସି) ସରକାରଙ୍କ ନିକଟରେ ଦାଖଲ କରିବେ।

### ମଉଜରେ...

ଉଠାଇବାକୁ ଦେବେ ୟୁଜର୍ସ ଫି। ବିଏମସି ଲୋକଙ୍କୁ ଯେଉଁ ସେବା ଯୋଗାଉଛି ସେସବୁ ସେବା ଲୋକଙ୍କ ଟିକସ ଅର୍ଥରୁ ହିଁ ଭରଣା କରାଯାଉଛି। ଏହା ଭିନ୍ନ ବିଏମସିର ଆହୁରି ଅନେକ ରୋଜଗାରର ମାଧ୍ୟମ ରହିଛି। ସେସବୁ କିନ୍ତୁ ଭିନ୍ନ କଥା। ମହାନଗର ନିଗମକୁ ଏକ ଲାଭଦାୟକ କର୍ପୋରେଟ ଅଫିସ ଭାବେ ରୂପାନ୍ତରିତ କରିବାକୁ ଚେଷ୍ଟା କରାଯାଉଛି। କର୍ପୋରେଟ ଢାଞ୍ଚାରେ ଯେମିତି ପ୍ରତିଟି କାର୍ଯ୍ୟରେ ଲାଭ ଦେଖାଯାଏ, ବିଏମସି ସେହିଭଳି ପ୍ରତିଟି ସେବାରେ ଆୟ ଖୋଜୁଛି। ରାଜଧାନୀବାସୀ ଏସବୁକୁ ମୁଣ୍ଡପୋତି ସହି ନେଲେଣି। ଏକଦା ପରାଧୀନ ଭାରତରେ ଇଂରେଜଙ୍କୁ ଡରି ଲୋକେ ସବୁ ଖଜଣା ଦେଲା ଭଳି ରାଜଧାନୀବାସୀ ବିଏମସି ଲଗାଉଥିବା ସବୁ ଟିକସକୁ ବିନା ପ୍ରତିବାଦରେ ଗ୍ରହଣ କରିନେଉଛନ୍ତି। ଆଉ ବିଏମସି ଲୋକଙ୍କୁ ମିଛ ମଉଜ ଦେବା ନାଁରେ ପ୍ରତି ରବିବାର ଆୟୋଜନ କରୁଛି ପଥ ଉତ୍ସବ। ଏହି ପଥ ଉତ୍ସବରେ କଳାକାରଙ୍କୁ ଆଣି ବିଭିନ୍ନ ପ୍ରକାର ମନୋରଂଜନଧର୍ମୀ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ସେହି କଳାକାରଙ୍କ ପିଛା ଲକ୍ଷାଧିକ ଟଙ୍କା ପାଣି ଭଳି ଉଡେଇ ଦେଉଛି। ସକାଳୁ ସକାଳୁ ଡିଜେ ବଜେଇ ଲୋକଙ୍କୁ ରାସ୍ତାକୁ ଆସିବାକୁ ବାଧ କରାଯାଉଛି। ପଥଉତ୍ସବରେ ଷ୍ଟଲ ନାଁରେ ମଧ ଚାନ୍ଦା ଆଦାୟ ହେଉଛି। ଲାଇଟ, ସାଉଣ୍ଡ, ଡିଜେ, କଳାକାର, ଅତିଥି ସମସ୍ତଙ୍କ ପିଛା ମହାନଗର ନିଗମ ଖର୍ଚ୍ଚ କରୁଥିବା ଲକ୍ଷ ଲକ୍ଷ ଟଙ୍କା ରାଜଧାନୀବାସୀଙ୍କ ଟିକସ ପଇସା ବୋଲି ବୋଧହୁଏ ସରକାର ଭୁଲିଯାଉଛନ୍ତି। ସକାଳ ୫ଟାରୁ ଦିନ ୯ଟା ପର୍ଯ୍ୟନ୍ତ କେବଳ ଯେ, ନାଚଗୀତ, ମଉଜ ମଜଲିସ ନାଁରେ ଲକ୍ଷ ଲକ୍ଷ ଶ୍ରାଦ୍ଧ ହେଉଛି ତା ନୁହେଁ। ଯେଉଁ ପ୍ରମୁଖ ରାସ୍ତାରେ ଏହି ପଥ ଉତ୍ସବର ଆୟୋଜନ କରାଯାଉଛି ସେହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଉଛି। ସେବାଟେ କୌଣସି ଜରୁରୀ କାମରେ ଲୋକେ ଘରୁ ବାହାରି ପାରିବେନି, ଆମ୍ବୁଲାନ୍ସ ନିଜର ଦିଗ ବଦଳାଇବାକୁ ବାଧ, ରାସ୍ତାର ଉଭୟ ପାର୍ଶ୍ୱରେ ରହୁଥିବା ଲୋକେ ବି ନିଜ ଘରୁ ବାହାରି ପାରିବେନି। ବିଏମସି ନିଜ ପାରଦର୍ଶିତା ଦେଖାଇ ଜାତୀୟ ମାନ୍ୟତା ପାଇବାକୁ ଲୋକଙ୍କୁ ହଇରାଣ କରିବା କି ପ୍ରକାର ନ୍ୟାୟ ବୁଝି ହେଉନି। ଗୋଟିଏ ଗୋଟିଏ ମୁଖ୍ୟ ରାସ୍ତାକୁ ଯଦି ଚାରି ପାଞ୍ଚ ଘଣ୍ଟା ଧରି ବନ୍ଦ କରିଦେବା ପରେ ଏହାକୁ ସଂଯୋଗ କରୁଥିବା ରାସ୍ତା ଗୁଡିକରେ ବି ଟ୍ରାଫିକ ସମସ୍ୟା ହେଉଛି। ବିଏମସିର ଏଭଳି ମନମୁଖୀ କାର୍ଯ୍ୟ ଉପରେ ସରକାର କେବେ ଲଗାମ ଲଗାଇବେ ତାଉପରେ ସମସ୍ତଙ୍କ ନଜର।

### ମୃତକଙ୍କ...

ସଂସ୍ଥା ବହନ କରିବ। ଏଥିସହ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନର ଭଗ୍ନାବଶେଷକୁ ଦୁଇ ତିନି ଦିନ ଭିତରେ ଭୁବନେଶ୍ୱରକୁ ନିଆଯିବ ବୋଲି ସିଇଓ ଶ୍ରୀ ଗର୍ଗ କହିଛନ୍ତି। ସୂଚନାଯୋଗ୍ୟ ଯେ ଏହି ଦୁର୍ଘଟଣାରେ ସୁଶାନ୍ତଙ୍କ ଭଉଣୀ ଅନୀତା ମଧ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

### ଉତ୍ତର-ଭୁବନେଶ୍ୱର...

ସେଠାରେ ଭୋଜିଭାତ ସହ ସହଯୋଗୀଙ୍କ ସେ ବେଶ କିଛି ସମୟ କାଟିଥିଲେ। ଉତ୍ତର ଭୁବନେଶ୍ୱରରେ ତାଙ୍କର ଏଭଳି କାର୍ଯ୍ୟକ୍ରମରୁ ଅନେକ କିଛି ସଙ୍କେତ ମିଳୁଛି। ଏମିତି ବି ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କରିବ ବୋଲି ପ୍ରତିଶ୍ରୁତି ଦେଇ ପ୍ରଚାର କରାଇଥିଲା। ତେଣୁ ସେ ଉତ୍ତର-ଭୁବନେଶ୍ୱର ସହ ଅନ୍ୟ ନିର୍ବାଚନମଣ୍ଡଳୀର କିଛି କିଛି ଲୋକ, ନେତା ଓ କର୍ମୀଙ୍କ ସହ ଯୋଗାଯୋଗରେ ଆସିଥିଲେ। ଓଟିଡିସି ନିର୍ଦ୍ଦେଶିକା, ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଭାବେ ସୃଷ୍ଟି ହୋଇଥିବା ଲୋକସମ୍ପର୍କକୁ ସେ ପୁନର୍ଜୀବିତ କରିଥିବା ଜଣାପଡିଛି। ତେଣୁ ନିଜର ପୁରୁଣା ସମ୍ପର୍କ ଓ ସହଯୋଗୀଙ୍କ ସହାୟତାରେ ସେ ଉତ୍ତର-ଭୁବନେଶ୍ୱରକୁ ଆଖେଇଥିବା ଚର୍ଚ୍ଚା ହେଉଛି। ଏହାପୂର୍ବରୁ ସେ ପଟିଆଗଡ ବାଲିଯାତ୍ରା ମହୋତ୍ସବକୁ ମଧ ଅତିଥି ଭାବେ ଯାଇଥିଲେ। ସେ ଆଉ ବିଜେଡିରେ ନଥିବା ବେଳେ ଆଗକୁ ନିଜର ରାଜନୈତିକ କ୍ଷେତ୍ର ପ୍ରସ୍ତୁତି ପାଇଁ ଜୋରସୋରରେ ଉଦ୍ୟମ କରୁଥିବା ଜଣାପଡ଼ିଛି। ଯେହେତୁ ସେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରୁ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରି ବିଫଳ ହୋଇଥିଲେ, ତେଣୁ ଶ୍ରୀମୟୀ ଏବେ ଏହି ସଂସଦୀୟ କ୍ଷେତ୍ର ମଧ୍ୟରେ ଉତ୍ତର-ଭୁବନେଶ୍ୱରକୁ ସବୁଠୁ ସୁରକ୍ଷିତ ଆସନ ବୋଲି ଭାବୁଥିବା ତାଙ୍କ ନିକଟତମ ସହଯୋଗୀମାନେ କହୁଛନ୍ତି। ତାଙ୍କର ଏହି ଅଭିଯାନରେ ବିଜେଡିର କିଛି ତୃଣମୂଳ ସ୍ତରର ଅସନ୍ତୁଷ୍ଟ ନେତା ଓ କର୍ମୀମାନେ ବି ସହଯୋଗର ହାତ ବଢ଼ାଇଥିବା ଚର୍ଚ୍ଚା ହେଉଛି।

### ଚତୁର୍ଥ...

ରହିଥିବାରୁ କାଳେ ଦିଲ୍ଲୀପଙ୍କ ବିଜୟର ରାଜନୈତିକ ଶ୍ରେୟ ବିଜୟ ନେଇଯିବେ, ସେଥିପାଇଁ ବିଜେଡି ତାଙ୍କୁ ଚେକ୍ ଦେଇଛି। ବିଜେଡିକୁ ଭାଙ୍ଗିବାକୁ ବିଜୟଙ୍କ ସହ ତାଙ୍କ ବିଧାୟକ ପୁତ୍ର ଅରବିନ୍ଦ ଓ ଅନ୍ୟତମ ବିଜେଡି ବିଧାୟକ ସନାତନ ମହାକୁଡ଼ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ଆଣି ଉଭୟଙ୍କୁ ତତ୍କାଳ ବିଜେଡିରୁ ନିଲମ୍ବିତ କରାଯାଇଛି। ବିଜୟଙ୍କ ବିରୋଧରେ ମଧ ବିଜେଡି ମୁଖପାତ୍ରମାନେ ବୟାନବାଜି କରୁଛନ୍ତି। ତେବେ ଏହି ୩ ଜଣ ଷଡ଼ଯନ୍ତ୍ରକାରୀଙ୍କ ସହ ବିଜେଡିର କେଉଁ ବିଧାୟକମାନେ ଯୋଗାଯୋଗରେ ରହିଥିଲେ ତାହା କହିନାହାନ୍ତି। ଏଣେ ସନାତନ ଦଳର ଅଭିଯୋଗ ମିଥ୍ୟା ବୋଲି କହି ନିରବ ରହିଥିବା ବେଳେ ଅରବିନ୍ଦ କିନ୍ତୁ ଅଭିଯୋଗର ପ୍ରମାଣ ମାଗିବାରେ ଲାଗିଛନ୍ତି। ଗୋଟିଏ ପଟେ ରାଜ୍ୟସଭା ନିର୍ବାଚନରେ ଲଢ଼ିବାକୁ ଦିଲ୍ଲୀପ ରାୟ ସଜବାଜ ହେବା ଓ ଅନ୍ୟପଟେ ଦଳୀୟ ରାଜନୀତିରୁ ଦୂରରେ ରହିଥିବା ବିଜୟଙ୍କ ଉପରେ ବିଜେଡିର ଆରୋପ ଏବେ ଅନେକ ଦିଗକୁ ଇଙ୍ଗିତ କରୁଥିବାବେଳେ ବିଜୟଙ୍କ ପତିଆରାକୁ ରୋକିବାକୁ ବିଜେଡିର ଏହା ସୁଚିନ୍ତିତ ଯୋଜନା ବୋଲି ଏବେ ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଏଥିପାଇଁ ଅରବିନ୍ଦ ଓ ସନାତନଙ୍କୁ ବିଜେଡି ବଳି ପକାଇଛି। ଆଗାମୀ ଦିନରେ ବିଜେଡି ତାହାର କାର୍ଯ୍ୟାନୁଷ୍ଠାନକୁ ସଠିକ୍ ଦର୍ଶାଇବାପାଇଁ ଆଉ କିଛି ନେତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିପାରେ ବୋଲି କର୍ମୀମାନେ ମତ ଦେଉଛନ୍ତି। ତେବେ ସମସ୍ତଙ୍କ ନଜର ରହିଛି କଂଗ୍ରେସ ଉପରେ। ବିଧାନସଭାରେ ୧୪ ବିଧାୟକ ଥିବା କଂଗ୍ରେସ ଏଥର ରାଜ୍ୟସଭା ନିର୍ବାଚନରେ ନିଜସ୍ୱ ପ୍ରାର୍ଥୀ ଦେବ ନା ଦିଲ୍ଲୀପ ରାୟ ପ୍ରାର୍ଥୀ ହେଲେ ତାଙ୍କୁ ସମର୍ଥନ କରିବ ତାହା ବଡ ପ୍ରଶ୍ନବାଚୀ ହୋଇଛି। ତେବେ କଂଗ୍ରେସ ମହଲରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀପ ଯଦି ନିର୍ଦ୍ଦଳୀୟ ପ୍ରାର୍ଥୀ ହେଲେ ତେବେ ବିଜେପିକୁ ଚେକ୍ ଦେବାପାଇଁ କଂଗ୍ରେସ ତାଙ୍କୁ ସହଯୋଗର ହାତ ବଢାଇବ। ଦିଲ୍ଲୀପ ରାୟ ଚତୁର୍ଥ ପ୍ରାର୍ଥୀ ହେବା ନେଇ ସୂଚନା ମିଳୁଥିବାବେଳେ ବର୍ତ୍ତମାନ ସୁଦ୍ଧା ଦିଲ୍ଲୀପ କିନ୍ତୁ ମୁହଁ ଖୋଲି ନାହାନ୍ତି। ତେଣୁ ଦିଲ୍ଲୀପଙ୍କ ପ୍ରାର୍ଥପ୍ରତ୍ୱ କେବଳ ଆସନ୍ତା ରାଜ୍ୟସଭା ନିର୍ବାଚନକୁ ପ୍ରଭାବିତ କରିବ ନାହିଁ, ବିଜେଡି ଓ କଂଗ୍ରେସ ରାଜନୀତିକୁ ନୂଆ ମୋଡ଼ ଦେବ ବୋଲି ଏବେଠାରୁ ଆଲୋଚନା ହେଲାଣି।

# ଯାଜପୁରରେ ବିଜେପିକୁ 'ରିଟର୍ଣ୍ଣ ଝଟକା'

## ଗୋଟିଏ ଦିନ ବି ପୁରିଲାନି, ପୁଣି ବିଜେଡିକୁ ଫେରିଲେ ଜିଲ୍ଲା ପରିଷଦ ସଦସ୍ୟା



**ଯାଜପୁର,୧୮।୧ (ସଂଚାର ବ୍ୟୁରୋ):** ରାଜ୍ୟ ରାଜନୀତିରେ "ବିଜେଡି ସର୍ବନାଶ" ବୋଲି ଢୋଲ ପିଟୁଥିବା ବିଜେପି ପାଇଁ ଯାଜପୁର ଆଜି ହେଲା ସବୁଠୁ ବଡ଼ ରିଆଲିଟି ଚେକ୍। ଗତକାଲି ଯେଉଁ ନେତୃତ୍ୱକୁ ନେଇ ବିଜେପି ବହୁ ଆଡମ୍ବରରେ ଉତ୍ସବ କରୁଥିଲା, ଆଜି ସେଇ ଉତ୍ସବ ରାଜନୈତିକ ଲଜ୍ଜାରେ ପରିଣତ ହୋଇଛି। ଦାନଗଡି ବ୍ଲକ୍‌ର ୯ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଟିନା ହାଇବ୍ରୁ ଗତକାଲି ବହୁ ଆଡମ୍ବର ସହ ବିଜେପିରେ ଯୋଗଦାନ କରିଥିଲେ। କିନ୍ତୁ ଗୋଟିଏ ଦିନ ବି ପୁରିଲାନି, ବିଜେପିକୁ ପ୍ରତ୍ୟାଖ୍ୟାନ କରି ପୁଣି ନିଜ ଘର ବିଜେଡିକୁ ଫେରିଆସିଛନ୍ତି।

'ଡିଲ୍ ରାଜନୀତି'ରେ ଫସିଗଲା ବିଜେପି। ସୂତ୍ର ଅନୁଯାୟୀ, ବିଜେପିରେ ଯୋଗଦାନ ପୂର୍ବରୁ ଯେଉଁ ଡିଲ୍ ରାଜନୀତି ହୋଇଥିଲା, ସେଥିରେ ଦାବି–ପଦ–ପ୍ରତିଶ୍ରୁତିକୁ ନେଇ ସମ୍ମତି ହୋଇପାରିଲାନି। ଫଳରେ ମୋହଭଙ୍ଗ ହୋଇ ଘଣ୍ଟାକେ ବିଜେଡିକୁ ଫେରିଲେ ଜିଲ୍ଲା ପରିଷଦ ସଭ୍ୟା। ଏହି ଘଟଣା ପରେ ବିଜେପିର କଥିତ 'ଅପରେସନ' ଫେଲ୍ ହୋଇଥିବା ନେଇ ଦଳ ମଧ୍ୟରେ ଖୋଲା ଆଲୋଚନା ଆରମ୍ଭ ହୋଇଛି। ଘଟଣା ପରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ (ଡ୍ୟାନି) ଶ୍ରୀମତୀ ଟିନା ହାଇବ୍ରୁଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଜେଡିକୁ ସ୍ୱାଗତ କରିଛନ୍ତି।

ଏହା ମାଧ୍ୟମରେ ଯାଜପୁରରେ ବିଜେଡିର ସଂଗଠନାତ୍ମକ ଶକ୍ତି ଆଉ ମଜବୁତ ହୋଇଛି। ଏହି ଘଟଣା ସ୍ପଷ୍ଟ ସନ୍ଦେଶ ଦେଉଛି— ବିଜେପି ଟଙ୍କା ଓ ପଦରେ ରାଜନୀତି କରୁଛି, ବିଜେଡି ଭରସା, ଭୂମିସଂଯୋଗ ଓ ସଂଗଠନରେ ଆଗକୁ ବଢୁଛି। ଯାଜପୁର ଘଟଣା ହେଉଛି ତାହାର ଜୀବନ୍ତ ପ୍ରମାଣ। ଗତକାଲି ବିଜେପି ଯାହାକୁ ନେଇ ଉତ୍ସବ କରୁଥିଲା, ଆଜି ସେଇ ଘଟଣା ବିଜେପି ପାଇଁ ରାଜନୈତିକ ଅପମାନରେ ପରିଣତ ହୋଇଛି। ଏହା କେବଳ ଗୋଟିଏ ନେତ୍ରୀଙ୍କ ଫେରା ନୁହେଁଏହା ବିଜେପିର କଥିତ 'ଅପରେସନ ଲୋଟସ୍' ଉପରେ ବଡ଼ ପ୍ରଶ୍ନଚିହ୍ନ।

## ନତକାଇ ପଞ୍ଚାୟତବାସୀଙ୍କ ବିକାଶ ପାଇଁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଯୋଗାଇ ଦିଆଯିବ: ବିଧାୟକ



**ନିଶ୍ଚିନ୍ତକୋଇଲି,୧୮।୧ (ସଂଚାର ବ୍ୟୁରୋ):** ରବିବାର ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି ନତକାଇ ସ୍ଥିତ କ୍ଷୀରୋଦ ମଣ୍ଡପ ପରିସରରେ ନତକାଇ ପଞ୍ଚାୟତବାସୀଙ୍କ ସହ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନତକାଇ ପଞ୍ଚାୟତବାସୀ ଗତ ନିର୍ବାଚନରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କୁ ବହୁମୂଲ୍ୟରେ ମତଦାନ କରିଥିବାରୁ ବିଧାୟକ ଶ୍ରୀ ପ୍ରଧାନ ପଞ୍ଚାୟତବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସାଧାରଣ ଲୋକଙ୍କ ସହ ନିଜେ ଯୋଡ଼ି ହୋଇ ଲୋକଙ୍କର ସମସ୍ୟା ସମ୍ପର୍କରେ ଅବଗତ ହେଲା ପରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ସମସ୍ୟାର ସମାଧାନ ନିଶ୍ଚିନ୍ତ କରାଯିବ ବୋଲି କହିଥିଲେ। ବିଧାୟକଙ୍କ ସମର୍ଥକମାନେ ଦଳୀୟ ମନୋବୃତ୍ତି ନରଖି କାର୍ଯ୍ୟ କରିବାକୁ ନିଜର କର୍ମୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଶତାଧିକ ପଞ୍ଚାୟତବାସୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଚଳିତ ମାସ ଶେଷ ସୁଦ୍ଧା ନତକାଇ ପଞ୍ଚାୟତକୁ ୧କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଯୋଗାଇ ଦିଆଯିବ ଓ ଯେଉଁ ୱାର୍ଡ଼ରେ ପ୍ରକଳ୍ପ ନିର୍ମାଣ କରାଯିବ ସେହି ୱାର୍ଡ଼ର ଲୋକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ନିର୍ବାହ କରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ।

## ଶାଗୁଆନ କାଠ ବୋଝେଇ ପିକଅପ ଭ୍ୟାନ୍ ଜବତ, ଡ୍ରାଇଭର ଫେରାର



**କାକଟପୁର/ଅସ୍ତରଙ୍ଗ,୧୮।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଛୋଟରାୟପୁର ଅଂଚଳରୁ ଏକ ଶାଗୁଆନ କାଠ ବୋଝେଇ ପିକଅପ ଭ୍ୟାନ୍ ଜବତ ହୋଇଛି। ବନ ବିଭାଗକୁ ଦେଖି ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଛି। ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ସୂଚନା ମିଳିଛି। କାଠ ମାଫିଆମାନେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରୁ ଦାମୀ ଗଛ କାଟି ଅଭିନବ ଉପାୟରେ ବିଭିନ୍ନ ଗଳାବାଟ ଦେଇ ପଡୋଶୀ ରାଜ୍ୟକୁ ଚାଲାଣ କରି ମାଲେ ମାଲ ହେଉଛନ୍ତି। ଏ ନେଇ ଖବର ପାଇବା ପରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଉଛି। ରବିବାର ପୂର୍ବାହ୍ନ ସମୟରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ କାକଟପୁର ନିକଟସ୍ଥ ଛୋଟରାୟପୁର ଏକ ଟାଟା ଏସି ପିକଅପ (ଓଡି ୦୫ଏଏନ ୫୪୫୫)ଦ୍ୱାରା ଅବୈଧ ଭାବେ ଶାଗୁଆନ କାଠ ଚୋରାଚାଲାଣ କରାଯାଉଥିବା ବେଳେ ଧରାପଡିଛି। ଜବତ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି।

## ଡାଙ୍ଗମାଳରେ ବାର୍‌ହା ଆତଙ୍କ, ଦୁଇ ଦିନରେ ୨ ଗୁରୁତର



**ରାଜନଗର,୧୮।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଡାଙ୍ଗମାଳରେ ଜଙ୍ଗଲୀ ବର୍‌ହା ଆତଙ୍କ ସୃଷ୍ଟି ହୋଇଛି। ଦୁଇ ଦିନରେ ଦୁଇ ଜଣ ବାରହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ବାର୍‌ହା ଜନବସତିକୁ ବାରମ୍ବାର ପଶି ଆସିବା ଓ ଲୋକଙ୍କୁ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

ଗତକାଲି ବାରହା ଆକ୍ରମଣରେ ରଗଡାପାଟିଆ ଗାଁର ସିଦ୍ଧେଶ୍ୱର ଗିରିଙ୍କ ପତ୍ନୀ ସଂନ୍ଧ୍ୟାରାଣୀ ଗିରି (୬୮) ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଆଜି ଡାଙ୍ଗମାଳ ଗାଁର ତ୍ରିଲୋଚନ କୁଆଁର (୫୦) ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳ ପ୍ରାୟ ୭ ଘଟିକା ସମୟରେ ତ୍ରିଲୋଚନ ଘର ନିକଟ ରାସ୍ତା ନିକଟରେ ଛିଡା ହୋଇଥିବା ବେଳେ ହଠାତ ଦ୍ରୁତ ଗତିରେ ଦୌଡି ଆସି ବାରହା ଆକ୍ରମଣ କରିଥିଲା। ବାରହା ଆକ୍ରମଣରେ ତ୍ରିଲୋଚନଙ୍କ ମୁହଁ, ଗୋଡ, ଜଙ୍ଘରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ତ୍ରିଲୋଚନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତ୍ରିଲୋଚନଙ୍କୁ କେନ୍ଦ୍ରପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

ଦୁଇ ଦିନରେ ବାରହା ଦୁଇ ଜଣଙ୍କୁ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ପତିକ୍ରିୟା ପ୍ରକାଶ ପାଇଛି।

## କଂଗ୍ରେସ ଜିଲ୍ଲା ସମ୍ପାଦକ ହେଲେ ଅଶୋକ କୁମାର ଜେନା



**କେନ୍ଦ୍ରାପଡ଼ା, ୧୮।୧ (ସଂଚାର ବ୍ୟୁରୋ):** କଂଗ୍ରେସର ଉଦୀୟମାନ ସଂଗଠକ ଅଶୋକ କୁମାର ଜେନାଙ୍କୁ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ସମ୍ପାଦକ ଭାବେ ଦଳ ପକ୍ଷରୁ ମନୋନିତ କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଶ୍ରୀ ଜେନାଙ୍କୁ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ସମ୍ପାଦକ ଭାବେ ମନୋନିତ କରିଛନ୍ତି । ଶ୍ରୀ ଜେନା କଂଗ୍ରେସ ଦଳର ଜଣେ ବଳିଷ୍ଠ ସଂଗଠକ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରିବା ସହିତ ଦଳର ସଂଗଠନକୁ ଅଧିକ କ୍ରିୟାଶୀଳ କରିଛନ୍ତି। ଶ୍ରୀ ଜେନାଙ୍କୁ ଦଳର ଜିଲ୍ଲା ସମ୍ପାଦକ ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଥିବାରୁ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି । ଏନେଇ ଶ୍ରୀ ଜେନା ପିସିସି ସଭାପତି ଶ୍ରୀ ଦାସ, ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି ।

## ଦଲିକି ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ

**ଆନନ୍ଦପୁର,୧୮।୧(ସଂଚାର ବ୍ୟୁରୋ)** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ବାରୁଆଁ ଦଲିକି ଜଙ୍ଗଲରେ ଠାବ ହୋଇଛି। ଖବର ପାଇ ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବିରିଡିହା ଗ୍ରାମର ଛୋଟା ସାମଲଙ୍କ ପତ୍ନୀ ମିନି ସାମଲ ଗତ ୧୪ ତାରିଖ ରେ ନଦିଘାଟକୁ ଶୌଚ ହେବାପାଇଁ ଯାଇଥିଲେ ହେଁ ସେ ଆଉ ଘରକୁ ଫେରି ନଥିଲେ। ପରେ ପରିବାର ଲୋକେ ବୋହୁ ଖୋଜା ଖୋଜି କରିଥିଲେ ମଧ ତାଙ୍କର କୌଣସି ପତ୍ତା ପାଇ ନଥିଲେ। ଆଜି କିନ୍ତୁ



ତାଙ୍କର ଝୁଲନ୍ତା ମୃତ ଦେହ ବରୁଆଁ ଦଲିକି ଜଙ୍ଗଲରେ ଝୁଲୁ ଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଖବର ପାଇ ଆନନ୍ଦପୁର ପୋଲିସ ପହଞ୍ଚି ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମିନି କେଉଁ କାରଣରୁ ଝୁଲି ପଡ଼ି ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ଜଣା ପଡ଼ି ନାହିଁ। ପୋଲିସ ର ତଦନ୍ତ ପରେ ଘଟଣା ର ସତ୍ୟାତା ଜଣା ପଡ଼ିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି।

### ଶାଳଜଙ୍ଗା ମଠ ଘଟଣା

## ଏବେ ନେବାରେ ଲାଗିଛି ଉଗ୍ର ରୂପ



**ପାରାଦୀପ, ୧୮।୧ (ସଂଚାର ବ୍ୟୁରୋ):** ଦ୍ୱିତୀୟ ମହିମା କ୍ଷେତ୍ର କୁହାଯାଉଥିବା ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶାଳଜଙ୍ଗା ମଠରେ ସୃଷ୍ଟି ହୋଇଥିବା ଅନିୟମିତତା ଓ ଅର୍ଥ ଏବଂ ଜମି ତୋଷର ପାତ ଘଟଣା ଏବେ ଉଗ୍ରରୂପ ନେବାରେ ଲାଗିଛି। ସିଦ୍ଧ ପୁରୁଷ ବାବା ଶ୍ରୀ କୁଳମଣି ଦାସଙ୍କ ଦ୍ୱାରା ୧୯୫୫ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ମଠଟି କେବଳ ଜଗତସିଂହପୁର ଜିଲ୍ଲା ନୁହେଁ କଟକ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଆଦି ଅନେକ ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଭାବାବେଗ ସହିତ ଜଡିତ ଅଛି। ବାବା ଶ୍ରୀ କୁଳମଣି ଦାସଙ୍କ ଦେହାନ୍ତ ପରେ ଅନ୍ତେବାସୀ ଗଦାଧର ଦାସଙ୍କୁ ମଠାଧୀସ କରାଯିବା ପରେ ବାବା ଗଦାଧର ଦାସ ଭକ୍ତବୃନ୍ଦଙ୍କ ମନରେ ବିଶ୍ୱାସ ଜନ୍ମାଇ, ଦାନ ଧର୍ମ, ବତୀ ଲଗା ଏବଂ ଦୋକାନ ବଜାରରୁ ଆଦାୟ ହେଉଥିବା ସମସ୍ତ ଟଙ୍କା ପଇସା ସୁନା ଅଳଙ୍କାର ଏବଂ ଜମିଜମାକୁ ମଠର ଅନ୍ୟତମ ଅନ୍ତେବାସୀ ଉଭୟ ମଠ ବୁଝାସୁଝା କରିବା ଏବଂ ପରବର୍ତୀ ଅବସ୍ଥାରେ ରୀନା ରାଣୀ ବାବା ଗଦାଧରଙ୍କୁ ହାତ କରି ପ୍ରାୟ ଛଅ ଏକରରୁ ଉର୍ଦ୍ଧ ଜମି ନିଜ ନାମରେ କରି ଦେଇଥିବା ଓ ମଠ ଦାନ ଧର୍ମ ଅର୍ଥରେ କଟକ ଠାରେ ଏକ ବିଳାସ ପୂର୍ଣ୍ଣ ଆପାର୍ଟମେଣ୍ଟ କ୍ରୟ କରିଦେଇଥିବା ଏକ ସାମ୍ବାଦିକ ସମ୍ମିଳନୀ ମାଧମରେ ଅଭିଯୋଗ କରିଛନ୍ତି ବର୍ତ୍ତମାନର ଅନ୍ତେବାସୀ ଏବଂ ଗ୍ରାମବାସୀ। ସମ୍ପୃକ୍ତ ବାବା ଓ ରୀନା ରାଣୀ ମଠରୁ ଲୁଚି ଖସି ପଳାଇଥିବା ବେଳେ ମଠର କୋଟି କୋଟି ଟଙ୍କାର ଧନ ସମ୍ପତି କି ଭଳି ମଠକୁ ଫେରି ଆସିବ ତାକୁ ନେଇ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି। ଜାନୁଆରୀ ୩୧ ତାରିଖରେ ମଠର ପ୍ରମୁଖ ଉତ୍ସବ ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହେବ। ବାବା ଶୂନ୍ୟ ମଠରେ ଶ୍ରଦ୍ଧାଳୁ ଓ ଅନ୍ତେବାସୀମାନେ ମଠକୁ ସୁଚାରୁରୂପେ ପରିଚାଳନା ନିମନ୍ତେ ଅଣ୍ଟା ଭିଡୁଥିବା ବେଳେ ମଠର ସମସ୍ତ ସ୍ଥାବର ଆସ୍ଥାବର ସମ୍ପତି କି ଭଳି ମଠକୁ ଫେରି ଆସିବ, ତାହାକୁ ନେଇ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

## ଶ୍ରୀ ଗଣେଶ ସମ୍ମାନ-୨୦୨୫ ପ୍ରଦାନ

**ବାଲିଅନ୍ତା, ୧୮।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନସ୍ଥ ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଶାନ୍ତିସ୍ତୁପ, ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ, ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ ଓ ନିୟୁ ଭାର୍ଗବୀ ଫାଉଣ୍ଡେସନ ମିଳିତ ସହଯୋଗରେ ଆୟୋଜିତ ଶ୍ରୀ ଗଣେଶ ସମ୍ମାନ ୨୦୨୫ ବାଳକାଟି ଶ୍ରୀ କନଭେନସନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ପାଇଁ ଛଅ ଗୋଟି ପଞ୍ଚାୟତର ୪୦ ଗୋଟି ଗଣେଶ ମଣ୍ଡପକୁ ୫ ଜଣିଆ ସଦସ୍ୟ ପରିଦର୍ଶନ କରିଥିଲେ ସେଥି ମଧ୍ୟରୁ ୮ଟି ମଣ୍ଡପକୁ ବିଭିନ୍ନ କ୍ଷେତ୍ରରେ ତଥା ପରିବେଶ ସୁରକ୍ଷା, ସୁନ୍ଦର ସାଜସଜ୍ଜା,



ସୁନ୍ଦର ମୂର୍ତ୍ତି, ସମାଜକୁ ସୁନ୍ଦର ବାର୍ତ୍ତା ଓ ଶୃଙ୍ଖଳା ଜ୍ଞାନ ନେଇ ମନୋନନୟନ କରାଯାଇଥିଲା । ଶ୍ରେଷ୍ଠ ବିବେଚିତ ଅନୁଷ୍ଠାନକୁ ଅର୍ଥ ରାଶି ଦୁଇ ହଜାର ଟଙ୍କା, ଉତ୍ତରୀ ସ୍ମୃତି ଫଳକ ଓ ପୁଷ୍ପ ଗଛ ପ୍ରଦାନ କରାଯାଇଥିଲା। ଶାନ୍ତି ସ୍ତୁପ ସମ୍ପାଦକଙ୍କ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ. ଆରବିନ୍ଦ ଢ଼ାଲି, ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପୂଜା ମଣ୍ଡପର ଚାରି ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ମାନେ ଯୋଗଦାନ କରିଥିଲେ ।

### ଦରଦୀ ମଣିଷଙ୍କ ହୃଦୟ ବଡ଼

## ବରିଷ୍ଠ ନାଗରିକ ମଞ୍ଚ ଓ ଗାନ୍ଧିଜୀ ଯୁବକ ସଙ୍ଘ ତରଫରୁ ସତ୍ୟ ପ୍ରକାଶଙ୍କୁ ସହାୟତା



**କାକଟପୁର/ଅସ୍ତରଙ୍ଗ, ୧୮।୧ (ସଂଚାର ବ୍ୟୁରୋ):** ବାପା ଦିନ ମଜୁରିଆ। ପୁଅକୁ କଷ୍ଟରେ ପଢାଇ ଥିବା ବେଳେ ପୁଅ ନିଜର ପ୍ରତିଭା ପାଇଁ ବ୍ଲକ ଠାରୁ ଜିଲ୍ଲା ସ୍ତରୀୟ ପର୍ଯ୍ୟନ୍ତ ସମ୍ମାନିତ ହୋଇଥିଲେ। ଆଉ କିଛି ଦିନ ପରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଦେଇଥାନ୍ତେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ଅଚାନକ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଡକ୍ଟର ଜାଣିଥିଲେ ଅସ୍ତରଙ୍ଗ ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ପଞ୍ଚାନନ ସ୍ୱାଇଁଙ୍କ ପୁଅ ସତ୍ୟ ପ୍ରକାଶଙ୍କ ଦୁଇଟି କିଡ଼ନୀ ଖରାପ। ଦୁଇଟି କିଡ଼ନୀ ପ୍ରତ୍ୟାରୋପଣ ପାଇଁ ୫୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଆବଶ୍ୟକ ବୋଲି ସୂଚନା ଦେଇଥିଲେ। ଖବର ପ୍ରକାଶିତ ପରେ ରବିବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପ୍ରତିଭାବାନ ଛାତ୍ର ସତ୍ୟ ପ୍ରକାଶ ସ୍ୱାଇଁ ବାସଭବନରେ ପହଂଚି ୨୬ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ସହାୟତା ପ୍ରଦାନ କରିଛନ୍ତି। ଏହା ସହ ସ୍ଥାନୀୟ କୁହୁଡି ଗ୍ରାମବାସୀ ଓ ଗାନ୍ଧିଜୀ ଯୁବକ ସଙ୍ଘ ତରଫରୁ ୭୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଯଦି ଆପଣ ସତ୍ୟ ପ୍ରକାଶଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ତାଙ୍କ ଫୋନ ପେ ନମ୍ବର ଅଥବା ଯୋଗାଯୋଗ ନମ୍ବର ରେ ନିଜ ସକ୍ଷମ ଅନୁସାରେ ସାହାଯ୍ୟ କରନ୍ତୁ। ଫୋନ ପେ ନମ୍ବର -୭୮୪୬୮୨୮୪୬୧ ପଠାଇ ପାରିବେ। ଆପଣ ଙ୍କ ଏକ ଛୋଟ ସହାୟତା କୁନି ସତ୍ୟ ପ୍ରକାଶ ଙ୍କ ମୁହଁରେ ହସ ଫୁଟାଇ ପାରିବ।

## ପଥର ପ୍ୟାକିଂ କାର୍ଯ୍ୟରେ ବେଆଇନ୍ ପଥର ପରିବହନ: ୮ ହାଇୱା ଜବତ କଲା ଖଣି ବିଭାଗ

**ମହାକାଳପଡ଼ା,୧୮।୧(ସଂଚାର ବ୍ୟୁରୋ):** ବେଆଇନ୍ ଭାବେ ପରିବହନହେଉଥିବା ୮ ପଥରବୋଝେଇହାଇୱାକୁମହାକାଳପଡ଼ା ପୁଲିସ ସହାୟତାରେ ଜବତ୍ କରିଛି କେନ୍ଦ୍ରାପଡ଼ା ଖଣି ବିଭାଗ। ସୂଚନା ମୁତାବକ ରବିବାର ଭୋର୍ ୪ଟା ସମୟରେ ଅଳାଇଲୋ - ଓଳିହା ମଧରେ ୮ ଟି ପଥର ବୋଝେଇ ହାଇୱା ପଥର ନେଇ ଯାଉଥିଲେ। ଗୋବରୀ ନଦୀ ପାର୍ଶ୍ୱରେ କୂଳରେ ପଥର ପ୍ୟାକିଂ କାର୍ଯ୍ୟରେ ଏହି ପଥର ବ୍ୟବହାର କରାଯାଇ



ଥାଆନ୍ତା। ଏହି ପଥର ପ୍ୟାକିଂ କାର୍ଯ୍ୟ କରାଉଥିବା ଠିକାଦାରମାନେ ରାତିରେ ବେଆଇନ ଭାବେ ହାଇୱା ଯୋଗେ ପଥର ଚାଲାଣ କରାଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ସମସ୍ତ ଜବତ ହାଇୱାର କାଗଜପତ୍ର ଯାଞ୍ଚ୍ ପରେ ଖଣିଜ ସମ୍ପଦ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଜଣା ପଡିଛି।

## ସାଲେପୁର ଆଦର୍ଶ ଥାନା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ

**ସାଲେପୁର, ୧୮।୧ (ସଂଚାର ବ୍ୟୁରୋ):** ସାଲେପୁର ଆଦର୍ଶ ଥାନା ପକ୍ଷରୁ ଆଜି ମାଛୁଆଡିଠାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ସାଲେପୁର ଆରକ୍ଷୀ ଉପଖଣ୍ଡ ଅଧିକ୍ଷକ ବିରଞ୍ଚିନାରାୟଣ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଥପ୍ରାପ୍ତ ସଚେତନତା କାର୍ଯ୍ୟକ୍ରମରେ ହେଡ୍‌କ୍ୱାର୍ଟର ଡି.ଏସ୍.ପି. ନିରଞ୍ଜନ ଶବର, ସାବିତ୍ରୀ ଦେବୀ କଲେଜର ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ପତି, ସାଲେପୁର ଆଦର୍ଶ ଥାନା ଅଧିକାରୀ ଅନିତା ସାହୁ ଯୋଗଦେଇ ସଡ଼କରେ ଯାତାୟତ କଲାବେଳେ କିଭଳି ସଚେତନତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ହେଲମେଟ୍ ଓ ସିଟ୍ ବେଲ୍ଟ ବାନ୍ଧିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ନିଶା ସେବନ କରି ଯାନବାହନ ଚଳାଇଲେ ସେମାନଙ୍କ ବିରୁଦ୍ଧରେ ଆଇନ୍‌ରେ କ'ଣ ସବୁ ଦଣ୍ଡବିଧି ବ୍ୟବସ୍ଥା ରହିଛି, ସେ ସମ୍ପର୍କରେ ସଚେତନ କରାଇଥିଲେ।

## ବ୍ଲକସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' କର୍ମଶାଳା




**ହିଞ୍ଜିଳିକାଟୁ, ୧୮।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ ପଞ୍ଚାୟତ ସମିତି ସଭା ସମ୍ମିଳନୀ କକ୍ଷରେ ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ହିଞ୍ଜିଳିକାଟୁ ପୌରପରିଷଦର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡଙ୍ଗୀ, ସଖୀ ୱାନ୍ ଷ୍ଟପ୍ ସେଣ୍ଟର ସଭାନେତ୍ରୀ ମହେଶ୍ୱତା ପାଢ଼ୀ , ଅତିରିକ୍ତ ବି.ଏଫ.ଓ ଗୀତାଞ୍ଜଳି ବେହେରା,ଉ ପଖଣ୍ଡ ଚିକିତ୍ସାଳୟ ଡାକ୍ତର ଦୀପାଲି ଦାଶ, ବରିଷ୍ଠ ଆଇନଜୀବି ଦ୍ୱିତୀକୃଷ୍ଣ ସାବତ ପ୍ରମୁଖ ମଞ୍ଚାସିନ ଥିଲେ । ଝିଅ ମାନଙ୍କ ପ୍ରତି ଅବହେଳା ନକରି ସେମାନଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯାଇ କିଭଳି ଭାବରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ତାହା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ରହିଥିଲା । ଏହି କର୍ମଶାଳାରେ, ଶିକ୍ଷା,ପଞ୍ଚାୟତ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ,ପୋଲିସ,କର୍ମକର୍ତ୍ତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖଙ୍କ ସମେତ ପ୍ରକଳ୍ପର ସମସ୍ତ ପରିଦର୍ଶିକା ସହଯୋଗ କରିଥିବା ବେଳେ ହିଞ୍ଜିଳିକାଟୁ ଅଙ୍ଗନବାଡି କର୍ମୀ ମାନଙ୍କ ସଭାନେତ୍ରୀ ବବିତା ଗନ୍ତାୟତ, ସମ୍ପାଦିକା ସୁଜାତ ପଣ୍ଡା, ବହୁ ଅଙ୍ଗନବାଡି ଓ ଆଶା କର୍ମୀ,ବହୁ ଛାତ୍ରୀ ଉପସ୍ଥିତ ଥିଲେ ।

## କୁଲଡ଼ିହା ଓ ନୀଳଗିରି ରେଞ୍ଜରେ ସରିଲା ପକ୍ଷୀ ଗଣନା

- ପୂର୍ବବର୍ଷ ଠାରୁ ଚଳିତବର୍ଷ ଅଧିକ ପକ୍ଷୀଙ୍କ ଆଗମନ

**ନୀଳଗିରି, ୧୮।୧ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତବର୍ଷ ଅର୍ଥାତ୍ ଜାନୁଆରୀ୧୮ତାରିଖ ରବିବାର ବାଲେଶ୍ୱର ବନଖଣ୍ଡ ଅଧୀନରେ ଥିବା ସମସ୍ତ ଜଳାଶୟ ଏବଂ ଆଦ୍ରଭୂମି ଗୁଡିକରେ ପକ୍ଷୀଗଣନା କରାଯାଇଛି। ତେବେ ନୀଳଗିରିର ଦୁଇଟି ବନବିଭାଗ ଯଥା କୁଳଡିହା ଏବଂ ନୀଳଗିରି ବନବିଭାଗକୁ ନେଇ ଅଲଗା ଅଲଗା ପକ୍ଷୀଗଣନା କରାଯାଇଥିଲା। କୁଳଡିହା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍‌ଓ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଯୋଡ଼ାଚୁଆ ସେକ୍ସନ ରିସିଆ ଡେମ୍‌ରେ ଗଣନା କରାଯାଇଥିଲା ୨୮ପ୍ରଜାତିର ୨୪୧୩ଟି ଜଳଚର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡିଛି। ଅନୁରୂପ ଭାବେ ପଂଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଖୁମକୁଟ ଏବଂ ବୁଗାଳିବନ୍ଧ ଠାରେ ଗଣନା କରାଯାଇ ଖୁମକୁଟ ଠାରେ ୧୫ପ୍ରଜାତିର ୧୨୫ଏବଂ ବୁଗାଳିବନ୍ଧ ଠାରେ ୧୮ପ୍ରଜାତିର ୧୧୫ଟି ପକ୍ଷୀ ଆସିଥିବା ଗଣନା କରାଯାଇଛି। ସେହିପରି ସାତଘାଟି ଠାରେ ଫରେଷ୍ଟର ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଣନା କରାଯାଇ ୨୦ପ୍ରଜାତିର ୧୭୮ଟି ପକ୍ଷୀଙ୍କ ଆଗମନ ହୋଇଥିବା ଜଣାପଡିଛି। ଅନୁରୂପଭାବେ ନୀଳଗିରି ବନବିଭାଗ ଦ୍ୱାରା ନୀଳଗିରିର ଏକମାତ୍ର ଆଦ୍ର ଜଳାଶୟ ପଦ୍ମତୋଳା ଠାରେ ମିତ୍ରପୁର ଫରେଷ୍ଟର ମଞ୍ଜୁଲତା ପ୍ରଧାନଙ୍କ ନେତୃତ୍ୱରେ ଗଣନା କରାଯାଇ ମୋଟ ୧୮ପ୍ରଜାତିର ୫୫୨ଟି ଶୀତକାଳୀନ ପ୍ରବାସୀ ଜଳଚରପକ୍ଷୀଙ୍କ ସମାଗମ ହୋଇଥିବା ଜଣାପଡିଛି। ୨୦୨୬ ପକ୍ଷୀଗଣନା ଅନୁଯାୟୀ କୁଲଡ଼ିହା ବନବିଭାଗ ଦ୍ୱାରା ଗଣାଯାଇ ମୋଟ ୨୮୩୧ଟି ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ଗତବର୍ଷ ତୁଳନାରେ ଅଧିକ ୭୩୧ଟି ପକ୍ଷୀଙ୍କ ଆଗମନ ହୋଇଥିବା ବନବିଭାଗ ସୂଚନା ଦେଇଛି।

# ରକ୍ଷଣାବେକ୍ଷଣ ଅଭାବରୁ ଅସ୍ତିତ୍ୱ ହରାଇଲା ପଞ୍ଚାୟତ ଉଦ୍ୟାନ

**ବୋରିଗୁମ୍ମା, ୧୮।୧ (ସଂଚାର ବ୍ୟୁରୋ):** ପଞ୍ଚାୟତରେ ସୌନ୍ଦର୍ଯ୍ୟକରଣ ପାଇଁ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଥିଲେ ମଧ ରକ୍ଷଣାବେକ୍ଷଣ ଅଭାବରୁ ବହୁ କମ ଦିନରେ ସେଥିରୁ ଅନେକ ନିଜର ଅସ୍ତିତ୍ୱ ହରାଇଛି। ୨୦୨୦ମସିହାରେ ଲୋକାର୍ପିତ

### ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି ଉଦ୍ୟାନ ସେଲ୍ଫି ପଏଣ୍ଟ



ହୋଇଥିବା କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ଠାରେ ଥିବା ଉପକଣ୍ଠ ଖଟବନ୍ଧ ପୋଖରୀ ନିକଟରେ ନିର୍ମିତ ପଞ୍ଚାୟତ ଉଦ୍ୟାନ ଏହାର ଜ୍ୱଳନ୍ତ ଉଦାହରଣ।

ସୂଚନା ଅନୁଯାୟୀ, ୨୦୨୦ ମସିହାରେ ପୂର୍ବତନ ଜିଲ୍ଲାପାଳ ବୋରିଗୁମ୍ମା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣୟ ରଞ୍ଜନ ବେହେରା, ସଦର ସରପଞ୍ଚ ଚନ୍ଦ୍ରିକା ଜାନିଙ୍କ ଉପସ୍ଥିତିରେ ଉକ୍ତ ପଞ୍ଚାୟତ ଉଦ୍ୟାନ ଲୋକାର୍ପିତ କରାଯାଇଥିଲା। ସେହି ସମୟରେ ବହୁ ଅର୍ଥ ବ୍ୟୟରେ ସୌନ୍ଦର୍ଯ୍ୟକରଣ ନିମନ୍ତେ ଗୋଟିଏ ପଟେ ବ୍ୟାୟାମ କରିବା ନିମନ୍ତେ କିଛି ବ୍ୟାୟମ ଉପକରଣ, ଶିଶୁମାନଙ୍କ ଖେଳିବା ନିମନ୍ତେ ଖେଳଣା ସାମଗ୍ରୀ ସାଙ୍ଗକୁ ପୋଖରି ଚାରିପଟେ ସୋଲାର ଲାଇଟ୍ ଆଲୋକିକରଣ ନିମନ୍ତେ ଲଗାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହା ନିଜର ପରିଚୟ ହଜାଇବାକୁ ବସିଲାଣି ବୋଲି ଗ୍ରାମବାସୀ କହିଛନ୍ତି। ସୋଲାର ଲାଇଟ ଗୁଡିକ ବହୁ ଦିନ ପୂର୍ବରୁ ବନ୍ଦ ହୋଇଯାଇଥିବାବେଳେ "ଆଇ ଲଭ୍ ବୋରିଗୁମ୍ମା" ଲେଖାଯାଇଥିବା ଲାଇଟ୍ ସମ୍ପୂର୍ଣ ଭାଙ୍ଗିଯାଇଛି। ସେହିପରି ବିଭିନ୍ନ ବ୍ୟାୟାମ ଉପକରଣ ଅକାମୀ ହୋଇପଡିଥିବା ବେଳେ ଅନାବନା ଗଛଲତା ମାଡି ବସିଲାଣି।

ସେହିପରି ଭାବେ ପିଲାଙ୍କ ନିମନ୍ତେ ନିର୍ମାଣ ହୋଇଥିବା ଖେଳଣା ସାମଗ୍ରୀ ଗୁଡିକ କିଛିକାଂଶରେ ଭାଙ୍ଗି ଯାଇଥିବା ବେଳେ ଆଉକିଛି ଯନ୍ତ୍ରପାତି ଅନାବନା ଲଟାବୁଦାରେ ଲୁଚିଗଲାଣି। ଏଣୁ ସେହି ସ୍ଥାନକୁ ନିଜପିଲାଙ୍କୁ ନେଇ ବୁଲିଯିବାକୁ ଗ୍ରାମବାସୀ ଭୟ କରୁଥିବା କହିଛନ୍ତି।

## ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ସତ୍ୟବାଦୀ, ୧୮।୧ (ସଂଚାର ବ୍ୟୁରୋ):** ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ପଞ୍ଚସଖା ମେମୋରିଆଲ କ୍ଲବ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡିଆରେ ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୮ଦିନ ଧରି ଚାଲିବ। ଉଦ୍‌ଘାଟନି ଦିବସରେ ଜଟଣୀ କ୍ରିକେଟ ଏକାଡେମୀ, ଖୋର୍ଦ୍ଧା ଓ ଗୋପାଳଜୀଉ କ୍ରିକେଟ କ୍ଲବ, ଗୋପ ମଧରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ୨୫ ଓଭର ବିଶିଷ୍ଟ ହୋଇଥିଲା। ଟସ୍ ଜିତି ଜଟଣୀ କ୍ଲବ ପ୍ରଥମେ ବ୍ୟାଟିଂ କରି ଏମ୍ କେ ଜାକୀର ବକ୍ସଙ୍କ ୭୦ରନ ସହାୟତାରେ ୨୩୬ରନ ସଂଗ୍ରହ କରିଥିଲେ। ଗୋପ କ୍ରିକେଟ ଟିମର ବୋଲର ପତିତପାବନ ଶତପଥି ଓ ମନୋଜ ବାରିକ ତିନୋଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୨୩୭ରନର ପିଛା କରି ଗୋପ କ୍ରିକେଟ କ୍ଲବ ଆର୍ଯ୍ୟାନ୍ ଶର୍ମାଙ୍କ ଆକର୍ଷଣୀୟ ୯୨ରନ ଓ ଚିନ୍ମୟଙ୍କର ୪୨ ରନ ସହାୟତା ୨୩୨ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇ ମାତ୍ର ୪ରନ ପାଇଁ ପରାସ୍ତ ହୋଇଥିଲେ। ଜଟଣୀ କ୍ରିକେଟ ଏକାଡେମୀ ତରଫରୁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ପାଇଥିବା ପ୍ରିୟବ୍ରତ ବେଉରା ଛୟାଳିଶ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଉଦଘାଟନୀ ଉତ୍ସବରେ ପୁରୀର ପୂର୍ବତନ କ୍ରିକେଟ ଖେଳାଳୀ, ସମାଜସେବୀ ତଥା ଶିଳ୍ପପତି ମାଧବ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜୟପୁର ସମିତି ସଭ୍ୟ ତଥା ପୂର୍ବତନ କ୍ରିକେଟର ଦୀପକ କୁମାର ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଖେଳ ଶେଷରେ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ପୁତ୍ର ସମ୍ବିତ ପଟ୍ଟନାୟକ ଯୋଗଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ।

## ଶୀତରେ ସମୀରଙ୍କ ନାହିଁ ପ୍ରୟୋଜନ

ନିମାପଡାରେ ବିଜେପି ପ୍ରାର୍ଥୀଙ୍କୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବରିଷ୍ଠ ନେତା ସମୀରଙ୍କ ବିରୁଦ୍ଧରେ ଏବେ ଜିଲ୍ଲା ବିଜେପି ମୁଖିଆ। ଖୋଲାଖୋଲି ଭାବେ କହିଛନ୍ତି ସମୀର ଦାଶ ଲୋକଙ୍କ ଅଭିଯୋଗ ଶୁଣି ପାରିବେ ନାହିଁ ଆମ ଦଳର ଏହା ନୀତି ନୁହେଁ। ସିଏ ଲୋକଙ୍କ ଅଭିଯୋଗ ଶୁଣିବାକୁ କିଏ? ଏ କଥା ଆମେ ଜଣେ ଗେରୁଆ ନେତାଙ୍କୁ ପଚାରିବାରୁ ସିଏ କହିଲେ, ଆଜ୍ଞା ଏବେ ଶୀତ ଋତୁ ଚାଲିଛି। ତେଣୁ ସମୀରର ଆବଶ୍ୟକତା ନାହିଁ। କିଛି ନବୁଝିଲା ଭଳି ତାଙ୍କ ମୁହଁକୁ ଚାହାଁଇବାରୁ ସେ କହିଲେ, ସମୀରର ଅନ୍ୟନାମ ହେଉଛି ପବନ। ଏବେ ଯେଉଁ ଶୀତ ପଡୁଛି ସେଥିରେ ପବନର ଆବଶ୍ୟକତା ନାହିଁ। ସେହି ଫର୍ମୁଲାରେ ନିମାପଡାରେ ବି ଆଉ ସମୀରଙ୍କର ଆବଶ୍ୟକତା ନାହିଁ ବୋଲି ବିଜେପି ନେତାମାନେ ଭାବି ନେଇଛନ୍ତି। ନିର୍ବାଚନ ଖାଞ୍ଚି ସମୟରେ ହୋଇଥିଲା। ସେତେବେଳେ ସମୀରଙ୍କ ଡିମାଣ୍ଡ ଥିଲା। ତାଙ୍କ ନଦେଖିଲେ ବିଜେପି ନେତାମାନେ ରହିପାରୁନଥିଲେ। ହେଲେ ଏବେ ଆଉ ଖାଞ୍ଚି ନାହିଁ କି ସମୀରଙ୍କର ଆବଶ୍ୟକତା ନାହିଁ। କିନ୍ତୁ ସମୀର ବି ଛାଡିବା ଲୋକ ନୁହନ୍ତି। ବାମପନ୍ଥୀ ପରିବାରରୁ ଆସିଥିବା ଏହି ନେତା ରାଜ୍ୟର ପ୍ରାୟ ସବୁ ବଡ ଦଳ ବୁଲି ସାରିଛନ୍ତି। ସିଏ ବି ଗେରୁଆ ଦଳର ରଙ୍ଗ ମାପିଛନ୍ତି। ତେଣୁ ଆଗକୁ କ'ଣ ହେବ ତାହା ବି ଜଳ ଜଳ ହୋଇ ଦିଶିଲାଣି। ଏକା ନିଶ୍ୱାସରେ ନେତା ଜଣଙ୍କ ଏହା କହିବାରୁ ଆମେ ତାଙ୍କୁ ପଚାରିଲୁ, ଆପଣଙ୍କ କ'ଣ ସମ୍ପୂର୍ଣ୍ଣ ଗେରୁଆ ? ଟିକେ ଏପଟ ସେପଟ ଅନେକ ସିଏ କହିଲେ, ମୋର ବି ସମୀରଙ୍କ ଭଳି ଅବସ୍ଥା।





## ମନ ମରା ଅଭିନେତ୍ରୀ

ରାଜ୍ୟର ଜଣେ ନାମକରା ଅଭିନେତ୍ରୀ ଏବେ ଭାରି ମନମରା। ପ୍ରଥମେ ଅଭିନେତ୍ରୀ ଥିଲେ। ଲୋକପ୍ରିୟତା ଯୋଗୁଁ ନେତ୍ରୀ ହେଲେ। ସେଥି ଦଳରେ ରହିଲେ ସେଭଳି କିଛି ପଦ ପଦବୀ ମିଳିଲା ନାହିଁ। ଅବଶ୍ୟ ନିର୍ବାଚନ ପ୍ରଚାର ସମୟରେ ତାଙ୍କର ଭାରି ଡିମାଣ୍ଡ ଥିଲା। କିନ୍ତୁ ଦଳ ହାରିଯିବା ପରେ ନେତ୍ରୀ ଜଣଙ୍କ ଆଉ ସେପାରେ ରହିଲେ ନାହିଁ। ଠିକ୍ ସେହି ସମୟରେ ସେହି ଦଳର ଆଉଜଣେ ବଡ ନେତ୍ରୀ ବି ଦଳ ଛାଡିଦେଲେ। ଦୁଇ ନେତ୍ରୀ ହାତ ମିଳାଇ ପରିବର୍ତ୍ତ ହୋଇଥିବା ଦଳ ବିରୁଦ୍ଧରେ ଜବରଦସ୍ତ ଟୁଇଟ୍ କଲେ। ସାହିତ୍ୟିକ ସ୍କ୍ରିପ୍ଟ ରାଇଟରଙ୍କ ଗରମା ଗରମ ଲେଖା ଯୋଗୁଁ ଦୁଇ ନେତ୍ରୀ ଗଣମାଧ୍ୟମରେ ବେଶ ଚର୍ଚ୍ଚାରେ ରହିଲେ। ହେଲେ ଧିରେ ଧିରେ ସେମାନଙ୍କୁ ଆଉ କେହି ଗୁରୁତ୍ୱ ଦେଲେ ନାହିଁ। ଏବେ ନିକଟରେ ବିଜେଡିର ଦୁଇ ବିଧାୟକଙ୍କ ନିଲମ୍ବନ ପରେ ଦୁଇ ଜଣ ଯାକ ପୁଣିଥରେ ଟୁଇଟ୍ କରିଥିଲେ। ହେଲେ ନେତ୍ରୀଙ୍କ ଟୁଇଟରୁ ଜଣେ ଅଧେ ଚର୍ଚ୍ଚା କରିଥିବାବେଳେ ଅଭିନେତ୍ରୀଙ୍କ ଟୁଇଟ୍ କେବଳ ମୋବାଇଲ୍ ସ୍କ୍ରିନରେ ରହିଗଲା। ସେବେଠାରୁ ଅଭିନେତ୍ରୀ ଜଣଙ୍କ ମନମରା ହୋଇ ରହିଛନ୍ତି। ନିଜ ଲୋକଙ୍କୁ ଦେଖିଲେ ମନର ବେଦନା କହୁଛନ୍ତି। ଯେଉଁ ଦଳକୁ ଯିବାପାଇଁ ବାହାରିଥିଲେ ସେଠାକୁ ଯିବାକୁ ବି ସୁରକ୍ଷିତ ମଣୁ ନାହାନ୍ତି। ଏବେ ବେଳେବେଳେ ମାଷ୍ଟରକ୍ୟାଣ୍ଟିନରେ ଛିଡାହୋଇ କେଉଁ ଦିଗକୁ ଗତି କରିବେ ସେହି ଅଙ୍କ କଷୁଥିବା ଲକ୍ଷ୍ୟ କରାଯାଉଛି।

## କ୍ୟାଣ୍ଟିନ ଏବେ କ୍ଲବ ହାଉସ୍



କର୍ମଚାରୀଙ୍କୁ ଉନ୍ନତ ମାନର ଚା' ଜଳଖିଆ ଯୋଗାଇବାପାଇଁ ଖାରବେଳ ଭବନରେ ପ୍ରତିଷ୍ଠା ହୋଇଛି କ୍ୟାଣ୍ଟିନ୍। ପ୍ରଥମଥର ପାଇଁ ଭାରତୀୟ ରେଳବାଇର ଆଇଆରସିଟିସି ସହାୟତାରେ କ୍ୟାଣ୍ଟିନ୍ ଖୋଲିଛି। ଚକାଚକ୍ ଡାଇନିଂ ହଲ୍ ସହିତ ଗରମା ଗରମ ଖାଦ୍ୟ। ସରକାର ଭାବିଥିଲେ କ୍ୟାଣ୍ଟିନ୍‌ରେ ଭଲ ଖାଦ୍ୟ ଖାଇ ବାବୁମାନେ ଭଲରେ ଅଧିକ କାମ କରିବେ। ହେଲେ ଏହି କ୍ୟାଣ୍ଟିନ୍ ଏବେ ଚିନ୍ତାର କାରଣ ହୋଇଛି। ଯୁବ ଅଫିସରମାନେ ଏଠାରୁ ଆଉ ହଟୁ ନାହାନ୍ତି। ଯିଏ ଚା' ପିଇବାକୁ ଆସୁଛି ଘଣ୍ଟାଏ ବସି ଗପୁଛି। ଚା' ପକୁଡିରେ ଏଠାରେ ଦିନର ଅଧା ସମୟ ବିତିଯାଉଛି। ଆଗକୁ ମିଲ୍ ବ୍ୟବସ୍ଥା ହେଲେ ଅବସ୍ଥା କ'ଣ ହେବ ତାହା ଏବେଠାରୁ ଚିନ୍ତା ବଢାଇଲାଣି। ତେବେ ଯାହା ସୂଚନା ମିଳିଛି ଯେଉଁ କର୍ମଚାରୀମାନେ ଚାହିଁବେ କ୍ୟାଣ୍ଟିନରୁ ସେମାନଙ୍କ ଟେବୁଲ ପାଖରେ ଚା' ଜଳଖିଆ ପହଞ୍ଚି ପାରିବ। କିନ୍ତୁ ତାହା ନକରି ଦଳ ଦଳ ହୋଇ ତଳକୁ ଆସି ଏଠାରେ ବସି ଗପର ଆସର ଖୋଲୁଛନ୍ତି। ଯୁବ ଅଫିସରମାନଙ୍କର ଏଠାରେ ଗହଳି ଅଧିକ ହେଉଛି। ଆଇଆରସିଟିର ଏହି ସୃଜନ କ୍ୟାଣ୍ଟିନ୍‌ଟି ଏବେ ଯେଭଳି ଭାବେ କ୍ଲବ ହାଉସ୍ ପାଲଟିଲାଣି ତାହା ଦ୍ୱାରା ଖାରବେଳ ଭବନରେ କାମ କିଭଳି ସେହି ଚିନ୍ତା ଏବେ ଉପରିସ୍ଥ ଅଧିକାରୀଙ୍କୁ ଘାରିଲାଣି। ତେବେ ବହୁ ଆଡମ୍ବରରେ ଏହାକୁ ଉଦ୍‌ଘାଟନ କରିଥିବା ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଓ ସଚିବ ଟିକେ ବେଳ ଦେଖି ବିନା ସୂଚନାରେ କ୍ୟାଣ୍ଟିନ୍ ଆଡେ ବୁଲି ଆସିଲେ ସେମାନଙ୍କ ଉଦ୍ଦେଶ୍ୟ କିଭଳି ସାଧିତ ହେଉଛି ତାହା ସ୍ୱଚକ୍ଷୁରେ ଦେଖି ପାରନ୍ତେ।

## ବିଜୟଙ୍କୁ ପଶ୍ଚିମା ଧକ୍କା



ବରିଷ୍ଠ ନେତା ବିଜୟ ମହାପାତ୍ର ନୂଆ ଦଳ ଗଠନ ଲାଗି ରାଜ୍ୟ ସ୍ତରରେ ଥିବାବେଳେ ତାଙ୍କୁ ପଶ୍ଚିମରୁ ଧକ୍କା ମିଳିଥିବା ନେଇ ଏବେ ଆଲୋଚନା ଜୋର ଧରିଛି। ବାବୁ କୁଆଡେ ପଶ୍ଚିମା ନେତାଙ୍କ ସହିତ କବାଟକିଳା ଆଲୋଚନା କରୁଥିବାବେଳେ ସେହି ଖବର ଆସି ରାଜଧାନୀରେ ପହଞ୍ଚିଥିଲା। ନିର୍ଦ୍ଦେଶ ଗଲା ତୁରନ୍ତ ଆଲୋଚନାର ରେକର୍ଡ କର। ଆଦେଶ ପାଳନ ହେଲା। ଯେଉଁଠାରେ ଆଲୋଚନା ଚାଲିଥିଲା ସେଠାରେ ଲାଗିଥିବା ଗୁପ୍ତ କ୍ୟାମେରାରେ ସବୁ କିଛି ସୁଟିଂ ହେଲା। ବିଜୟ ପଶ୍ଚିମଓଡିଶା ଛାଡିବା ପୂର୍ବରୁ ଭିଡିଓ ଆସି ରାଜଧାନୀରେ ହାଜର। ବିଜେଡିର ଜଣଙ୍କ ପରେ ଜଣେ ନେତା ଭିଡିଓ ଦେଖିଲା ପରେ ମୁଖିଆଙ୍କୁ ଦେଖାଇ ଦିଆଗଲା। କ'ଣ ଆଲୋଚନା ହୋଇଛି ତାହା ବି ବୁଝାଇ ଦିଆଗଲା। ସବୁ ଜାଣିଲା ପରେ ମୁଖିଆ ନିର୍ଦ୍ଦେଶ ଦେଲେ ତୁରନ୍ତ ସସପେଣ୍ଡ ଚିଠି ଟାଇପ୍ କର। ଏହାପରେ ଘୋଷଣା ହେଲା ଦଳରୁ ଅରବିନ୍ଦ-ସନାତନ ସସପେଣ୍ଡ। ପ୍ରଥମେ ପ୍ରମାଣ ଚାହୁଁଥିବା ନେତାମାନେ ଏବେ ଏଭଳି ଗୁପ୍ତ ଭିଡିଓ ଖବର ଶୁଣିବା ପରେ ତୁନି ପଡିଛନ୍ତି। ଏଣେ ବିଜେଡି ନେତାମାନେ ପ୍ରମାଣ ରହିଥିବାନେଇ ଜୋର ଦେଉଛନ୍ତି। ପ୍ରମାଣଟିକୁ ବାହାରକୁ ଛାଡିବେ କି ନାହିଁ ସେଥିନେଇ ଆଲୋଚନା ଚାଲିଛି। ତେବେ ପଶ୍ଚିମ ଓଡିଶା ନେତ୍ରୀଙ୍କ ଏଭଳି କାରନାମା ସଂକ୍ରାନ୍ତରେ ଜାଣିବାପରେ ବିଜୟ କେବଳ ଆଶ୍ଚର୍ଯ୍ୟ ହୋଇନାହାନ୍ତି, କାହାକୁ ବିଶ୍ୱାସ କରି ନୂଆଦଳ ପାଇଁ ଆଗକୁ ବଢିବେ ସେହି ଚିନ୍ତାରେ ଥିବା ନେଇ ଆଲୋଚନା ଜୋର ଧରିଛି।

## ଅଟୋ ମାଡ଼ରେ ବସ୍ ଚେପା

ଅଟୋ ମାଡରେ ବସ୍ ଚେପା। କଥାଟିକୁ ଆମେ ପ୍ରଥମେ ବିଶ୍ୱାସ କରୁନଥିଲୁ। ହେଲେ ପରିବହନ ବିଭାଗର ଜଣେ ବାବୁ ଯେତେବେଳେ ଏହା କହିଲେ ଆମେ ସେଥିରେ ମୁଣ୍ଡ ଟୁଙ୍ଗାରିଲୁ। ବାବୁ କହିଲେ ସରକାରଙ୍କର ଆମ ବସ୍ ରାଜଧାନୀରେ ଗଡିବା ପରଠାରୁ ଅଟୋ ବେପାର ମାନ୍ଦା ହୋଇଥିଲା। କେତେ ଅଟୋ ଚାଳକ ପେଡି ପୁଟୁଳା ବାନ୍ଧି ଗାଁକୁ ପଳାଇଥିଲେ। ଲୋକେ ବି ବସକୁ ପସନ୍ଦ କରୁଛନ୍ତି। ଅଳ୍ପ ପଇସାକୁ ସୁରକ୍ଷିତ ଯାତ୍ରା। ହେଲେ କିଛି ଦିନ ହେଲା ଅଟୋ ଚାଳକଙ୍କ ନଜର ବସ୍ ଉପରେ ପଡିଛି। ଯେଉଁଠାରେ ରାସ୍ତାରେ ଧକ୍କା ହେଉଛି ସେଠାରେ ଅଟୋ ଚାଳକଙ୍କ ହଙ୍ଗାମା ଦେଖିବାକୁ ମିଳୁଛି। ନିକଟରେ ବରମୁଣ୍ଡା ଠାରେ ଅଟୋ ଚାଳକମାନେ ଅଭିଯୋଗ କଲେ ଆମ ବସ୍ ସାଇଡ୍ ମାରିଦେଲା। ଏହା ଅତି ଆଶ୍ଚର୍ଯ୍ୟଜନକ। ଅଭିଯୋଗ ସହିତ ତୁରନ୍ତ ଆନ୍ଦୋଳନକୁ ବି ଓହ୍ଲାଇଲେ। ଯାତ୍ରୀଙ୍କ ସହିତ ବସ୍‌କୁ ଛାଡିଲେନି। କେତେବେଳେ ରାସ୍ତାରେ ବସ୍ ଆଗରେ ଆନ୍ଦୋଳନ କରୁଛନ୍ତି ତ ଆଉ କେତେବେଳେ ବସ୍ ଡିପୋରେ ପଶି ଯାଉଛନ୍ତି। ଏମାନଙ୍କ ବିରୋଧ ଯୋଗୁଁ ସରକାର ବି ବସ୍ ବେଗକୁ କମାଇ ଦେଇଛନ୍ତି। ପ୍ରଶାସନ ଏକ ପ୍ରକାର ନାଚାର। ଆଗକୁ ଦାବି ବଢିଲେ ବସ୍ ଚଳାଇବେ କି ନାହିଁ ସନ୍ଦେହ। ପରିବହନ ବିଭାଗର ବାବୁ ବାବୁଆଣୀମାନଙ୍କ ନରମ ଅବସ୍ଥା ଦେଖି ଅଟୋ ଚାଳକମାନେ ଏବେ ବସ୍ ପଛରେ ପଡିଛନ୍ତି। ସେମାନଙ୍କ ମାଡରେ ବସ୍ ଏବେ ବେହାଲ। ପରିବହନ ବାବୁ ଜଣଙ୍କ ଏଭଳି ସୂଚନା ଦେଉଥିବାବେଳେ ଆମ ତାଙ୍କ ମୁହଁକୁ ଅନାଇ କେବଳ ତାଙ୍କରି ବିଭାଗର ବାବୁମାନଙ୍କ ଅପାରଗତା କଥା ଭାବୁଥିଲୁ।



### ନୂଆବର୍ଷରୁ ଭୁବନେଶ୍ୱର ସାଂସଦଙ୍କ ଅଭିନବ ପ୍ରୟାସ

# ବେଗୁନିଆରୁ ଆରମ୍ଭ ହେଲା 'ସାଂସଦ ଚିକିତ୍ସା ଶିବିର'



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ନୂଆବର୍ଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନୂଆ ପଦକ୍ଷେପ, ସାଂସଦୀୟ କ୍ଷେତ୍ର ଅଧୀନରେ ଥିବା ସମସ୍ତ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ୱାସ୍ଥ୍ୟ ପାଇଁ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ-ବୋଲଗଡ ନିର୍ବାଚନମଣ୍ଡଳୀର ବେଗୁନିଆଠାରେ ଶୁଭ ଉଦଘାଟନ କରାଯାଇଛି। ପ୍ରତ୍ୟେକ ମାସର ତୃତୀୟ ରବିବାରରେ ଏଣିକି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବ୍ଲକ ସ୍ତରରେ ଆୟୋଜନ ହେବ ସାଂସଦ ଚିକିତ୍ସା ଶିବିର। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ରହିଥିବା ମୋଟ ୮ଟି ବ୍ଲକରେ ସାଂସଦ ଚିକିତ୍ସା ଶିବିର ଆଗାମୀ ଦିନରେ ଆୟୋଜନ ହେବା ନେଇ ଉଦଘାଟନ ଅବସରରେ ମତ ରଖିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

ରବିବାର ସକାଳ ୮ଟାରୁ ବେଗୁନିଆର ଗୋପବନ୍ଧୁ ପିଏମ ଶ୍ରୀ ହାଇସ୍କୁଲ ପରିସରରେ ପ୍ରଥମ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଥିଲା। ସାଂସଦ ଅପରାଜିତା ଷଡ଼ଙ୍ଗୀ ଫିତା କାଟି ଏହାର ଶୁଭ ଉଦଘାଟନ କରିଥିଲେ। ଏହି ସାଂସଦ ଚିକିତ୍ସା ଶିବିରରେ ପ୍ରାୟ ୧୦ଟି ଗାଁର ୫୫୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଛି। ସାଂସଦ ଚିକିତ୍ସା ଶିବିରରେ ବିଭିନ୍ନ ବିଭାଗ ଯେପରିକି ମେଡିସିନ, ପେଡିଆଟ୍ରିକ୍, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଅର୍ଥୋପେଡିକ, ଆଖି, ଦାନ୍ତ, ସର୍ଜରୀ ବିଭାଗର ବରିଷ୍ଠ ଚିକିତ୍ସକ ସାମିଲ ହୋଇଥିଲେ। ରକ୍ତ ପରୀକ୍ଷାରୁ ଆରମ୍ଭ କରି ମଧୁମେହ, ବିପି, ଓଜନ ମାପଠାରୁ ସମସ୍ତ ପ୍ରାରମ୍ଭିକ ଚିକିତ୍ସା ସୁବିଧା ଏହି ଶିବିରରେ ଉପଲବ୍ଧ ହୋଇଥିଲା। ଏହି ଚିକିତ୍ସା ଶିବିର ବାଂକୋଇ ସିଏଚସି, ଖୋର୍ଦ୍ଧା ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲର ବରିଷ୍ଠ ଡାକ୍ତର ଏବଂ ମେଡିକାଲ୍ ଟିମ୍ ସାମିଲ ହୋଇ ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ। ସାଂସଦ ଚିକିତ୍ସା ଶିବିର ଆୟୋଜନ ନେଇ ଏକ ୪ ଜଣିଆ ସଦସ୍ୟ ବିଶିଷ୍ଟ ଟିମ୍ ଗଠନ କରିଛନ୍ତି ଭୁବନେଶ୍ୱର ସାଂସଦ। ଟିମରେ ଥିବା ସଦସ୍ୟମାନେ ହେଉଛନ୍ତି ସୁଧୀର କୁମାର ପଣ୍ଡା, ଗିସଲୟ ଘୋଷ, ଜୀବନ କୁମାର ସାହୁ ଏବଂ ବିଦ୍ୟୁତ କୁମାର କାଣ୍ଡି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ।

### କୋଲକାତାରୁ ସମ୍ବଲପୁରକୁ ଗଞ୍ଜେଇ ଚାଲାଣ

## ୪ ଗିରଫ, କାର ଜବତ

**ଜମନକିରା, ୧୮।୧ (ସଂଚାର ବ୍ୟୁରୋ):** ସମ୍ବଲପୁର ଏସପି ମୁକେଶ କୁମାର୍ ଭାମୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ବେଆଇନ୍ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକ୍ ଲଗାଇବା ପାଇଁ ପୁଲିସ୍ ଧରପଗଡ ଅଭିଯାନ ଚଳାଇଛି। ଏହି ଅଭିଯାନକୁ ଜୋରଦାର କରି ଜମନକିରା ପୁଲିସ୍ ଏକ ବଡ଼ ସଫଳତା ହାସଲ କରିଛି। ରବିବାର ଅପରାହ୍ଣରେ ଜମନକିରା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ୍ତ କୁମାର ଦାଶ ସୂଚନା ଦେଇ କହିଥିଲେ ଯେ, ଗତ ଦୁଇ ମାସ ହେଲା ଜିଲ୍ଲାରେ ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଛି। ଗତ ୧୭ ତାରିଖ ଅପରାହ୍ନରେ ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ସନ୍ତୋଷ ସ୍ୱାଇଁ ଏବଂ ପୁଲିସ ଟିମ୍ (ଏନ୍‌ଏଚ୍ ୫୩) ଉପରେ ଚେପଟାମ୍ବ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ପୁଲିସକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ସେହି ରାସ୍ତା ଦେଇ ଯାଉଥିବା ଏକ ସିଲଭର୍ ରଙ୍ଗର ଏକ କାର (ଓଡ଼ି ୦୨ଭି ୦୯୧୯)କୁ ପୁଲିସ ଟିମ୍ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଦୁଇଟି ପ୍ଲାଷ୍ଟିକ୍ ବ୍ୟାଗରେ ମୋଟ୍ ୨୫ କିଲୋ ୪୫୦ ଗ୍ରାମ ଗଞ୍ଜେଇ ରହିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓ ସ୍ଥାନୀୟ ସାକ୍ଷୀମାନଙ୍କ ସମ୍ମୁଖରେ ଓଜନ କରିବାରୁ ଗୋଟିଏ ପ୍ଲାଷ୍ଟିକ ବ୍ୟାଗ୍‌ରେ ୧୬ କିଲୋ ୫୦୦ ଗ୍ରାମ ଥିବା ବେଳେ ଅନ୍ୟ ଏକ ବ୍ୟାଗ ରେ ୮ କିଲୋ ୯୫୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ଥିବା ଜଣା ପଡିଥିଲା। କାର୍‌କୁ ଦୀପକ ପାଣ୍ଡେ ଚଳାଉ ଥିଲା ବୋଲି ଏସଡିପିଓ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୪ ଜଣ ପେଶାଦାର ଗଞ୍ଜେଇ ମାଫିଆ ରୋଶନ୍ ସିଂ (୨୪), ଦୀପକ ପାଣ୍ଡେ (୨୨), ମହମ୍ମଦ ଦାନିସ (୨୦) ଏବଂ ଉତ୍ତମ ବର୍ଗାର୍ତ୍ତୀ (୩୦)ଙ୍କୁ ଥାନାକୁ ଧରି ଆଣି ପଚରା ଉଚରା କରିଥିଲା।

### ଧାନକିଣାରେ ଅଚଳାବସ୍ଥା ଜାରି

## ମଣ୍ଡି ଖୋଲିଛି, ଧାନ ଉଠୁନି



**ଭଦ୍ରକ, ୧୮।୧ (ସଂଚାର ବ୍ୟୁରୋ):** ଚଳିତବର୍ଷ ଭଦ୍ରକ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜିଲ୍ଲାରେ ଖରିଫ ଧାନ ସଂଗ୍ରହକୁ ଏହା ଭିତରେ ୧୫ ଦିନ ବିତିବାକୁ ବସିଲାଣି ହେଲେ ଜିଲ୍ଲାର ଚାଷୀ ଧାନ ବିକି ପାରିଲେ ନାହିଁ। ଧାନ କିଣାରେ ଅଚଳାବସ୍ଥା ନେଇ ଚାଷୀଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାନ ସରକାରୀ ମଣ୍ଡିରେ କିଣା ନହେଲେ ଆଉ କିଛି ଦିନ ପରେ ଜିଲ୍ଲାର ସବୁ ଚାଷୀ ଧାନ ଆଣି ଜିଲ୍ଲାପାଳଙ୍କ ଅଫିସ ଆଗରେ ଗଦା କରିବେ ବୋଲି ଖୋଲାଖୋଲି କହିବା ଆରମ୍ଭ କଲେଣି।

ଚଳିତ ମାସ ୫ ତାରିଖ ଦିନ ଭଦ୍ରକ ଜିଲ୍ଲାରେ ଖରିଫ ଧାନ ସଂଗ୍ରହର ଶୁଭାରମ୍ଭ କରାଗଲା। ଚାଷୀଙ୍କୁ ୪୮ ଘଣ୍ଟାରେ ସମାନଙ୍କ ପ୍ରାପ୍ୟ ମିଳିବ ବୋଲି କୁହାଗଲା। ଜିରୋ କଟିଂରେ ଧାନ କିଣା ହେବ ଏବଂ ସରକାର କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ ସବ୍‌ସିଡି ଦେବେ ବୋଲି ପ୍ରତିଶ୍ରୁତି ମିଳିଲା। କିନ୍ତୁ ଧାନ କିଣା ହେଲା ନାହିଁ। ମଣ୍ଡି ଖୋଲିଲା। ହେଲେ ଧାନ କିଣା ଆରମ୍ଭ ହେଉନି। କୁହାଯାଉଛି ମିଲରମାନେ ଧାନ ଉଠାଉ ନାହାନ୍ତି। ଏମିତି ୧୫ ଦିନ ବିତିଗଲାଣି। ମିଲରଙ୍କ ମନମାନି ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜିଲ୍ଲା ଯୋଗାଣ ନିଗମ କହୁଛି ଖୁବ ଶୀଘ୍ର ଚାଷୀଙ୍କର ଧାନ କିଣାଯିବ। ହେଲେ ଜିଲ୍ଲାରେ ଆଜିସୁଦ୍ଧା ଧାନ କିଣା ଶୂନ। ଏନେଇ ଜିଲ୍ଲାବ୍ୟାପୀ ବଡ଼ଧରଣର ଆନ୍ଦୋଳନ ଡାକରା ଦିଆଗଲାଣି। ଶୁକ୍ରବାର କେନ୍ଦ୍ରୀୟ ଟ୍ରେଡ ୟୁନିସନ ଏବଂ କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାବ୍ୟାପୀ ଜୋରଦାର ଆନ୍ଦୋଳନ କରାଯିବ। ଅନ୍ୟ ସବୁ ରାଜନୈତିକ ଦଳ ମଧ ପ୍ରତିବାଦ କରିବା ସହ ଆନ୍ଦୋଳନ ଚେତାବନୀ ଦେଉଛନ୍ତି। କଂଗ୍ରେସ ଜିଲ୍ଲା ସଭାପତି ନାଳୀନୀ କାନ୍ତ ମହାନ୍ତି ଚାଷୀଙ୍କ ଧାନ କିଣା ନହେଲେ ଜୋରଦାର ଆନ୍ଦୋଳନ କରିବେ ବୋଲି କହିଛନ୍ତି। ତୁରନ୍ତ ମଣ୍ଡି ଖୋଲି ଚାଷୀ ଏବଂ ଭାଗ ଚାଷୀଙ୍କଠାରୁ ଧାନ କିଣିବା, ଟୋକନ ପ୍ରହସନ ବନ୍ଦ କରିବା, ସବୁ ଚାଷୀଙ୍କୁ କୃଷି ଏବଂ ମହାଜନୀ ଋଣ ଛାଡ଼ କରିବା ଆଦି ଦାବିରେ ୧୯ ତାରିଖରେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ ଏବଂ ପ୍ରତିବାଦ କରିବାକୁ ଚେତାବନୀ ଦେଇଛନ୍ତି କୃଷକ ସଂଗଠନ।

## ବାଣ ଭିଡୁଥିବା ବେଳେ ବିସ୍ଫୋରଣ, ଜଣେ ମୃତ

**କଟକ ୧୮।୧ (ସଂଚାର ବ୍ୟୁରୋ) :** କଟକ ଜିଲ୍ଲା ଖଲର୍ଧା ଅଞ୍ଚଳରେ ବାଣ ବିସ୍ଫୋରଣରେ ଜଣେ ମୃତ୍ୟୁବରଣ କରିଛନ୍ତି। ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ କଟକ ସଦର ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ଅନୁଯାୟୀ, କଟକ ଖଲର୍ଧା ଅଞ୍ଚଳରେ ବେଆଇନ୍ ଭାବେ ଚାଲିଥିଲା ବାଣ ବ୍ୟବସାୟ। କିଛି ଲୋକ ପ୍ରତିଦିନ ପରି ଆଜି ମଧ ବାଣ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ହଠାତ୍ ବାଣ ଭିଡୁଥିବା ବେଳେ ଜୋରଦାର ବିସ୍ଫୋରଣ ହୋଇଥିଲା। ଯେଉଁଥିରେ ବାଣ ଭିଡୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ଯାଏ ମୃତକଙ୍କ ପରିଚୟ ମିଳିନାହିଁ। ସେପଟେ ଅଘଟଣ ସଂପର୍କରେ ଖବର ପାଇ କଟକ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ଏହାସହିତ ଘଟଣାର ତଦନ୍ତ ମଧ ଜାରି ରଖିଛି।

## ପୋଖରୀ ହୁଡ଼ାରୁ ମିଳିଲା ନବଜାତ ଶିଶୁକନ୍ୟାର ମୃତଦେହ

**ଉମରକୋଟ ୧୮।୧ (ସଂଚାର ବ୍ୟୁରୋ):** ଅଲୋଡ଼ା ହେଲା ନବଜାତକ। ନିର୍ଦ୍ଦୟୀ ହେଲା ମା'। ନିଜର ନବଜାତ ଶିଶୁକୁ ଫୋପାଡ଼ି ଦେଇ ଚାଲିଗଲା ନିର୍ଦ୍ଦୟୀ ମା'। ପୋଖରୀ ହୁଡ଼ାରୁ ମିଳିଲା ନବଜାତ ଶିଶୁର ମୃତଦେହ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ କୈଳାରୀବେଡା ଗାଁରେ ଦେଖିବାକୁ ମିଳିଛି ଏଭଳି ହୃଦୟ ବିଦାରକ ଦୃଶ୍ୟ। ସୂଚନାଯୋଗ୍ୟ ଯେ, ରବିବାର ସକାଳେ କିଛି ଗାଈ ଚରାଳି ଗାଈ ଚରାଇବାକୁ ଯାଇଥିବା ବେଳେ ଗାଁ ପୋଖରୀ ହୁଡ଼ାରେ ଥିବା ଏକ ଖଜୁରୀ ଗଛ ମୂଳେ ନବଜାତ ଶିଶୁର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ସ୍ଥାନୀୟ ସମିତି ସଭ୍ୟ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ସରପଞ୍ଚଙ୍କ ଜରିଆରେ ସ୍ଥାନୀୟ ଥାନାକୁ ଖବର ଦିଆଯାଇଛି। ତେବେ କିଏ ଏବଂ କେଉଁ ପରିସ୍ଥିତିରେ ଏହି ନିଷ୍ପାପ ଶିଶୁଟିକୁ ଏଠାରେ ଫୋପାଡ଼ି ଦେଇଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଶିଶୁଟିକୁ ଗର୍ଭରେ ଧରିବା ପରେ ଜନ୍ମଦେଇ ଏଭଳି ଭାବେ ଫୋପାଡ଼ି ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ କରୁଛି। ତେବେ ତଦନ୍ତ ପରେ ହିଁ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି।

### ବିଜେଡି ସୁପ୍ରିମୋଙ୍କୁ ଡେରାବିଶ ବ୍ଲକ ବିଜେଡିର ଅନୁରୋଧ

## ଅରବିନ୍ଦଙ୍କ ନିଲମ୍ବନର ପୁନର୍ବିଚାର ହେଉ




- କର୍ମୀଙ୍କ ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ଦିଆଯିବ
- ପଞ୍ଚାୟତ ପ୍ରତିନିଧିମାନେ ଦଳୀୟ ସୁପ୍ରିମୋଙ୍କୁ ଭେଟିବେ

**ଡେରାବିଶ, ୧୮।୧ (ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଚାଟରାଚକଡ଼ ପଞ୍ଚାୟତ ଅନ୍ତର୍ଗତ ଛତା ଠାରେ ଆଜି ଡେରାବିଶ ବ୍ଲକ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂ, ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ ଓ ସମିତିସଭ୍ୟ ଅନନ୍ତ ପ୍ରସାଦ ଜେନା, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର କୁମାର ମଳିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଲକ୍ଷ୍ମୀନାରାୟପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନିନ୍ଦ୍ର କୁମାର ବେହେରା, ରତାଦିଆଖଣ୍ଡ ସାହି ସରପଞ୍ଚ ଶିଶିର ସାମଲ, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପାଟକୁରାର ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଉପରେ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଲଗାଇଥିବା ନିଲମ୍ବନ ଆଦେଶକୁ ପୁନର୍ବିଚାର କରିବା ପାଇଁ ଅନୁରୋଧ କରିଥିଲେ।

ଶ୍ରୀ ମହାପାତ୍ର କୌଣସି ଭୁଲ୍ କିମ୍ବା ଦଳବିରୋଧୀ କାର୍ଯ୍ୟ କରିଥିଲେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ପାରିଥାନ୍ତା। ଏବେ ହଠାତ୍ ଶ୍ରୀ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିବା ଫଳରେ ପାଟକୁରା ଏବେ ମୁରବୀଶୂନ୍ୟ ହୋଇଯାଇଥିବା ସେମାନେ ପ୍ରକାଶ କରିଥିଲେ। ଏଥିସହିତ ଡେରାବିଶ ବ୍ଲକ ବିଜେଡିର କର୍ମୀମାନଙ୍କର ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ଦଳୀୟ ସୁପ୍ରିମୋଙ୍କ ନିକଟକୁ ପଠାଇବେ ଏବଂ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ପ୍ରତିନିଧିମାନେ ଦଳୀୟ ସୁପ୍ରିମୋଙ୍କୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ବିଜେଡ଼ି ନେତା ବଟ ସାମଲ, ରାଜ୍ୟ ବିଜେଡି ସମ୍ପାଦକ ସୁଦୀପ୍ତ କେଶରୀ ସାମଲ, ତ୍ରିଲୋଚନ ରାଉତ, କୈଳାସ ପରିଡ଼ା, ଦିଲ୍ଲୀପ ଦାସ, ସୁଜିତ ବଳ, ସତ୍ୟରଞ୍ଜନ ସାମଲ, ଚୌଧୁରୀ ରବୀନ୍ଦ୍ର ଜେନା, ଧୀରେନ୍ଦ୍ର ଜେନା, ପ୍ରଶାନ୍ତ ସାମନ୍ତରାୟ, ସରଳରେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଉପଜିଲ୍ଲାପାଳଙ୍କୁ ଧମକ ଦେଇ ବାଲିମାଫିଆ ଅଟକ

**ପିପିଲି, ୧୮।୧ (ସଂଚାର ବ୍ୟୁରୋ):** ପିପିଲିରେ ବେଆଇନ ବାଲି ଗଦା ଉପରେ ଚଢ଼ାଉ କରାଯାଇଛି। ଅଚାନକ ଚଢ଼ାଉ କରିଛନ୍ତି ପୁରୀ ଉପଜିଲ୍ଲାପାଳ। ଚଢ଼ାଉ କରି ସିଜ୍ କରିଛନ୍ତି ଶହ ଶହ ଟ୍ରିପ୍ ବାଲିଗଦା। ସୂଚନାଯୋଗ୍ୟ ଯେ, ପିପିଲି ନୂଆ ଶାସନ ଗ୍ରାମରେ ବେଆଇନ ଭାବରେ ଷ୍ଟକ ଥିବା ବାଲିଗଦାକୁ ଜିଲ୍ଲା ପ୍ରଶାସନ ଖଣି ଅଧିକାରୀ, ପିପିଲି ତହସିଲଦାର ଓ ପିପିଲି ପୁଲିସ ମିଳିତ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉ ସମୟରେ ଉପଜିଲ୍ଲାପାଳଙ୍କୁ ଖୋଲା ଖୋଲି ଧମକ ଦେଇଥିଲେ ବାଲି ମାଫିଆ। ଧମକ ଦେବାରୁ ଜଣଙ୍କୁ ଅଟକ ରଖିଛି ପୁଲିସ। ଅନ୍ୟପଟେ ଜବତ ହୋଇଥିବା ଚୋରାବାଲିକୁ ରାତି ତମାମ ଜଗି ରହିବେ ପୁଲିସ। ପିପିଲି ନୂଆଶାସନ ପଞ୍ଚାୟତ ପ୍ରାୟ ୬ ରୁ ୭ ଟି ଜାଗାରେ ବେଆଇନ ଗଚ୍ଛିତ ବାଲି ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଟ୍ରିପ ଜବତ ହୋଇଥିବା ଉପଜିଲ୍ଲାପାଳ କହିଛନ୍ତି। ପୂର୍ବରୁ ନୂଆଶାସନ ପଞ୍ଚାୟତରେ ବେଆଇନ ବାଲି ଚୋରା ଚାଲାଣ ହେବାର ଅନେକ ଅଭିଯୋଗ ଆସୁଥିବା ବେଳେ ଜାତୀୟ ରାଜପଥରେ ଏହି ବେଆଇନ ବାଲି ପଡି ଦୁର୍ଘଟଣା ଘଟିବା ସହ ଜୀବନ ହାନି ହୋଇଛି।

# ଚିଲିକାରେ ଏଥର ୧୧,୩୨,୨୦୦ ପକ୍ଷୀ



- ୨୨ ଜୋନରେ ୧୩୦ଜଣ ଗଣନା କାର୍ଯ୍ୟରେ ନିୟୋଜିତ

**ବାଲୁଗାଁ, ୧୮।୧ (ସଂଚାର ବ୍ୟୁରୋ):** ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ବାଲୁଗାଁ ବନ୍ୟପ୍ରାଣୀ ବିଭାଗର ମିଳିତ ଉଦ୍ୟମରେ ଚିଲିକା ଏବଂ ପକ୍ଷୀ ଅଭୟାରଣ୍ୟ ନଳବଣରେ ଚଳିତ ବର୍ଷ ପକ୍ଷୀ ଗଣନା ରବିବାର ସମାପ୍ତ ହୋଇଛି। ଚଳିତ ବର୍ଷ ପ୍ରକାଶିତ ଗଣନା ରିପୋର୍ଟ ଅନୁସାରେ ସମଗ୍ର ଚିଲିକାରେ ୧୯୬ ପ୍ରଜାତିର ୧୧ ଲକ୍ଷ ୩୨ ହଜାର ୨୦୦ଟି ପକ୍ଷୀଙ୍କ ସମାଗମ ହୋଇଛି। କେବଳ ପକ୍ଷୀ ଅଭୟାରଣ୍ୟ ନଳବଣରେ ୧୦୬ ପ୍ରଜାତିର ୩ ଲକ୍ଷ ୯୭ ହଜାର ୫୮୭ଟି ପକ୍ଷୀ ଥିବା ସଦ୍ୟ ସମାପ୍ତ ପକ୍ଷୀ ଗଣନାରୁ ଜଣାପଡିଛି।

ଗତବର୍ଷ ସମଗ୍ର ଚିଲିକାରେ ୧୧ ଲକ୍ଷ ୨୭ହଜାର ୨୨୮ଟି ପକ୍ଷୀମାନଙ୍କ ସମାଗମ ହୋଇଥିବା ବେଳେ ପକ୍ଷୀ ଅଭୟାରଣ୍ୟ ନଳବଣରେ ୩ଲକ୍ଷ ୪୩ହଜାର ୨୩୬ଟି ପକ୍ଷୀଙ୍କ ସମାଗମ ହୋଇଥିଲା। ଗତବର୍ଷ ଠାରୁ ଚଳିତ ବର୍ଷ ୫୪ ହଜାର ୩୬୧ ପକ୍ଷୀଙ୍କ ସଂଖ୍ୟା ଅଧିକ ହୋଇଛି। ସେଥି ମଧରୁ ବିଦେଶୀ ୧୦୬ ପ୍ରଜାତିର ୧୧ ଲକ୍ଷ ୧୦ ହଜାର ୨୫୭ଟି ପକ୍ଷୀ ଥିବା ବେଳେ ଦେଶୀୟ ପକ୍ଷୀ ୯୦ ପ୍ରଜାତିର ୨୧ ହଜାର ୯୪୩ଟି ଥିବା ଜଣାପଡିଛି। ପକ୍ଷୀ ଗଣନା ଅନୁସାରେ ସମଗ୍ର ଚିଲିକାରେ ବିଦେଶୀ ପକ୍ଷୀଙ୍କ ମଧରେ ସର୍ବାଧିକ ନର୍ଦ୍ଧନ ପ୍ରିଣ୍ଟଲ ୨ଲକ୍ଷ ୧୮ ହଜାର ୯୯୩ଟି, ୟୁରାସିୟମ ୟୁଜିଅନ ୧ ଲକ୍ଷ ୫୩ ହଜାର ୩୧୮ଟି ଥିବା ବେଳେ ଗଡ଼୍‌ୱାଲ ୧ ଲକ୍ଷ ୪୩ହଜାର ୧୨୭ଟି ପକ୍ଷୀ ଥିବା ସଦ୍ୟ ସମାପ୍ତ ଗଣନାରୁ ଜଣାପଡ଼ିଛି। ସର୍ବାଧିକ ସଂଖ୍ୟାରେ ବାଲୁଗାଁ ରେଞ୍ଜ ଅନ୍ତର୍ଗତ ନଳବଣରେ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଦ୍ୱିତୀୟରେ ଟାଙ୍ଗି ରେଞ୍ଜର ମଙ୍ଗଳାଯୋଡି, ଭୂଷଣ୍ଡପୁର ଏବଂ ସର୍ବନିମ୍ନ ରମ୍ଭା ରେଞ୍ଜରେ ପକ୍ଷୀ ମାନଙ୍କୁ ଚିହ୍ନଟ କରାଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ଅଧୀନସ୍ଥ ୫ଟି ରେଞ୍ଜ ଚିଲିକା, ବାଲୁଗାଁ, ଟାଙ୍ଗି, ସାତପଡ଼ା ଓ ରମ୍ଭା ରେଞ୍ଜର ଅଞ୍ଚଳରେ ୨୨ଟି ଜୋନରେ ବିଭକ୍ତ ହୋଇ ୧୩୦ଜଣ ଗଣନାକାରୀ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ଟାଟା ଟ୍ରଷ୍ଟ ବୋର୍ଡ ବୈଠକ ବାତିଲ

ମୁମ୍ବାଇ, ୧୮।୧: ସାର୍ ରତନ ଟାଟା ଟ୍ରଷ୍ଟ ପକ୍ଷରୁ ଶନିବାର ହେବାକୁ ଥିବା ବୋର୍ଡ ବୈଠକ ବାତିଲ ହୋଇଯାଇଛି। ଏହି ବୈଠକରେ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟାଙ୍କ ପୁଅ ନେଭିଲ ଟାଟାଙ୍କୁ ଟ୍ରଷ୍ଟି ଭାବେ ନିଯୁକ୍ତି ଦିଆଯିବାର ଯୋଜନା ରହିଥିଲା। କିନ୍ତୁ ସଂଖ୍ୟା ଅଭାବ ପାଇଁ ବୋର୍ଡ ବୈଠକ ହୋଇ ପାରି ନଥିବା ଏକ ସୂତ୍ରରୁ ଜଣାଯାଇଛି। ନେଭିଲ ଟାଟାଙ୍କୁ ଟ୍ରଷ୍ଟରେ ନିଯୁକ୍ତି ଦେବାଲାଗି ଗତ ୨ ମାସ ତଳେ ହୋଇଥିବା ପ୍ରଥମ ଉଦ୍ୟମ ବିଫଳ ହେବା ପରେ ୧୭ ତାରିଖ ପାଇଁ ଆହୂତ ବୋର୍ଡ ବୈଠକ ବାତିଲ ହୋଇଛି। ନୂଆ ଟ୍ରଷ୍ଟି ନିଯୁକ୍ତି ପାଇଁ ଅନ୍ୟ ସମସ୍ତ ଟ୍ରଷ୍ଟି ଉପସ୍ଥିତ




ରହିବାର ଆବଶ୍ୟକତା ରହିଛି। କିନ୍ତୁ ଏହା ସମ୍ଭବ ହୋଇ ପାରି ନଥିବା ଜଣାଯାଇଛି। ଆସନ୍ତା କିଛିଦିନ ମଧ୍ୟରେ ଏହି ବୈଠକ ହେବା ନେଇ ଆଶା କରାଯାଉଛି। ଟ୍ରଷ୍ଟିମାନଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ସହମତି ନେଇ ଆଉ କିଛିଦିନ ସମୟ ଲାଗିପାରେ। ସାର୍ ରତନ ଟାଟା ଟ୍ରଷ୍ଟରେ ସଂପ୍ରତି ନୋଏଲ ଟାଟା, ଭେନୁ ଶ୍ରୀନିବାସନ, ବିଜୟ ସିଂହ ଜିମ୍ମି ଏନ୍ ଟାଟା, ଜାହାଙ୍ଗୀର ଏଚ୍‌ସି ଜାହାଙ୍ଗୀର ଏବଂ ଡେରିୟସ୍ ଖମ୍ବାଟା ଟ୍ରଷ୍ଟି ରହିଛନ୍ତି। ଗତବର୍ଷ ନଭେମ୍ବରରେ ନେଭିଲ ଟାଟା ଏବଂ ଭାସ୍କର ଭଟ୍ଟଙ୍କୁ ସାର୍ ଦୋରାବ୍‌ଜୀ ଟାଟା ଟ୍ରଷ୍ଟରେ ନିଯୁକ୍ତି ଦିଆଯାଇଥିଲା। ଟାଟା ଗ୍ରୁପ୍‌ର ମୂଳ କମ୍ପାନି ଟାଟା ସନ୍ସରେ ସାର୍ ରତନ ଟାଟା ଟ୍ରଷ୍ଟର ୨୩.୬ ପ୍ରତିଶତ ଅଂଶଧନ ରହିଛି। ସେହିଭଳି ସାର୍ ଦୋରାବ୍‌ଜୀ ଟାଟା ଟ୍ରଷ୍ଟର ୨୮ ପ୍ରତିଶତ ଅଂଶଧନ ରହିଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୧୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୨୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୧,୨୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୩,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୧,୨୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୩,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୧,୪୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୯୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୨,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୩,୧୮୦ ଓ, ୧,୩୧,୨୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୫,୦୦୦ ଟଙ୍କା ହୋଇଛି ।

# ୨୦,୦୦୦ରେ ପହଞ୍ଚିଲା ରିଲାଏନ୍ସ ରିଟେଲ ଷ୍ଟୋର ସଂଖ୍ୟା

## ୫୦ କୋଟିରୁ ଅଧିକ କାରବାର





ମୁମ୍ବାଇ, ୧୮।୧: ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରିଟେଲ ବ୍ୟବସାୟ ଉଲ୍ଲେଖନୀୟ ଭାବରେ ସମ୍ପ୍ରସାରଣ ଜାରି ରଖିଛି। ଏହି ତ୍ରୈମାସିକରେ ୪୩୧ଟି ନୂତନ ଷ୍ଟୋର ଯୋଡିବା ସହିତ ଦେଶରେ ରିଲାଏନ୍ସ ରିଟେଲର ମୋଟ ଷ୍ଟୋର ସଂଖ୍ୟା ୧୯,୯୭୯ ରେ ପହଞ୍ଚିଛି, ଯାହା ପାଖାପାଖି ୨୦,୦୦୦ ଷ୍ଟୋର ମାଇଲଖୁଣ୍ଟ ହାସଲର ନିକଟତର ହୋଇଛି। ଜିଓମାର୍ଟ ମଧ୍ୟ ଏହି ତ୍ରୈମାସିକରେ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ଦୈନିକ ଅର୍ଡର ସଂଖ୍ୟା ୧୬ ଲକ୍ଷ ଅତିକ୍ରମ କରିଛି। ହାରାହାରି ଦୈନିକ ଅର୍ଡର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇ ପୂର୍ବ ତ୍ରୈମାସିକ ତୁଳନାରେ ୫୩ ପ୍ରତିଶତ ଏବଂ ଗତବର୍ଷ ସମାନ ତ୍ରୈମାସିକ ତୁଳନାରେ ୩୬୦ ପ୍ରତିଶତ ଅଧିକ ହୋଇଛି, ଯାହା ଜିଓମାର୍ଟକୁ ହାଇପର-ଲୋକାଲ ବ୍ୟବସାୟରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ଲାଟଫର୍ମ ମଧ୍ୟରୁ ଅନ୍ୟତମ କରିଛି।

ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୫୦ କୋଟି କାରବାର (ଟ୍ରାଞ୍ଜାକ୍ସନ) ସଂଖ୍ୟା ଅତିକ୍ରମ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୪୭.୬ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି। କମ୍ପାନୀର ପଞ୍ଜିକୃତ ଗ୍ରାହକ ଆଧାର ମଧ୍ୟ ୩୭ କୋଟି ୮୦ ଲକ୍ଷକୁ ବୃଦ୍ଧି ପାଇଛି। ତୃତୀୟ ତ୍ରୈମାସିକରେ ରିଲାଏନ୍ସ ରିଟେଲ ର ରାଜସ୍ୱ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୮.୧ ପ୍ରତିଶତ ବୃଦ୍ଧି ପାଇ ୯୭,୬୦୫ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସିକରେ କଞ୍ଜ୍ୟୁମର ପ୍ରଡକ୍ଟସ ବ୍ୟବସାୟକୁ ଅଲଗା କରିବାର ପ୍ରକ୍ରିୟା ସମ୍ପନ୍ନ ହୋଇଛି ଯାହା ଦ୍ୱାରା ଏହି ବ୍ୟବସାୟକୁ ଏକ ସ୍ୱତନ୍ତ୍ର ପରିଚୟ ଏବଂ ଏକ ନିର୍ଦ୍ଦିଷ୍ଟ ଧ୍ୟାନକୈନ୍ଦ୍ରିକ ସାଂଗଠନିକ ଆକାର ମିଳିଛି। ତ୍ରୈମାସିକ ଫଳାଫଳ ଉପରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ୍. ଅମ୍ବାନୀ କହିଛନ୍ତି, "ରିଲାଏନ୍ସ ରିଟେଲ ଏହି ତ୍ରୈମାସିକରେ ଦୃଢ଼ ପ୍ରଦର୍ଶନ ସହିତ ଲକ୍ଷ ଲକ୍ଷ ଗ୍ରାହକଙ୍କ ଭିନ୍ନ ଭିନ୍ନ ସପିଙ୍ଗ ଆବଶ୍ୟକତାକୁ ସଫଳତାର ସହିତ ପୂରଣ କରିଛି। ଟ୍ରେଣ୍ଡ-କେନ୍ଦ୍ରିତ ଉତ୍ପାଦ ଏବଂ ଏକ ନିରବଚ୍ଛିନ୍ନ ଓମନି-ଚ୍ୟାନେଲ ଅଭିଜ୍ଞତାକୁ ପ୍ରାଥମିକତା ଦେଇ, ଆମେ ଲଗାତାର ଭାବରେ ଦୃଢ଼ ଗ୍ରାହକ ସମ୍ପୃକ୍ତି ଏବଂ ଗ୍ରାହକ ବିଶ୍ୱାସ ବଢ଼ାଇବାରେ ସଫଳତା ହାସଲ କରୁଛୁ। ପରିବର୍ତ୍ତନଶୀଳ ଗ୍ରାହକ ଧାରା ସତ୍ତ୍ୱେ, ଆମେ ନବସୃଜନ ଏବଂ ଉତ୍କର୍ଷତା ମାଧ୍ୟମରେ ଭାରତୀୟ ରିଟେଲ କ୍ଷେତ୍ରକୁ ନୂତନ ଭାବରେ ପରିଭାଷିତ କରିବାର ଆମର ଦୃଷ୍ଟିକୋଣ ପ୍ରତି ଦୃଢ଼ ପ୍ରତିବଦ୍ଧତାର ସହିତ ଆଗେଇ ଚାଲିଛୁ।" ଶୁକ୍ରବାର ସନ୍ଧ୍ୟାରେ ଘୋଷଣା କରାଯାଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଅନୁଯାୟୀ କମ୍ପାନୀର ଡିଜିଟାଲ ବ୍ୟବସାୟ ଜିଓ ପ୍ଲାଟଫର୍ମସ ଲିମିଟେଡ଼ର ନେଟ ଲାଭ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୧.୩ ପ୍ରତିଶତ ବୃଦ୍ଧି ପାଇ ୭୬୨୯ କୋଟି ଟଙ୍କା ହୋଇଛି। ସେହିଭଳି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ରାଜସ୍ୱ ଗତ ବର୍ଷ ସମାନ ଅବଧି ତୁଳନାରେ ୧୦ ପ୍ରତିଶତ ବୃଦ୍ଧି ପାଇ ୨୯୩,୮୨୯ କୋଟି ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୬ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ଭାରତର ୩୦% ଟାରିଫରେ ଆମେରିକୀୟ ଚାଷୀ ହତାସ



ୱାସିଂଟନ ୧୮।୧: ଡାଲି ଉପରେ ଭାରତର ଟାରିଫ ବୃଦ୍ଧି ଆମେରିକୀୟ ଚାଷୀଙ୍କୁ ଏବେ ଚିନ୍ତାରେ ପକାଇଛି। ଭାରତ ଓ ଆମେରିକା ମଧ୍ୟରେ ଜାରି ବ୍ୟାପାର ଆଲୋଚନା (ଟ୍ରେଡ ଡିଲ) ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ଆମେରିକାର ଦୁଇ ସିନେଟର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ପତ୍ର ଲେଖିଛନ୍ତି ଓ ଭାରତ ସହିତ ହେଉଥିବା ଟ୍ରେଡ ଟକସ୍ ରେ ପଲସ କ୍ରପ ପ୍ରସଙ୍ଗ ରଖିବାକୁ ନିବେଦନ କରିଛନ୍ତି। ସିନେଟରଙ୍କ କହିବା କଥା ହେଉଛି ଭାରତର ଏବେକା ଟାରିଫ ଯୋଗୁ ଆମେରିକୀୟ ଉତ୍ପାଦକଙ୍କୁ ଗ୍ଲୋବାଲ ମାର୍କେଟ କମ୍ପିଟେସନ କରିବା ଅସମ୍ଭବ ହୋଇପଡୁଛି। ଏଥିରେ ଭାରତ ବିଶ୍ୱର ସବୁଠୁ ବଡ଼ ପଲସ କଞ୍ଜ୍ୟୁମର।

ଗଣମାଧ୍ୟମ ରିପୋର୍ଟ ଅନୁସାରେ ମୋଣ୍ଟାନାର ରିପବ୍ଲିକାନ ସିନେଟର ଷ୍ଟିଭ ଡେନ୍ସ ଓ ନର୍ଥ ଡାକୋଟା ସିନେଟର କ୍ୟାଭିନ କ୍ରେମର ଜାନୁୟାରୀ ୧୬ ତାରିଖରେ ରାଷ୍ଟ୍ରପତିଙ୍କୁ ଏହି ପତ୍ର ଲେଖିଛନ୍ତି। ଏଥିରେ ସେମାନେ କହିଛନ୍ତି ଯେ ସେମାନଙ୍କ ରାଜ୍ୟ ଖାସ କରି ପିଜ୍ (ମଟର) ର ଟପ ପ୍ରଡ୍ୟୁସର। ଏଥିରେ ଭାରତ ବୈଶ୍ୱିକ ପଲସ କ୍ରପର ଏକାକୀ ୨୭ ପ୍ରତିଶତ କଞ୍ଜ୍ୟୁମ କରୁଛି। ଏହା ସତ୍ତ୍ୱେ ଭାରତ ଆମେରିକୀୟ ଡାଲି ଆମଦାନୀ ଉପରେ ଉଚ୍ଚ ଟାରିଫ ଲାଗୁ କରିଛି। ସିନେଟର କହିଛନ୍ତି ଯେ ମସୁର ଡାଲି (ଲେଣ୍ଟିଲସ୍), ଚିକ୍ ପିଜ୍ (ଚଣା), ଡ୍ରାଇଡ ବିନ୍ସ ଓ ପିଜ୍ (ମଟର) ଭାରତରେ ଉପଯୋଗରେ ଆସୁଥିବା ଡାଲି ମଧ୍ୟରେ ରହୁଛି। ହେଲେ ଭାରତ ଏହି ସବୁ ଡାଲି ପାଇଁ ଆମେରିକୀୟ ରପ୍ତାନୀକାରୀଙ୍କ ଉପରେ ସବଷ୍ଟାନ୍ସିଆଲ ଟ୍ୟାକ୍ସ ଲଗେଇଛି। ସିନେଟରମାନେ ଖାସ କରି ୟେଲୋ ପିଜ୍ କଥା ଉଲ୍ଲେଖ କରି ଲେଖିଛନ୍ତି ଯେ ଭାରତ ୩୦ ଅକ୍ଟୋବର ୨୦୨୫ରେ ଏହା ଉପରେ ୩୦% ଟାରିଫ ଘୋଷଣା କରିଥିଲା, ଯାହା ଦେଶରେ ୧ ନଭେମ୍ବରରୁ ଲାଗୁ ହୋଇଯାଇଛି। ଏଣୁ ଆମେରିକୀୟ ପଲସ୍ କ୍ରପ ଉତ୍ପାଦକଙ୍କୁ ଭାରତରେ ସେମାନଙ୍କ ଉଚ୍ଚମାନର ଉତ୍ପାଦ ରପ୍ତାନୀ କରିବା କଷ୍ଟର ହୋଇପଡିଛି।

ସିନେଟର ଡେନ୍ସ ଓ କ୍ରେମର ପତ୍ରରେ ଲେଖିଛନ୍ତି ଯେ ଯଦି ଏହି ପ୍ରସଙ୍ଗରେ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରି ଟାରିଫ ହ୍ରାସ କରାଯାଏ ତେବେ ଏହା ଉଭୟପକ୍ଷଙ୍କ ଲାଗି ଲାଭଦାୟକ ହେବ। ଏହା ଦ୍ୱାରା ଆମେରିକୀୟ ଚାଷୀଙ୍କୁ ଏକ ଭଲ ବଜାର ମିଳିବା ସହ ଭାରତୀୟ ଉପଭୋକ୍ତାଙ୍କୁ ସ୍ଥିର ଯୋଗାଣ ମିଳି ପାରିବ। ସିନେଟର ଦ୍ୱୟ ଟ୍ରମ୍ପଙ୍କୁ ତାଙ୍କ ପ୍ରଥମ କାର୍ଯ୍ୟକାଳ କଥା ମଧ୍ୟ ମନେ ପକାଇ ଦେଇଛନ୍ତି। ସେମାନେ ଲେଖିଛନ୍ତି ୨୦୨୦ମସିହାରେ ମଧ୍ୟ ସେମାନେ ଭାରତ ସହିତ ଟ୍ରେଡ ନେଗୋସିଏସନ ପୂର୍ବରୁ ଏହି ପ୍ରସଙ୍ଗ ଉଠାଇଥିଲେ। ସେତେବେଳେ ଟ୍ରମ୍ପ ସେମାନଙ୍କ ପତ୍ରକୁ ନିଜେ ହାତାହାତି ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିଲେ। ଫଳରେ ଆମେରିକୀୟ ଚାଷୀଙ୍କୁ ନେଗୋସିଏସନ ଟେବୁଲକୁ ପହଞ୍ଚିବାର ସୁଯୋଗ ମିଳିଥିଲା। ପତ୍ରରେ କୁହାଯାଇଛି ଯେ ବିଶ୍ୱକୁ ଖାଦ୍ୟ ଓ ଇନ୍ଧନ ଯୋଗାଇ ଦେବାକୁ ଆମେରିକୀୟ ଚାଷୀଙ୍କ ପୂର୍ଣ୍ଣ କ୍ଷମତା ରହିଛି। ତେବେ ଏଥି ପାଇଁ ଥିବା ଟ୍ରେଡ ଅପର୍ଚ୍ୟୁନିଟିକୁ ଶରଳ କରାଯାଉ। ଏହା ପୂର୍ବରୁ ୨୦୧୯ରେ ଭାରତକୁ ଜେନେରାଲାଇଜଡ ସିଷ୍ଟମ ଅଫ ପ୍ରେଫରେନସେସ୍ (ଜିଏସପି)ରୁ ବାହାର କରାଯାଇଥିଲା। ଏଣୁ ଆମେରିକୀୟ ରପ୍ତାନୀକାରୀଙ୍କ ଉପରେ ଅତିରିକ୍ତ ଡ୍ୟୁଟି ଲାଗି ଯାଇଥିଲା। ଫଳରେ ଯୁକ୍ତରାଷ୍ଟ୍ର ପଲସ ସେକ୍ଟରର ବ୍ୟାପକ କ୍ଷତି ହୋଇଥିଲା।

# ଭାରତରୁ ମୁହଁ ଫେରାଉଛନ୍ତି ବିଦେଶୀ ନିବେଶକ




ମୁମ୍ବାଇ, ୧୮।୧: ଚଳିତ ୨୦୨୬ ମସିହାର ପ୍ରଥମ ୧୬ ଦିନରେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ୨୨,୫୩୦ କୋଟି ଟଙ୍କା (୨.୫ ବିଲିଅନ ଡଲାର) ଉଠାଇ ନେଲେଣି। ୨୦୨୫ ମସିହାରୁ ବିଦେଶୀ ନିବେଶକମାନେ ଭାରତରୁ ମୁହଁ ଫେରାଇଛନ୍ତି। ୨୦୨୫ ମସିହାରେ ସେମାନେ ଭାରତୀୟ ପୁଞ୍ଜି ବଜାରରୁ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା ( ୧୮.୯ ବିଲିଅନ ଡଲାର) ପ୍ରତ୍ୟାହାର କରି ନେଇଥିଲେ। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଅସ୍ଥିରତା, ଡଲାରରେ ନିବେଶରୁ ଭଲ ଲାଭ ମିଳିବା ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ପ୍ରଭାବ ବିଦେଶୀ ନିବେଶକଙ୍କ ଉପରେ ପଡ଼ିଛି। ସେମାନେ ଭାରତରୁ ପୁଞ୍ଜି ଉଠାଇ ନେଉଛନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ବଜାରରେ ଅନୁକୂଳ ପରିସ୍ଥିତି ସୃଷ୍ଟି ନହେବା ପର୍ଯ୍ୟନ୍ତ ଏଭଳି ଧାରା ଜାରି ରହିବ ବୋଲି ସେମାନେ କହିଛନ୍ତି।

# ଭି-ଗାର୍ଡ ଇଣ୍ଡକ୍ସନ କୁକ୍‌ଟପ୍‌କୁ ୫ ତାରକା ମାନ୍ୟତା

ଭୁବନେଶ୍ୱର, ୧୮।୧: ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଇଣ୍ଡକ୍ସନ କୁକ୍‌ଟପ୍ ମଡେଲ୍ ଭିଆଇସିଓ୬ଭି୧କୁ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ପକ୍ଷରୁ ଭାରତର ପ୍ରଥମ ୫ ତାରକା ଶକ୍ତି ସଞ୍ଚୟକାରୀ ଇଣ୍ଡକ୍ସନ କୁକ୍‌ଟପ୍ ମଡେଲ୍ ମାନ୍ୟତା ମିଳିଛି। ପେରୁନ୍ଦୁରାଇ ସ୍ଥିତ ଅତ୍ୟାଧୁନିକ କାରଖାନାରେ ଉକ୍ତ ଇଣ୍ଡକ୍ସନ କୁପ୍‌ଟପ୍‌ର ଡିଜାଇନ ଓ ନିର୍ମାଣ ହୋଇଛି। ଗ୍ରାହକ ସନ୍ତୁଷ୍ଟି ନିମନ୍ତେ ଏହି ଉତ୍ପାଦ ସହିତ ୧ ବର୍ଷର ପ୍ରଡକ୍ଟ ଗ୍ୟାରେଣ୍ଟି ଏବଂ ଇଣ୍ଡକ୍ସନ କଏଲ୍ ଉପରେ ୩ ବର୍ଷର ୱାରେଣ୍ଟି ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ମିଥୁନ ଚିତ୍ତିଲାପିଲ୍ଲୀ କୁହନ୍ତି, ଏହି ଐତିହାସିକ ସ୍ୱୀକୃତି ଭି-ଗାର୍ଡର ଶକ୍ତି ସଞ୍ଚୟକାରୀ, ନବସୃଜନ, ନିଜସ୍ୱ ଉତ୍ପାଦନ ଶୈଳୀ ଓ ଗୁଣବତ୍ତା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଏହି ସଫଳତା ଶିଳ୍ପ ଜଗତରେ ନୂଆ ମାନଦଣ୍ଡ ସ୍ଥାପନ କରିବା ସହିତ ଶକ୍ତି ସଞ୍ଚୟକାରୀ ଗୃହ ଉପକରଣ କ୍ଷେତ୍ରରେ ଭି-ଗାର୍ଡର ନେତୃତ୍ୱକୁ ଆହୁରି ମଜଭୁତ କରୁଛି। ଏହି କୁକ୍‌ଟପ୍‌ରେ ୮ଟି ପ୍ରିସେଟ୍ କୁକିଂ ମୋଡ୍ ରହିଛି। ସେହିଭଳି ସଫ୍ଟ-ଟପ୍ ସ୍ୱିଚ୍ କଣ୍ଟ୍ରୋଲ, ପଢ଼ିବା ପାଇଁ ସହଜ ଡିଜିଟାଲ୍ ଡିସ୍‌ପ୍ଲେ ଆଦି ସୁବିଧା ଏଥିରେ ରହିଛି।



## ମଉଳା ଭଣଜା ଓ କୁଣ୍ଡେଶ୍ୱର ଶୈବପୀଠରେ ତ୍ରିବେଣୀ ଯାତ୍ରା



**ନାଉଗାଁ,୧୮।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଶୈବ ପୀଠ ଓ କୁଣ୍ଡେଶ୍ୱରର ତ୍ରିଲୋଚନେଶ୍ୱର ଶୈବପୀଠରେ ତ୍ରିବେଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଣ୍ଡେଶ୍ୱରସ୍ଥିତ ଅଳକା ନଦୀ ପଠାରେ ପଞ୍ଚୁ ଦୋଳ ମେଳଣ ହେବା ସହ ଅଳକା ନଦୀରେ ଠାକୁରମାନେ ସ୍ନାନ କରିଥିଲେ। ଠାକୁରମାନଙ୍କର ସ୍ନାନ ସରିବା ପରେ ବହୁ ଶ୍ରଦ୍ଧାଳୁ ଉକ୍ତ ନଦୀରେ ବୁଡ ପକାଇଥିଲେ। ସେହିପରି ମଉଳା ଭଣଜା ଶୈବପୀଠରେ କୋରୁଅ, ଡେରିକି, ଗଙ୍ଗଦା, ଉର ଗ୍ରାମରୁ ଚାରି ଦୋଳ ବିମାନକୁ ଗଙ୍ଗଦାହାଟରୁ ଶୋଭାଯାତ୍ରାରେ ନିଆଯାଇଥିଲା। ଯଥାରୀତି ପୂର୍ବକ ପୂଜାବିଧି କରାଯିବା ସହ ୪ ଦୋଳଙ୍କୁ ମେଳଣ କରାଯାଇଥିଲା। ଏହି ତ୍ରିବେଣୀ ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

## ସକାଳୁ ଶୁଭୁନି କାଉର କା... କା...

### ଅସନ୍ତୁଳିତ ପରିବେଶ କାଉ ବଂଶ ବୁଡ଼ାଉଛି



**କାକଟପୁର/ଅସ୍ତରଙ୍ଗ,୧୮।୧ (ସଂଚାର ବ୍ୟୁରୋ):** ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ। ଦିନେ ଏହି ଗୀତ ଶୁଣାଇ ମା', ଜେଜେ ମା' ପରିବାରର କୁନି କୁନି ପିଲାଙ୍କୁ ନିଦରୁ ଉଠାଉଥିଲେ। କାଉର କା... କା... ରାବରେ ସକାଳ ଆରମ୍ଭ ହେଉଥିଲା। ଧୀରେ ଧୀରେ କାଉର ଏହି ରାବ ପରିବେଶରୁ ହଜିଯିବାକୁ ବସିଛି। କାଁ ଭାଁ କାଉ ଦେଖିବାକୁ ମିଳୁଥିବା ବେଳେ ଆଗାମୀ ଦିନରେ କାଉ କେବଳ ଚିଡ଼ିଆଖାନାରେ ଦେଖିବାକୁ ମିଳିବେ ବୋଲି ପରିବେଶବିତିମାନେ ଆଶଙ୍କା ପ୍ରକାଶ କଲେଣି।

ଭାରତର ପରିବେଶ ଓ ପରମ୍ପରା ସହ କାଉ ଯୋଡି ହୋଇ ରହିଛି। ପକ୍ଷୀମାନଙ୍କ ମଧ୍ୟରେ କାଉକୁ ଅତ୍ୟନ୍ତ ଚତୁର ପକ୍ଷୀ ବୋଲି ବିବେଚନା କରାଯାଏ। ଦକ୍ଷିଣ ମେରୁ, ଉତ୍ତର ମେରୁ, ଦକ୍ଷିଣ ଆମେରିକାର ଦକ୍ଷିଣ ଅଂଶ ଏବଂ ପ୍ରଶାନ୍ତ ମହାସାଗରର କେତେକ ଦ୍ୱୀପକୁ ଛାଡି ଦେଲେ କାଉ ପ୍ରାୟ ଆଉ ସବୁଠି ଦେଖିବାକୁ ମିଳନ୍ତି। ପୃଥିବୀରେ ପ୍ରାୟ ୪୦ ପ୍ରଜାତିର କାଉ ଥିବା ବେଳେ ଭାରତରେ ସାଧାରଣତଃ ଦୁଇଟି ପ୍ରଜାତିର କାଉ ଦେଖିବାକୁ ମିଳନ୍ତି। ଏହି ଦୁଇଟି ହେଲେ ଡାମରା କାଉ ଓ ପାତି କାଉ। ଡାମରା କାଉ ଅତି ଚିକ୍କଣ କଳା ହୋଇଥିବା ବେଳେ ଏହାର ରାବ ଅତ୍ୟନ୍ତ କର୍କଶ। ପାତି କାଉ ବେକ ଟିକେ ପାଉଁଶିଆ। କାଉ ଏକ ସର୍ବଭକ୍ଷୀ ପକ୍ଷୀ। ସେ ଅଳିଆ, ଆବର୍ଜନା ମଧ ଭକ୍ଷଣ କରିଥାଏ। ଯେଉଁଥି ପାଇଁ ପରିବେଶ ସଫା ସୁତୁରା ରଖିବାରେ କାଉର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଗଛରେ ଶହ ଶହ ସଂଖ୍ୟାର କାଉ ମାନେ ବସା ବାନ୍ଧି ରହିଥାନ୍ତି। ସକାଳୁ ସକାଳୁ ଏମାନେ ଖାଦ୍ୟ ଅନ୍ୱେଷଣରେ ଦଳ ଦଳ ହୋଇ ବାହାରି ଯାଆନ୍ତି। ସନ୍ଧ୍ୟା ବେଳକୁ ଦଳ ଦଳ ହୋଇ ବସାକୁ ଫେରି ଆସନ୍ତି। ଖାଦ୍ୟ ପାଇଁ ଏମାନେ ପ୍ରାୟ ୩୦ମାଇଲି ରାସ୍ତା ଅତିକ୍ରମ କରିଥାନ୍ତି। ଖାଲି ଏତିକି ନୁହେଁ, କାଉ କୋଇଲି ଅଣ୍ଡାକୁ ଉଷୁମଇବା, ଅଣ୍ଡାରୁ ଛୁଆ ଫୁଟିବା ଓ ଛୁଆ ବଡ଼ ହେବା ଯାଏ ଦାୟିତ୍ୱ ନିର୍ବାହ କରିଥାନ୍ତି।

ବର୍ତ୍ତମାନ ଆମ ପରିବେଶ ପରିବର୍ତ୍ତନ ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ କାଉଙ୍କ ବଂଶ ଲୋପ ପାଉଛି। ବର୍ତ୍ତମାନ କାଉର ଖାଦ୍ୟ ଓ ବାସସ୍ଥାନ କମିବା ସହ ପ୍ରଦୂଷିତ ପରିବେଶ ଯୋଗୁଁ ସେମାନେ ବିଭିନ୍ନ ଦୂରାରୋଗରେ ଆକ୍ରାନ୍ତ ହୋଇ ଲୋପ ପାଇବାକୁ ବସିଛନ୍ତି। ଆଗରୁ ଯେଉଁ ପରିବେଶ ଥିଲା ବର୍ତ୍ତମାନ ତାହା ନାହିଁ। ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗିଛି। ପ୍ରଦୂଷଣ କମାଇବା ପାଇଁ ଏବଂ ଅଧିକରୁ ଅଧିକ ବୃକ୍ଷ ରୋପଣ କଲେ ଆମେ ଲୋପ ପାଇଯାଉଥିବା ବଂଶକୁ ରକ୍ଷା କରିପାରିବା। ଏଥିସହ ସଚେତନତାର ଆବଶ୍ୟକତା ରହିଛି ବୋଲି ବନ କର୍ମଚାରୀ ସୂଚନା ଦେଇଛନ୍ତି।

## ପବିତ୍ର ଶବରଙ୍କୁ କଳାହାଣ୍ଡି ବରପୁତ୍ର ସମ୍ମାନ



**ନର୍ଲା,୧୮।୧ (ସଂଚାର ବ୍ୟୁରୋ):** ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଆୟୋଜିତ ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରାର ଚତୁର୍ଥ ସାନ୍ଧ୍ୟ ଅଧିବେଶନରେ ବୈଦ୍ୟରାଜ ପବିତ୍ର ଶବରଙ୍କୁ ମର୍ଯ୍ୟାଦାଜନକ 'କଳାହାଣ୍ଡି ବରପୁତ୍ର ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଛି। ନର୍ଲା ବ୍ଲକ ଟୋଲବ୍ରାହ୍ମଣୀ ଗ୍ରାମର ଶ୍ରୀ ଶବର ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ପାରମ୍ପରିକ ଚେରିମୂଳି ଔଷଧ ମାଧ୍ୟମରେ କର୍କଟ, ବୃକକ, ଯକୃତ, ଗଣ୍ଠିବାତ, ରକ୍ତ ବିକାର ଆଦି ଅନେକ ଦୁଃସାଧ ରୋଗ ସମସ୍ୟାର ସମାଧାନ କରି ହଜାର ହଜାର ରୋଗୀଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଥିବା ରୋଗୀଙ୍କ ରୋଗ ଉପସମ କରି ସେ ଜନପ୍ରିୟ କବିରାଜ ଭାବେ ସୁଖ୍ୟାତି ଲାଭ କରିଛନ୍ତି। ଭାରତୀୟ ଆୟୁର୍ବିଜ୍ଞାନ ପରମ୍ପରାର ଜଣେ ସୁଯୋଗ୍ୟ ଉତ୍ତର ଦାୟାଦ ଶ୍ରୀ ଶବରଙ୍କ ନିଃସ୍ୱାର୍ଥପର ଜନସେବା ପାଇଁ କଳାହାଣ୍ଡି ବରପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାପଡିଛି। କଳାହାଣ୍ଡି ଉତ୍ସବ ଅବସରରେ ରେଣ୍ଡୋ ମାଝୀ ମଞ୍ଚରେ ଶ୍ରୀ ଶବରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ କଳାହାଣ୍ଡି ଜିଲ୍ଲାପାଳଙ୍କ ସମେତ ଅତିଥିବୃନ୍ଦ।

## ଜମିରେ ନିଆଁ ଲଗାଇବାରୁ ଉର୍ବରତା କମୁଛି

### ◆ କୃଷି ବିଭାଗ ନାରବଦ୍ରଷ୍ଟା ◆ ଚାଷୀଙ୍କୁ ସଚେତନତା କରାଯାଉନି



**କଳାହାଣ୍ଡି,୧୮।୧ (ସଂଚାର ବ୍ୟୁରୋ):** ଜିଲ୍ଲାରେ ଧାନ ଚାଷ ସରି ଫସଲ ଅମଳ ହେବା ପରେ ଜମିରେ ନିଆଁ ଲଗାଇବା ପ୍ରକ୍ରିୟା ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ବେଳେ ଜମିର ଉର୍ବରତା ହ୍ରାସ ପାଉଛି।କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅଧୀନରେ ଥିବା ମୋଟ ୨୪ ଟି ପଞ୍ଚାୟତ ଅଧୀନସ୍ଥ ଅଞ୍ଚଳରେ ଥିବା ଅଧିକାଂଶ ଜମିରେ ନିଆଁ ଲଗାଯାଉଥିବା ଦେଖିବାକୁ ମିଳୁଛି।ଅଞ୍ଚଳ ରେ ଥିବା ବହୁ ହେକ୍ଟର ଚାଷ ଜମିରେ ନିଆଁ ଲାଗିଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଲୋକ ନିଜ ନିଜ ଜମିରେ ନିଆଁ ଲଗାଇ ଉକ୍ତ ଜମିରେ ଥିବା ଘାସ ଓ ଅନାବନା ଗଛ ଗୁଡିକୁ ପୋଡି ଜମିକୁ ସଫା କରିଦେଉଛନ୍ତି। ଯାହା ଦ୍ୱାରା ଧୂଆଁ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତହେବା ସହ ପରିବେଶ

ଦୂଷିତ ହେଉଛି । କିଛି ମାଲିକ ନିଜ ଜମିରେ ନିଆଁ ଲଗାଇ ଛାଡି ଦେଉଥିବାରୁ ନିଆଁ ଚାରିଆଡେ ବ୍ୟାପିଯାଉଛି । ଉକ୍ତ ଜମି ଗୁଡିକର ଆଖ ପାଖରେ ଥିବା ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଆଖ ପାଖ ଗାଁ ମାନଙ୍କରେ ତାପମାତ୍ରା ବୃଦ୍ଧି ପାଉଛି। ମୁଖ୍ୟତଃ ଚାଷ ଜମିରେ ନିଆଁ ନ ଲଗାଇବା ପାଇଁ କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଦୌ ଚାଷୀଙ୍କୁ ସଚେତନ କରାଯାଉନାହିଁ। ଫଳରେ ପ୍ରତିବର୍ଷ ଜମିରେ ନିଆଁ ଲଗାଇବା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । କୃଷି ବିଭାଗର କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନେତାଜୀ ଉଚ୍ଚ ବିଦ୍ୟାଳୟ ତରଫରୁ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା

**ବରଗଡ଼,୧୮।୧ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ନେତାଜୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଦ୍ୱାରା ସେମେଲମୁଣ୍ଡା ଗ୍ରାମରେ ପ୍ଲାଷ୍ଟିକ ବର୍ଜନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧାପକ ଡ.ଶ୍ରୀବସ୍ତ ବଢେଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା, ବନପାଳ ଝରଣା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ ବଢେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅତିଥିମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ବାରିକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିଥି ମାନେ ପ୍ଲାଷ୍ଟିକ ବ୍ୟବହାର ଯୋଗୁଁ ମାଟି, ଜଳ ଓ ପରିବେଶ ଦୂଷିତ ହେଉଛି ଏବଂ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ସେହିପରି ସମସ୍ତେ କପଡ଼ା ବ୍ୟାଗ, କାଗଜ ଥଳି ଓ ପରିବେଶ-ବନ୍ଧୁ ସାମଗ୍ରୀ ବ୍ୟବହାର କରିବାକୁ ଆହ୍ୱାନ ଜଣାଇଥିଲେ। ସଭାକାର୍ଯ୍ୟ ପରେ ଶିକ୍ଷକ ନବୀନ ଚନ୍ଦ୍ର ବରିହାଙ୍କ ରଚିତ ଏବଂ ବିଜୟ ଦେବତାଙ୍କ ନିର୍ଦ୍ଦେଶନାରେ 'ଜରି' ନାମକ ଏକ ସୁନ୍ଦର ସମ୍ବଲପୁରୀ ପଥପ୍ରାନ୍ତକ ନାଟକ ଛାତ୍ରଛାତ୍ରୀମାନେ ପରିବେଷଣ କରି ଜନସାଧାରଣଙ୍କୁ ସଚେତନ କରିଥିଲେ ।

## ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ସାମୂହିକ ବ୍ରତୋପନୟନ




**ସୁବର୍ଣ୍ଣପୁର,୧୮।୧(ସଂଚାର ବ୍ୟୁରୋ):** ଚନ୍ଦ୍ରିକା ସେବା ଟ୍ରଷ୍ଟ ସୁବର୍ଣ୍ଣପୁର ପକ୍ଷରୁ ଶ୍ରୀ ରାମେଶ୍ୱର ଶୈବ ପୀଠ ଠାରେ ସାମୁହିକ ଶୁଭ ବ୍ରତୋ ପନୟନ କାର୍ଯ୍ୱକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି। ଗତକାଲି ଠାରୁ ନବବ୍ରହ୍ମଚାରୀଙ୍କ ଚାରିକର୍ମ ସହ ଅଷ୍ଟ ପ୍ରହରୀ ନାମ ଯଜ୍ଞ ପାଇଁ ଅଧିବାସ ହୋଇଥିବା ବେଳେ ଆଜି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ୨୯ ଗୋଟି ଗରିବ ବ୍ରାହ୍ମଣ ବାଳକକୁ ନେଇ ସାମୁହିକ ବ୍ରତୋପନୋୟନ ଓ ସାବିତ୍ରୀ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ କି ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ବ୍ରହ୍ମଚାରୀଙ୍କ ସହିତ ଶହ ଶହ ସମ୍ପର୍କୀୟ ଲୋକେ ଓ ଏ ଅଞ୍ଚଳ ଯର ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଯୋଗ ଯଦେଇ ବାଲବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଓଡ଼ିଶା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଶୁଭନନ୍ଦ ମହାପାତ୍ର ,ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ, ଏ ଡି ଏମ୍ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ ,ସୋନପୁର ବି ଡି ଓ ପ୍ରତୀକ କୁମାର କର ଯୋଗ ଦେଇ ବ୍ରତୋପନୟନ କାର୍ଯ୍ୟର ସମସ୍ତ ପଣ୍ଡିତ ମାନଙ୍କୁ ସମ୍ବର୍ଦ୍ଧିତ କରି ସମସ୍ତ ବ୍ରହ୍ମଚାରିଙ୍କୁ ଶୁଭେଛା ଜଣାଇ ଆୟୋଜକ କମିଟି ଓ ବ୍ରହ୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମସ୍ତ ନବ ବ୍ରହ୍ମଚାରୀଙ୍କୁ ବିଧିବିଧାନ ସହ ସମସ୍ତଙ୍କର ବ୍ରତୋପନୟନ କରାଯାଇଥିଲା। ଆଜିର ଏହି ଦିବ୍ୟ କାମରେ ଚନ୍ଦ୍ରିକା ସେବା ଟ୍ରଷ୍ଟର କର୍ମକର୍ତ୍ତା, ବ୍ଲକ ଛକ ଦୁର୍ଗା ପୂଜା କମିଟି କର୍ମକର୍ତ୍ତା, ଦେବୋତ୍ତର କମିଟିର ବୈକୁଣ୍ଠ ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ମାରୱାଡ଼ି ଯୁବା ମଞ୍ଚ, ସ୍ୱଚ୍ଛ ଭାରତ ସଙ୍ଗଠନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଆଜିର ଏଇ ମହତ୍ କାର୍ଯ୍ୟ, ଯଜ୍ଞ ଦର୍ଶନ ଓ ୨୯ ଗୋଟି ବାଲବ୍ରହ୍ମଚାରୀଙ୍କୁ ଏକା ସାଙ୍ଗରେ ଏ ମନୋରମ ଦୃଶ୍ୟକୁ ଦେଖି ଲୋକେ ଖୁବ୍ ଭାଗ୍ୟବାନ ମନେ କରିଛନ୍ତି ।

## ଯାଜପୁର ରୋଡରେ ଖୋଲିଲା ଚିକିତ୍ସାଳୟ ହେଲ୍ଥ ସେଣ୍ଟର



**ଯାଜପୁର ରୋଡ଼,୧୮।୧(ସଂଚାର ବ୍ୟୁରୋ):** ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଯାଜପୁର ରୋଡରେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ଶୁଭ ଉଦଘାଟନରେ ଖୋଲିଲା "ଦ ଚିକିତ୍ସାଳୟ କ୍ଲିନିକ"। ଯାଜପୁର ରୋଡ ବ୍ୟାଙ୍କ ଷ୍ଟ୍ରିଟ ସ୍ଥିତ ଚାଚା ମୋବାଇଲ ପଂଏଟ ନିକଟରେ ଏହି ହେଲଥ କେୟାର ସେଣ୍ଟରଟି ଖୋଲାଯାଇଥିବା ବେଳେ ଏହି କେନ୍ଦ୍ରରେ ମେଡ଼ିସିନ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ପେଡ଼ିୟାଟ୍ରିକ, ନିୟୁରୋ ସର୍ଜରୀ, କାର୍ଡଓଲୋଜି, ନେଫରୋଲୋଜୀ, ଗ୍ୟାଷ୍ଟ୍ରୋ ଲୋଜି, ଇଉରୋଲୋଜି ବିଭାଗର ଅଭିଜ୍ଞ ଡାକ୍ତରଙ୍କୁ ନେଇ ଚିକିତ୍ସା ଯୋଗାଇଦେବା ସହିତ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷଣ କରାଯିବା ନେଇ ହେଲଥକେୟାରର ମୁଖ୍ୟ ଡ଼ଃ ହୃଷୀକେଶ ପ୍ରତୀକ ଗୌତମ ସୂଚନା ଦେଇଥିଲେ। ଏଭଳି ଏକ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିବାରୁ ସହର ବାସି ଉର୍ତମ ସ୍ୱାସ୍ଥ୍ୟ ସେବା ପାଇବେ ବୋଲି ଆଶା ରଖିବା ସହିତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବିଧାୟକ ଶ୍ରୀ ଦାସନାୟକ ଧନ୍ୟବାଦ ଦେଇଥିଲେ।

## ବନ୍ଦେ ମାତରମ୍ 'ଦେବ ନୂଆ ସଂଜ୍ଞା'

### ● ପରିବେଶ ସୁରକ୍ଷା ପାଇଁ କୃତୀ ପ୍ରତିଭାଙ୍କୁ ଚାରା ବଣ୍ଟନ



**କାକଟପୁର/ଅସ୍ତରଙ୍ଗ,୧୮।୧ (ସଂଚାର ବ୍ୟୁରୋ):** ସ୍ୱାଧୀନତା ଆନ୍ଦୋଳନ ସମୟରେ ବନ୍ଦେ ମାତରମ୍ ଭାରତର ସଂଗ୍ରାମୀ ଗୀତ ପାଲଟିଥିଲା। ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଏହା ବିପ୍ଳବର ବହ୍ନି ଜାଳିଥିଲା। ଜାତି, ଧର୍ମ ଏବଂ ଭାଷା ନିର୍ବିଶେଷରେ ଏହା ସବୁ ଭାରତୀୟଙ୍କୁ ଏକତ୍ରିତ କରିଥିଲା। ଏହା କେବଳ ବିଦ୍ରୋହ ପାଇଁ ପ୍ରେରଣା ଦେଇନଥିଲା, ବରଂ ସାଂସ୍କୃତିକ ଗୌରବ ଏବଂ ଆଧାତ୍ମିକତା ଉତ୍ସାହକୁ ଜାଗ୍ରତ କରିବା ସହିତ ଭାରତର ସ୍ୱାଧୀନତା ପାଇଁ ମୂଳଦୁଆକୁ ମଜବୁତ କରିଥିଲା ବୋଲି ଅତିଥି ମତବ୍ୟକ୍ତ କରିଥିଲେ।

ରାଷ୍ଟ୍ରଗୀତ "ବନ୍ଦେ ମାତରମ୍ର ୧୫୦ତମ ବାର୍ଷିକ ଅବସରରେ ଶନିବାର ପୂର୍ବାହ୍ନ ସମୟରେ କୋଣାର୍କ ଏନଏସି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ମୁଖ୍ୟ ବକ୍ତା ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ସମ୍ମାନିତ ଅତିଥି କାଉନସିଲର, ତାଲିମ୍ଦାତା ବନଜା ମହାନ୍ତି, ଭାଗିରଥି ପାଇକିରାୟ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ନିଜ ବକ୍ତବ୍ୟରେ ବନ୍ଦେ ମାତରମ' କେବଳ ଗୀତ ନୁହେଁ ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଏବଂ ବିରତ୍ୱର ପ୍ରତୀକ। ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଆଣିଦେଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ଜେନା କହିଥିଲେ ବନ୍ଦେ ମାତରମ ହୃଦୟରେ ଦେଶପ୍ରେମର ଅଗ୍ନିକୁ ପୁନଃ ଜାଗୃତ କରେ। ଯୁବପୀଢ଼ିଙ୍କ ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହା ବର୍ଷବ୍ୟାପୀ ପାଳନ ଗୁରୁତ୍ୱପୂର୍ଣ୍ଣ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବିଦ୍ୟାଳୟ ର ଛାତ୍ର, ଛାତ୍ରୀଙ୍କୁ ମାନପତ୍ର ସହ ପରିବେଶ ସୁରକ୍ଷା ପାଇଁ ଚାରା ବଣ୍ଟନ କରାଯାଇଥିଲା।

## କଂଗ୍ରେସ ପକ୍ଷରୁ ଧାନ ଉଠିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର,୧୮।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ଉଠିବା ବିଳମ୍ବ ଓ ବିଭିନ୍ନ ସମସ୍ୟାକୁ ନେଇ ଆଜି ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ଦିନ ହେବ ଜିଲ୍ଲାର ମଣ୍ଡି ମାନଙ୍କ ରେ ଚାଷୀଙ୍କ ଧାନ ଉଠି ନ ପାରିବାରୁ ଲୋକେ ପ୍ରବଳ ଥଣ୍ଡା କାକରରେ ଦିନ ରାତି ମଣ୍ଡିରେ ଜଗି ରହି ନାନା କଷ୍ଟ ପାଉଥିବା ଦେଖିବାକୁ ମିଳୁଛି। ତେଣୁ ଧାନ ଉଠିବା ପ୍ରକ୍ରିୟାକୁ ତୁରନ୍ତ ବ୍ୟବସ୍ଥିତ ଓ ତ୍ୱରାନ୍ୱିତ କରାଗଲେ ପ୍ରଶାସନ ପାଖରେ ଚାଷୀ କୂଳ ଉପକୃତ ହେବେ ଓ କୃତଜ୍ଞ ହେବେ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର ଓ ଜିଲ୍ଲା ସଭାପତି ସଂଗ୍ରାମ କେଶରୀ ନାୟକ । ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ ଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ କିଛି ସ୍ଥାନରେ ସେହି ସମସ୍ୟା ରହିଛି କାରଣ ଚଳିତ ବର୍ଷ ସମାନ ସମୟରେ ମିଲର ମାନେ ଚାଉଳ ମଧ ଏଫସିଆଇ କୁ ଦେଉଥିବାରୁ ଆବଶ୍ୟକ ମୁତାବକ ଗାଡି ମଣ୍ଡି କୁ ପଠାଇ ପାରୁନାହାନ୍ତି । ଅଳ୍ପ କିଛି ଦିନ ଭିତରେ ସମସ୍ୟା ର ସମାଧାନ ହୋଇଯିବ।

## ବେହେରାମାଲ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଓ ପ୍ରଦର୍ଶନୀ

**ସୁବର୍ଣ୍ଣପୁର,୧୮।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବେହେରାମାଲ କ୍ଲଷ୍ଟର ଅନ୍ତର୍ଗତ ଲଙ୍ଗଳକଣ୍ଟା ପ୍ରାଥମିକ ବିଦ୍ୟାଳୟ ଠାରେ ଦ୍ୱିଦିବାତ୍ମକ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ସୁଦାମ ଖମାରୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ବେହେରାମାଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସୁରେନ୍ଦ୍ରକୁମାର ରଥ ଉଦଘାଟନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ରଥ କର୍ମଶାଳା ର ଉଦ୍ଦେଶ୍ୟ କୁ ଉପସ୍ଥାପନ କରିଥିଲେ ଓ କର୍ମଶାଳା ରେ ଉପସ୍ଥିତ ସମସ୍ତ ସଦସ୍ୟ ଙ୍କୁ ଶ୍ରେଣୀ ଗୃହରେ ଶିକ୍ଷଣ ସାମଗ୍ରୀ ର ବ୍ୟବହାର ବିଷୟରେ ଜଣାଇ ଥିଲେ। କର୍ମଶାଳା ରେ ଶିକ୍ଷୟିତ୍ରୀ ରେଣୁକା ବେରିହା, ବନ୍ଦିତା ପଣ୍ଡା, ମୀନା ପଧାନ, ମଧୁମିତା ବିଶ୍ୱାଳ, ସନ୍ତୋଷିନୀ ସେଠୀ,ଶିକ୍ଷକ ହିମାଂଶୁ ନାୟକ ଓ ହେମନ୍ତ ଭୋଇ କର୍ମଶାଳା ରେ ସକ୍ରିୟ ଅଂଶ ଗ୍ରହଣ ପୂର୍ବକ ସୁନ୍ଦର ଅତ୍ୟାବଶ୍ୟକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିକରଣ ରେ ଭାଗ ନେଇ ଥିଲେ। ଶିଶୁବାଟିକା ରୁ ଅଷ୍ଟମ ଶ୍ରେଣୀ ପାଇଁ ବ୍ୟବହାର ଯୋଗ୍ୟ ବିଭିନ୍ନ ଖେଳଣା ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା। ପ୍ରସ୍ତୁତ ହୋଇଥିବା ଶିକ୍ଷଣ ସାମଗ୍ରୀ କୁ ପ୍ରଦର୍ଶନ କରି ଛାତ୍ରଛାତ୍ରୀ ଙ୍କୁ ଏହାର ବ୍ୟବହାର ପ୍ରଣାଳୀ ବିଷୟରେ ଶିକ୍ଷା ଦିଆଯାଇଥିଲା।

## ଝାରଗାଁରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା



**ସୁନ୍ଦରଗଡ଼,୧୮।୧ (ସଂଚାର ବ୍ୟୁରୋ):** ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଝାରଗାଁ ଖେଳ ପଡ଼ିଆରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଝାରଗାଁ ଟାଇଗର ୟୁଥ୍ କ୍ଲବ ଆୟୋଜନ କରିଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ ଲିଙ୍ଗରାଜ ପଟେଲ ଖେଳକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଲେଫ୍ରିପଡା ବ୍ଲକ ଅଧକ୍ଷ ନରେଶ କୁମାର ସିଂ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବଡବଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ ସନ୍ତୋଷ ସୁରେନ ଯୋଗଦାନ କରିଥିଲେ। ବିଭିନ୍ନ ଅଞ୍ଚଳର ୮ଟି ଦଳ ଭାଗ ନେଇ ନିଜ ଦଳର ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ପ୍ରଥମ ମ୍ୟାଚ୍ ବିର ବିର୍ସାମୁଣ୍ଡା କ୍ଲବ ହୁଣ୍ଡାରମାଲ ଦଳ ଏମ କେ ବ୍ରଦର୍ସ ଦର୍ଲିପାଲିକୁ ୧ ଗୋଲ ଦେଇ ବିଜୟୀ ହୋଇଥିଲେ। ଅନ୍ୟାନ୍ୟ ଦଳ ମଧ୍ୟରେ ଟାଇଗର ୟୁଥ କ୍ଲବ ଝାରଗାଁ, ଗୋପାଳପୁର, ଅର୍ମାନ୍ ସୁନ୍ଦରଗଡ଼, ନୂଆଁମୁଣ୍ଡା, ସୁନ୍ଦରଗଡ଼ ରେଡ୍ ଓ ଦିପକ ଇଲେଭେନ୍ ବରଗଡ଼ ଦଳ ଅଂଶ ଗ୍ରହଣ କରିଛନ୍ତି । ଫାଇନାଲ ମ୍ୟାଚରେ ବିର ବିର୍ସାମୁଣ୍ଡା କ୍ଲବ ହୁଣ୍ଡାରମାଲ ଦଳ ସୁନ୍ଦରଗଡ଼ ରେଡ ଦଳକୁ ୧ ଟି ଗୋଲ ଦେଇ ଚାମ୍ପିଅନ ଟ୍ରଫି ହାସଲ କରିଥିଲ।

## ବଡ଼ଛତ୍ରଙ୍ଗ ପଞ୍ଚାୟତରେ ଦିଗହରା ପିଡିଏସ୍ ଯୋଜନା

### ● ମିଳିନି ୩ ମାସର ଚାଉଳ ● ବିଡିଓଙ୍କୁ ଅଭିଯୋଗ କଲେ ହିତାଧିକାରୀ



**କଳାହାଣ୍ଡି,୧୮।୧ (ସଂଚାର ବ୍ୟୁରୋ):** ଦେଶରେ କୌଣସି ଲୋକ ଯେମିତି ଭୋକରେ ନରହିବେ ସେଥିପାଇଁ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେଉଛି । ଯେଉଁଠି ଗରିବ ଶ୍ରେଣୀର ପ୍ରତ୍ୟେକ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ପ୍ରତି ମାସ ପିଡିଏସ୍ ଚାଉଳ, ଗହମ, କିରୋସିନ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଯାହା ଯୋଗାଣ ବିଭାଗ ଦ୍ୱାରା ପରିଚାଳନା କରାଯାଉଛି। ଏକ ଶୃଙ୍ଖଳିତ ବ୍ୟବସ୍ଥା ମଧ୍ୟରେ ପ୍ରତି ପଞ୍ଚାୟତରେ ଯୋଗାଣ ବିଭାଗ ଦ୍ୱାରା ଯୋଗାଣ ସହାୟକ ମାଧ୍ୟମରେ ବଣ୍ଟନ ବ୍ୟବସ୍ଥା ହୋଇଛି। ଏପରି ବ୍ୟବସ୍ଥା ସରକାର ଯୋଗାଉ ଥିଲେ ମଧ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ବଡଛତ୍ରଙ୍ଗ ପଞ୍ଚାୟତ ଚମ୍ପାଚୁଆ ଗ୍ରାମର ହିତାଧିକାରୀଙ୍କୁ ଆଜି ଯାଏ ୩ ମାସର ପିଡିଏସ୍ ଚାଉଳ ମିଳିନି।

ଥୁଆମୂଳରାମପୁର ବ୍ଲକ ସମସ୍ତ ପଞ୍ଚାୟତର ଗରିବ ହିତାଧିକାରିଙ୍କ ପାଇଁ ଚାଉଳ ୩ମାସର ଚାଉଳ ଯୋଗାଇ ଦିଆଯାଇଥିଲା। ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ୩ ମାସ ପାଇଁ ଯୋଗାଣ ବ୍ୟବସ୍ଥା ହୋଇଥିଲା। ହେଲେ ବ୍ଲକର ବଡଛତ୍ରଙ୍ଗ ପଞ୍ଚାୟତର ଚମ୍ପାଚୁଆ ଗାଁର ହିତାଧିକାରୀମାନେ ପିଡିଏସ୍ ଚାଉଳ ପାଇନାହାଁନ୍ତି। ଏନେଇ ଥୁଆମୂଳ ରାମପୁର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ମୁତାବକ ଉପରୋକ୍ତ ଲିଖିତ ଅନୁସାରେ ଚମ୍ପାଚୁଆ ଗାଁର ଶତାଧିକ ହିତାଧିକାରୀ ଶନିବାର ଥୁଆମୂଳରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପହଞ୍ଚି ଦାବି ଉପସ୍ଥାପନ କରିଛନ୍ତି । ଏହି ଅଭିଯୋଗ ଉପରେ ସ୍ଥାନୀୟ ବ୍ଲକ ଯୋଗାଣ ଅଧିକାରୀ ବିଭୁରଞ୍ଜନ ସାହୁ ଏହାର ତଦନ୍ତ କରାଯିବ ଓ ଏପରି ଅବହେଳା ପାଇଁ ଦୃଢ଼ ପଦକ୍ଷେପ ନିଆଯିବା ସହିତ ଯେଉଁମାନେ ଚାଉଳ ପାଇନାହାନ୍ତି ସେମାନଙ୍କୁ ଚାଉଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ହେଲେ ଏହା ଯୋଗାଣ ସହାୟକଙ୍କ ଅବହେଳା ନା ଚାଉଳ ହେରଫେର ହେଉଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭିନ୍ନ ସ୍ଥାନରେ ଗରିବଙ୍କ ଦାନା ବାଟମାରଣା ହେଉଛି । ହେଲେ ବିଭାଗୀୟ ଅଧିକାରୀଙ୍କ ନିରବତା ଯୋଜନାର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ଶ୍ରୀ ନୀଳକଣ୍ଠେଶ୍ୱର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



**ରାଜନଗର,୧୮।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ରାଜଗଡ ବାଘତୈଳସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ୨୫ତମ କ୍ରୀଡା ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ପ୍ରଥମେ ଶିବ ମନ୍ଦିରରୁ ଯୋତି ଆସିବା ପରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥଲେ। କ୍ରୀଡା ଶିକ୍ଷକ ପ୍ରଦୀପ୍ତ କୁମାର ମିଶ୍ର ଦୁଇ ଦିନ ଧରି ନୃତ୍ୟ, ଗୀତ ଅଭିନୟ ସହିତ ମୋଟ ୧୬ଟି ଇଭେନ୍ଟରେ ପ୍ରତଯୋଗିତା କରାଇଥିଲେ। ସ୍କୁଲର ସଭାପତି ବୈକୁଣ୍ଠ ବିହାରୀ ବିଶ୍ୱାଳଙ୍କ ଅଧକ୍ଷତା ଓ ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ରଙ୍କ ସଂଯୋଜନା ରେ ବାର୍ଷିକ ବିବରଣି ପାଠ କରିବା ସହିତ କ୍ରୀଡା ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବରେ ଅତିଥି ଭାବେ ଚିତ୍ତରଂଜନ ସାହୁ ସିଆରସିସି, ବକ୍ତା ଭାବେ ସମୀରଣ ମଣ୍ଡଳ ପ୍ରଧାନ ଶିକ୍ଷକ , ସମ୍ମାନିତ ଅତିଥି ଭାବେ ପୂର୍ବତନ ଓସ୍ତା ରାଜ୍ୟ ସମ୍ପାଦକ କାଳୀପ୍ରସାଦ ନାୟକ ଏବଂ ବିଏମ୍ ହାଇସ୍କୁଲ୍ ରାଜକନିକାର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅପୂର୍ବ ମିଳନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା। ବସନ୍ତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।




# ଅତ୍ୟାଧିକ ପ୍ରୋଟିନ୍ ମଧ୍ୟ ହୋଇଥାଏ ଶରୀର ପ୍ରତି ହାନିକାରକ



ଶରୀର ପାଇଁ ମହତ୍ତ୍ୱପୂର୍ଣ୍ଣ ପୋଷକ ମାନଙ୍କ ମଧ୍ୟରେ ରହିଛି ପ୍ରୋଟିନ୍। ଶରୀରର ଉଚିତ ମାତ୍ରାର ବୃଦ୍ଧି ପାଇଁ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଲାଭଦାୟକ ହୋଇଥାଏ।
ତେବେ ଏହାର ମାତ୍ରାଧିକ ସେବନ ଶରୀର ପାଇଁ କ୍ଷତିକାରକ ପ୍ରମାଣିତ ହୋଇଥାଏ। ଆସନ୍ତୁ ଜାଣିବା ପ୍ରୋଟିନ ପରିମାଣ ଅଧିକ ହେଲେ ଶରୀରରେ କେଉଁ ଅସୁବିଧା ହୋଇଥାଏ।

**ଓଜନ ବଢ଼ିବା:** ଏକ ଅନୁସନ୍ଧାନରୁ ଜଣାପଡ଼ିଛି, ଅଧିକ ପ୍ରୋଟିନ୍ ସେବନ ଦ୍ୱାରା ଶରୀରରେ ହାଇ ପ୍ରୋଟିନ୍ ଏବଂ ଲୋ କାର୍ବହାଇଡ୍ରେଡ଼ରେ ବଦଳି ଯାଇଥାଏ। ଯାହା ଫଳରେ ଶରୀରରେ ଚର୍ବି ବଢ଼ି ମେଦ ବୃଦ୍ଧିର କାରଣ ହୋଇଥାଏ। ଏହା ଦ୍ୱାରା ଶରୀର ଅଳସୁଆ ହୋଇଯାଇଥାଏ।
**ପେଟ ଯନ୍ତ୍ରଣା:** ଅତ୍ୟଧିକ ପ୍ରୋଟିନ୍ କାରଣରୁ ଶରୀରରେ ଫାଇବରର ଅଭାବ ହୋଇଥାଏ। ଯାହା ଫଳରେ ନାହିଁନଥିବା ପେଟ ସମ୍ବନ୍ଧୀୟ ସମସ୍ୟା ଜାତ ହୋଇଥାଏ।
**ଦୁର୍ବଳ ହାଡ଼:** ପ୍ରୋଟିନର ଅଧିକ ସେବନ ଦ୍ୱାରା ଶରୀରରେ ହାଡ଼କୁ ପ୍ରର୍ଯ୍ୟାପ୍ତ ପରିମାଣର କ୍ୟାଲସିୟମ୍ ମିଳିନଥାଏ। ଯାହା ଫଳରେ ହାଡ଼ରେ ପୋଷକର ମାତ୍ରା କମ ହୋଇ ଏହା ଦୁର୍ବଳ ହୋଇଥାଏ।
**ହୃଦ ଜନିତ ରୋଗ:** ହାଇ-ପ୍ରୋଟିନ୍ ଯୁକ୍ତ ଖାଦ୍ୟ ପାଇଁ ଶରୀରରେ କୋଲେଷ୍ଟ୍ରଲ୍ ଏବଂ ସେଞ୍ଚୁରେଟେଡ଼ର ମାତ୍ରା ବଢ଼ିଥାଏ। ଯାହା ଫଳରେ ହୃଦଜନିତ ସମସ୍ୟା ବଢ଼ିଥାଏ। ଉଚ୍ଚ ଏଲଡ଼ିଏଲ କୋଲେଷ୍ଟ୍ରଲର ପରିମାଣ ବଢ଼ିବା ଯୋଗୁଁ ଶରୀରରେ ବିଭିନ୍ନ ପ୍ରକାରର ଅସୁବିଧା ଜାତ ହୋଇଥାଏ।



# ଅଧିକ ରାଗ ଖାଇଲେ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ

ଦୁନିଆରେ ଅନେକ ଲୋକ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି। ତାହା ଭାରତୀୟ ତରକାରୀ ହେଉ କିମ୍ବା ମେକ୍ସିକାନ୍ ସାଲସା। ନାଲି ଲଙ୍କା କେବଳ ଖାଦ୍ୟରେ ସ୍ୱାଦ ବଢାଏ ନାହିଁ, ବରଂ ଆପଣଙ୍କ ମେଟାବୋଲିଜିମକୁ ମଧ ଟିକିଏ ଦ୍ରୁତ କରିଥାଏ। କିନ୍ତୁ ଗତ କିଛି ବର୍ଷ ଧରି, ବୈଜ୍ଞାନିକମାନେ ଅନୁସନ୍ଧାନ କରୁଛନ୍ତି ଯେ ଲଗାତାର ଭାବରେ ଅତ୍ୟଧିକ ଲଙ୍କା ଖାଇବା ଦ୍ୱାରା ପାଚନ ସମ୍ବନ୍ଧୀୟ କର୍କଟ ରୋଗର ଆଶଙ୍କା ବୃଦ୍ଧି ପାଇପାରେ କି? ଫ୍ରଣ୍ଟିୟର୍ସ ଇନ୍ ନ୍ୟୁଟ୍ରିସନ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଏହି ବିଷୟକୁ ବିସ୍ତୃତ ଭାବରେ ପରୀକ୍ଷା କରିଛି। ଗବେଷଣା ଅନୁଯାୟୀ, ଲଙ୍କାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ କମ୍ ପରିମାଣରେ ଲାଭଦାୟକ ହୋଇପାରେ, କିନ୍ତୁ ଅତ୍ୟଧିକ ସେବନ ଖାଦ୍ୟନଳୀ, ପେଟ ଏବଂ କୋଲନ କର୍କଟ ରୋଗର ଆଶଙ୍କା ବଢ଼ାଇପାରେ। ଭାରତରେ କୋଲୋରେକ୍ଟାଲ୍ କର୍କଟ ତୃତୀୟ ସବୁଠାରୁ ସାଧାରଣ କର୍କଟ ରୋଗ ଏବଂ ଯଦି ସମୟ ମଧ୍ୟରେ ଚିକିତ୍ସା ଆରମ୍ଭ କରାଯାଏ ତେବେ ଏହା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ।

ଲଙ୍କାରେ ଥିବା କ୍ୟାପସାଇସିନ୍ ନାମକ ଯୌଗିକ ଏହାକୁ ମସଲାଯୁକ୍ତ କରିଥାଏ। ଏହା ଯନ୍ତ୍ରଣା-ନିବାରଣକାରୀ, ପ୍ରଦାହ-ବିରୋଧୀ ଏବଂ ଚର୍ବି-କମ୍ କରିବା ଗୁଣ ପାଇଁ ଜଣାଶୁଣା। ତଥାପି, କର୍କଟ ରୋଗ ଉପରେ ଏହାର ପ୍ରଭାବ ସମ୍ପର୍କରେ ମିଶ୍ରିତ ଫଳାଫଳ ସାମ୍ନାକୁ ଆସିଛି।ଦୀର୍ଘ ସମୟ ଧରି ଅଧିକ ପରିମାଣରେ ନାଲି ଲଙ୍କା, ବିଶେଷକରି କଞ୍ଚା କିମ୍ବା ଅତ୍ୟଧିକ ରାଗ ଲଙ୍କା ଖାଇବା ଦ୍ୱାରା ପାଚନ ତନ୍ତ୍ରରେ ଜ୍ୱଳନ ଏବଂ ପ୍ରଦାହ ବୃଦ୍ଧି ପାଇପାରେ। ଏହି ପ୍ରଦାହ ଧୀରେ ଧୀରେ କୋଷଗୁଡ଼ିକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ। ତଥାପି, ଯଦି ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣରେ ପନିପରିବା, ଫଳ ଏବଂ ଫାଇବର ଥାଏ, ତେବେ ଲଙ୍କା କ୍ଷତିକାରକ ନୁହେଁ।

ଫ୍ରଣ୍ଟିୟର୍ସ ଇନ୍ ନ୍ୟୁଟ୍ରିସନରେ ପ୍ରକାଶିତ ଏହି ଅଧ୍ୟୟନରେ ବିଶ୍ୱର ହଜାର ହଜାର ଲୋକଙ୍କ ଉପରେ ଗବେଷଣା ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଫଳାଫଳରୁ ଜଣାପଡିଛି ଯେ ଯେଉଁମାନେ ପ୍ରତିଦିନ କିମ୍ବା ଅଧିକ ପରିମାଣରେ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତି ସେମାନଙ୍କ ପାଚନ ତନ୍ତ୍ରର କର୍କଟ ରୋଗର ଆଶଙ୍କା ଅଧିକ ଥାଏ।ହାଲୁକା କିମ୍ବା ମଧ୍ୟମ ପରିମାଣର ଲଙ୍କା ସେବନ କ୍ଷତିକାରକ ନୁହେଁ ଏବଂ କ୍ୟାପସାଇସିନ୍ ହେତୁ ଏହା କିଛି ଲାଭ ମଧ ଦେଇପାରେ। ତେବେ ଲଙ୍କା କ୍ଷତିକାରକ ନୁହେଁ; ପ୍ରକୃତରେ, ଏହା ସଠିକ ପରିମାଣରେ ଅନେକ ଲାଭ ପ୍ରଦାନ କରେ। ଏହା ମେଟାବୋଲିଜିମ୍ ବୃଦ୍ଧି କରେ, ଏବଂ କ୍ୟାପସାଇସିନ୍ କ୍ୟାଲୋରି ନଷ୍ଟ କରିବାରେ ସାହାଯ୍ୟ କରେ। ଏହା ହୃଦୟ ପାଇଁ ମଧ ଭଲ; ଏହାକୁ ସୀମିତ ପରିମାଣରେ ଖାଇବା ଦ୍ୱାରା ରକ୍ତ ପ୍ରବାହ ଏବଂ କୋଲେଷ୍ଟ୍ରଲ୍ ଉପରେ ସକାରାତ୍ମକ ପ୍ରଭାବ ପଡ଼ିପାରେ।ଏହାକୁ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍ସ ଭାବରେ ମଧ ବିବେଚନା କରାଯାଏ, ଏଥିରେ ଭିଟାମିନ୍ ସି, ବିଟା-କାରୋଟିନ୍ ଏବଂ ଅନ୍ୟାନ୍ୟ ଉପାଦାନ ଶରୀରକୁ ଅକ୍ସିଡେଟିଭ୍ ଚାପରୁ ରକ୍ଷା କରେ।



# ୩୦ ପରେ କାହିଁକି ବଢ଼େ ପେଟ ଚର୍ବି ?

୩୦ ବର୍ଷ ବୟସ ପରେ, ଅନେକ ଲୋକ ଏହି ପ୍ରଶ୍ନକୁ ନେଇ ଚିନ୍ତିତ ରୁହନ୍ତି ଯେ ନା ସେମାନେ ନିଜର ଖାଦ୍ୟ ପରିବର୍ତ୍ତନ କରିଛନ୍ତି ନା ବ୍ୟାୟାମ କରିବା ବନ୍ଦ କରିଛନ୍ତି, ତଥାପି କାହିଁକି ସେମାନଙ୍କ ପେଟ ବଢୁଛି ? ଏହା ଉତ୍ତର ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଛନ୍ତି କାଲିଫର୍ନିଆରେ ଅଭ୍ୟାସ କରୁଥିବା ଏମ୍ସ, ହାର୍ଭାର୍ଡ ଏବଂ ଷ୍ଟାନଫୋର୍ଡରେ ତାଲିମପ୍ରାପ୍ତ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡକ୍ଟର ସୌରଭ ସେଠୀ । ତାଙ୍କ ଅନୁଯାୟୀ ୩୦ ବର୍ଷ ପରେ, ଶରୀରରେ ଏପରି ପରିବର୍ତ୍ତନ ଆରମ୍ଭ ହୁଏ ଯାହା ବାହାରୁ ଦେଖାଯାଏ ନାହିଁ, କିନ୍ତୁ ଏହା ସିଧାସଳଖ ପେଟର ଚର୍ବିକୁ ପ୍ରଭାବିତ କରେ। ବୟସ ସହିତ ମାଂସପେଶୀ ଧୀରେ ଧୀରେ ହ୍ରାସ ପାଏ। ମାଂସପେଶୀ ଯେତେ କମ୍ ହେବ, ଆପଣଙ୍କ ଶରୀର ସେତେ କମ୍ କ୍ୟାଲୋରୀ ବର୍ଣ୍ଣ କରିବ। ଏହାର ଅର୍ଥ ଯେଉଁ ଖାଦ୍ୟ ପୂର୍ବରୁ କ୍ଷତିକାରକ ନଥିଲା, ତାହା ଏବେ ଚର୍ବିରେ ପରିଣତ ହେବା ଆରମ୍ଭ କରିବ। ମାଂସପେଶୀ କେବଳ ଶକ୍ତି ପାଇଁ ନୁହେଁ, ଏହା ରକ୍ତ ଶର୍କରା ପରିଚାଳନାରେ ମଧ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଯେତେବେଳେ ମାଂସପେଶୀର ପରିମାଣ ହ୍ରାସ ପାଏ, ରକ୍ତରେ ସର୍କରା ଅଧିକ ସମୟ ପାଇଁ ରହିଥାଏ ଏବଂ ଶେଷରେ ପେଟ ଚାରିପାଖରେ ଚର୍ବି ଭାବରେ ଜମା ହୁଏ। ଏହି କାରଣରୁ ୩୦ ବର୍ଷ ପରେ ପେଟର ଚର୍ବି ଅଧିକ ଦୃଶ୍ୟମାନ ହୁଏ। ଏଥିସହିତ ବୟସ ଅନୁଯାୟୀ ଇନସୁଲିନ୍ ସମ୍ବେଦନଶୀଳତା ହ୍ରାସ ପାଏ, ଅର୍ଥାତ୍ ଶରୀର ପୂର୍ବ ପରି ସହଜରେ କାର୍ବୋହାଇଡ୍ରେଟ୍ ପରିଚାଳନା କରିପାରେ ନାହିଁ। ଫଳସ୍ୱରୂପ, ପ୍ରତିଦିନ ଖାଉଥିବା ସେହି ରୁଟି, ଭାତ କିମ୍ବା ମିଠା ପୂର୍ବ ଅପେକ୍ଷା ଅଧିକ ଚର୍ବି ଜମା କରିବା ଆରମ୍ଭ କରେ, ବିଶେଷକରି ଅଣ୍ଟା ପାଖରେ।

# ଆଖି ସମସ୍ୟାର କାରଣ ଜିଙ୍କ୍ ଅଭାବ ନୁହେଁ ତ

ଆଖିରେ ହେଉଥିବା ସମସ୍ୟା ଶରୀରରେ ଖଣିଜ ପଦାର୍ଥର ଅଭାବର ଲକ୍ଷଣ ହୋଇପାରେ। ତେଣୁ ଆଖି ସମସ୍ୟାକୁ ଅଣଦେଖା କରିବା ଅନୁଚିତ୍। ତେଣୁ ସମୟ ପୂର୍ବରୁ ଲକ୍ଷଣକୁ ଦେଖି ରୋଗର ଚିହ୍ନଟ କରାଇ ନେବା ଉଚିତ୍। ଜିଙ୍କ୍ ଶରୀରର ବିକାଶ ଓ ଇମ୍ୟୁନିଟି ପାଇଁ ଖୁବ୍ ଜରୁରି। ଏହାର ଅଭାବରେ ଆଖିରେ କେତେକ ଲକ୍ଷଣ ଦେଖା ଦେଇଥାଏ। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ୍ରେ ଜିଙ୍କ୍ ଯୁକ୍ତ ଖାଦ୍ୟ ସାମିଲ୍ କରିବାକୁ ପଡିଥାଏ। ଶରୀରର ବିକାଶ ପାଇଁ ସମସ୍ତ ପୋଷକ ତତ୍ତ୍ୱର ଆବଶ୍ୟକ ପଡିଥାଏ। ଭିଟାମିନ୍ ଓ ମିନେରାଲ ଆମ ଶରୀରର ପୂର୍ଣ୍ଣ ବିକାଶରେ ସହଯୋଗ କରିଥାଏ। ତଥାପି ପ୍ରାୟ ଲୋକଜିଙ୍କ୍ ପରି ତତ୍ତ୍ୱକୁ ଅଣଦେଖା କରିଥାନ୍ତି। ଫଳରେ ଏହାର ଅଭାବ ଶରୀରରେ ଦେଖା ଦେଇଥାଏ। ଏହା ଏକ ଜରୁରି ମିନେରାଲ୍, ଯାହା ଶରୀରର ବିକାଶ, ଇମ୍ୟୁନିଟି ବଢାଇବା ଓସାରା ସ୍ୱାସ୍ଥ୍ୟକୁ ଭଲ ରଖିବାରେ ସହଯୋଗ କରିଥାଏ। ଏହା ପ୍ରୋଟିନ୍, ଫ୍ୟାଟ୍ ଓଡିଏନ୍‌ଏର ମେଟାବଲିଜିମ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ। ତା' ସହିତ ଘାଆକୁ ଭରିବା ଓ ଇମ୍ୟୁନିଟିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ,ଯାହା ରୋଗ ସହ ଲଢ଼ିବାରେ ସହଯୋଗ କରିଥାଏ।ଏହା ବ୍ୟତୀତ ଜିଙ୍କ୍ ଆଖିକୁ ଭଲ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଏ।ଆମ ଆଖିରେ ଜିଙ୍କ୍ର ମାତ୍ରା ଅଧିକ ରହିଥାଏ। ବିଶେଷ କରି ରେଟିନା, ରେଟିନାଲ ପିଗ୍ମେଣ୍ଟ୍ ଏପିଥୋଲିୟମ୍ ଏବଂ କୋରାଇଡ୍। ଏସବୁ ଆଖିର ସେହି ଅଂଶ,ଯାହାକୁ ରକ୍ତରୁ ପୋଷକ ତତ୍ତ୍ୱ ମିଳିଥାଏ।ଟେଲର୍ ଆଣ୍ଡ୍ ଫ୍ରାସିସ୍ରେ ପ୍ରକାଶିତ ଏକ ଗବେଷଣା ଅନୁସାରେ ଜିଙ୍ଗ୍ ଅଭାବରୁଆଖିର ସଂରଚନା ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆସିପାରେ। ଏହି ପରିବର୍ତ୍ତନଦ୍ୱାରା ଦୃଷ୍ଟିଶକ୍ତି ହରାଇବା ସହିତ ଆଲୋକରେ ରେଟିନାର ପ୍ରତିକ୍ରିୟାରେ ମଧପରିବର୍ତ୍ତନ ଆସିପାରେ। ଯେପରିକି ନାଇଟ୍ ବ୍ଲାଇଣ୍ଡନେସ୍(ନିକ୍ଟାଲୋପିଆ): କମ୍ ଆଲୋକ ବା ଅନ୍ଧାରରେ ଠିକ୍ ଭାବେଦେଖା ନଯିବା, ଏହା ଭିଟାମିନ୍-ଏ' ଅଭାବରୁ ହୋଇଥାଏ।ବ୍ଲୟର୍ ଭିଜନ୍: ଶରୀରରେ ଜିଙ୍କ୍ର ଅଭାବ ହେଲେ ପ୍ରାୟ ଜିନିଷ ସାମାନ୍ୟ ବ୍ଲୟର୍ ବା ଜାଲଜାଲୁଆ ଦେଖାଯାଇଥାଏ।ଫଟୋଫୋବିଆ: ଏହା ଆଲୋକ କାରଣରୁ ହେଉଥିବା ସମସ୍ୟା, ଯାହା ଜିଙ୍କ୍ର ଅଭାବ ରହିଥିବାର ସୂଚନା ଦେଇଥାଏ। କମ୍ ଆଲୋକରେ ସମସ୍ୟା: ଜିଙ୍କ୍ର ଅଭାବ ଯୋଗୁ କମ୍ ଆଲୋକରେ କମ୍ ଦେଖାଯିବାର ସମସ୍ୟା ସୃଷ୍ଟି ହୋଇଥାଏ। କାରଣ ରେଟିନା କାର୍ଯ୍ୟ କରିବା ବା କ୍ଷତିରୁରକ୍ଷା ପାଇବା ପାଇଁ ଜିଙ୍କ୍ ଉପରେ ନିର୍ଭର କରିଥାଏ। ଶରୀରରୁ ଜିଙ୍କ୍ର ଅଭାବ ଦୂର କରିବା ପାଇଁ ଏହାର ସପ୍ଲିମେଣ୍ଟ୍ ସହ କେତେକଖାଦ୍ୟ ମଧ ନେଇପାରିବେ। ଯେପରିକି ମାଛ, କ୍ଷୀରଜାତୀୟ ପଦାର୍ଥ, ଅଙ୍କୁରିତଗହମ, ମାଂସ ଓ ଚିକେନ୍, ଡାଲି ଓ ମଟର ଆଦି।




# ଆପଣ ବି ଗରମ ପାଣିରେ ପାଦ ବୁଡାଇ ରଖୁଛନ୍ତି କି ?

ଶୀତଦିନେ ଅନେକ ଲୋକ ପିଇବା କିମ୍ବା ଗାଧୋଇବା ପାଇଁ ଗରମ ପାଣି ବ୍ୟବହାର କରିଥାନ୍ତି। ହେଲେ କିଛି ଲୋକ ଗରମ ପାଣିରେ ପାଦ ବୁଡ଼ାଇବାର ଦେଖାଯାଏ। ଯେତେବେଳେ ଆମେ ଗରମ ପାଣିରେ ପାଦ ବୁଡ଼ାଇବା ସେତେବେଳେ ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରେ, ଚାପ ହ୍ରାସ କରେ ଏବଂ ଥକ୍କାପଣ ଦୂର କରେ। ତେଣୁ ଯଦି ଆପଣ ପ୍ରତିଦିନ ଗରମ ପାଣିରେ ପାଦ ବୁଡ଼ାନ୍ତି, ତାହାଲେ ଆପଣଙ୍କୁ ବିଭିନ୍ନ ରୋଗରୁ ମୁକ୍ତି ମିଳିବ। ଏହା ଏକ ବହୁତ ଭଲ ଏବଂ ପ୍ରଭାବଶାଳୀ ଉପାୟ। ଏହା ଆପଣଙ୍କ ପାଦରେ ଫୁଲା, ଯନ୍ତ୍ରଣା ଏବଂ ଗୋଡ ଫଟା ଚିକିତ୍ସା ପାଇଁ ଏକ ଭଲ ଉପାୟ। ଏହା ଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏହା ପାଦକୁ ଆରାମ ଏବଂ ସମଗ୍ର ଶରୀରକୁ ଶାନ୍ତି ପ୍ରଦାନ କରେ, ଯଦି ଆପଣଙ୍କ ପାଦ ଶୀତଦିନେ ଅତ୍ୟଧିକ ଥଣ୍ଡା ହୁଏ, ତେବେ ଆପଣ ଏହା କରିପାରିବେ। ଉଷୁମ ପାଣିରେ ଲୁଣ ସହିତ ଆପଣଙ୍କ ପାଦକୁ ଘଷିପାରିବେ, ଲୁଣରେ ମ୍ୟାଗ୍ନେସିୟମ୍ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ଥାଏ। ଯାହା ପାଦକୁ ଆରାମ ପ୍ରଦାନ କରେ ଏହା ଫୁଲା କମ୍ କରିବାରେ ମଧ ସାହାଯ୍ୟ କରେ। ଏହା ବିଷମୁକ୍ତ କରିବାରେ ମଧ ସାହାଯ୍ୟ କରେ। ଜ୍ୱର ସମୟରେ ଗରମ ପାଣିରେ ପାଦ ବୁଡ଼ାଇ ରଖିବାର ଏକ ବହୁତ ପୁରୁଣା ଉପାୟ। ଏହା ଶରୀରର ତାପମାତ୍ରାକୁ ସନ୍ତୁଳିତ କରିବାରେ ଏବଂ ଧୀରେ ଧୀରେ ଜ୍ୱରକୁ କମ୍ କରିବାରେ ସାହାଯ୍ୟ କରେ। ଏହା ଗୋଡର ସ୍ନାୟୁ ଗୁଡ଼ିକୁ ସକ୍ରିୟ କରେ ଏବଂ ଶରୀରର ଶକ୍ତିକୁ ସ୍ଥିର କରେ। ଗରମ ପାଣିରେ ପାଦ ବୁଡ଼ାଇ ରଖିବା ଏକ ବହୁତ ସରଳ, ସୁଲଭ ଏବଂ ବୈଜ୍ଞାନିକ ଘରୋଇ ଉପଚାର। ଏହା କେବଳ ପାଦ ଯନ୍ତ୍ରଣା, ଫୁଲା, ଥଣ୍ଡା ପାଇଁ ନୁହେଁ। ମୁଖ ଦୁର୍ଗନ୍ଧ କିମ୍ବା ମାଂସପେଶୀରେ ଟାଣ, କିନ୍ତୁ ସାରା ଶରୀରରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିବା, ଚାପ ହ୍ରାସ କରିବା ଏବଂ ଭଲ ନିଦ ପାଇଁ ମଧ। ବିଶେଷକରି ଶୀତଦିନେ ଏବଂ ଦିନର ଶେଷରେ, କେବଳ ୧୫-୨୦ ମିନିଟ୍ ପାଇଁ ଏହା କରନ୍ତୁ ଏବଂ ଆପଣ ନିଜେ ଅନୁଭବ କରିବେ।



## ମା' ବିରଜାଙ୍କ ସ୍ୱନକ୍ଷତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼



**ଯାଜପୁର,୧୮।୧ (ସଂଚାର ବ୍ୟୁରୋ):** ଆଜି ପବିତ୍ର ତ୍ରିବେଣୀ ଅମାବାସ୍ୟା। ଏହି ପୁଣ୍ୟ ତିଥି ଅବସରରେ ବିରଜା କ୍ଷେତ୍ର ସମ୍ପୂର୍ଣ୍ଣ ଭାବେ ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଚେତନାରେ ଲୀନ ହୋଇପଡ଼ିଛି। ଶଙ୍ଖଧ୍ୱନି, ହରିନାମ ସଙ୍କୀର୍ତ୍ତନ ଓ ଧୂପ-ଦୀପର ସୁଗନ୍ଧରେ ଆଜି ଯାଜପୁର ଏକ ଜୀବନ୍ତ ତୀର୍ଥର ରୂପ ଧାରଣ କରିଛି।

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା—ଭାରତବର୍ଷର ଏକ ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ। ତ୍ରିବେଣୀ ଅମାବାସ୍ୟାକୁ ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଭାବେ ମନାଯାଏ ଏବଂ ଏହି ଦିନର ଧାର୍ମିକ ମାହାତ୍ମ୍ୟ ଅତ୍ୟନ୍ତ ବିଶେଷ। ଶାସ୍ତ୍ରମତେ, ଏହି ପୁଣ୍ୟ ତିଥିରେ ମା' ବିରଜା ଶୁଦ୍ଧ ସତ୍ତ୍ୱମୟୀ ରୂପରେ ପ୍ରକଟ ହୋଇ ଭକ୍ତମାନଙ୍କୁ ଅପାର ଆଶୀର୍ବାଦ ପ୍ରଦାନ କରନ୍ତି।ସେହି କାରଣରୁ ଆଜି ପ୍ରଭାତରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସହ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଯାଜପୁରରେ ପହଞ୍ଚି ମା' ବିରଜାଙ୍କ ଦର୍ଶନ କରୁଛନ୍ତି। ଦୀର୍ଘ ଧାଡ଼ି, ଭକ୍ତିଗୀତ ଓ ଶ୍ରଦ୍ଧାର ଉଚ୍ଛ୍ୱାସ ମନ୍ଦିର ପରିସରକୁ ଆଧ୍ୟାତ୍ମିକ ଉତ୍ସବରେ ପରିଣତ କରିଛି।ମା' ବିରଜା କେବଳ ଏକ ମହାଶକ୍ତି ନୁହେଁ; ସେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର—ଏହି ତ୍ରିଦେବଙ୍କର ଶକ୍ତିର ସମନ୍ୱିତ ରୂପ। ଦେବୀଙ୍କ ମସ୍ତକରେ ବିରାଜିତ ପଞ୍ଚମୁଦ୍ରା ଚିହ୍ନ—ଗଣପତି, ନାଗ, ଯୋନି, ଲିଙ୍ଗ ଓ ଚନ୍ଦ୍ର—ଗାଣପତ୍ୟ, ଶାକ୍ତ, ଶୈବ, ନାଗ ଓ ଚାନ୍ଦ୍ର ଧର୍ମର ସମନ୍ୱୟକୁ ପ୍ରତିବିମ୍ବିତ କରେ।ଶାସ୍ତ୍ରାନୁସାରେ ମା' ବିରଜାଙ୍କ ପୂଜା ତିନିଟି ରୂପରେ କରାଯାଏ। ଦୈନିକ ଭାବେ ଦେବୀ ବୈଷ୍ଣବୀ ରୂପେ ପୂଜିତ ହୁଅନ୍ତି। ତ୍ରିବେଣୀ ଅମାବାସ୍ୟା ଦିନ ମା' ସାବିତ୍ରୀ ରୂପେ ଗାୟତ୍ରୀ ମନ୍ତ୍ରରେ ଉପାସିତ ହୁଅନ୍ତି। ଦୁର୍ଗୋତ୍ସବ ଓ ବିରଜା ରଥଯାତ୍ରା ସମୟରେ ଦେବୀ ମାହେଶ୍ୱରୀ ରୂପେ—ଏକାକ୍ଷର, ମହାମାୟା, ଗାୟତ୍ରୀ ଓ ଅପରାଜିତା ମନ୍ତ୍ର ଦ୍ୱାରା ପୂଜିତ ହୁଅନ୍ତି।ଆଜି ପ୍ରଭାତରୁ ମା' ବିରଜାଙ୍କ ମହାସ୍ନାନ ନୀତି ବିଧିବଦ୍ଧ ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁଙ୍କ ଅବିରତ ଭିଡ଼, ଭକ୍ତିମୟ କୀର୍ତ୍ତନ ଓ ମନ୍ଦିର ପରିସରର ଆଧ୍ୟାତ୍ମିକ ପରିବେଶ ଆଜି ଯାଜପୁରକୁ ଏକ ଅଦ୍ୱିତୀୟ ଧାର୍ମିକ କେନ୍ଦ୍ରରେ ପରିଣତ କରିଛି।

## ୨୦୨୭ ସୁଦ୍ଧା ୫୦ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି - ଉପମୁଖ୍ୟମନ୍ତ୍ରୀ



**ଖୋର୍ଦ୍ଧା,୧୮।୧ (ସଂଚାର ବ୍ୟୁରୋ):** ଓରାମସ୍, ମିଶନ ଶକ୍ତି ଏବଂ ଖୋର୍ଧା ଜିଲ୍ଲା ପ୍ରଶାସନର ସହଯୋଗରେ, ଜିଲ୍ଲାସ୍ତରୀୟ ପଲିଶ୍ରୀ ମେଳା ଏବଂ ଜିଲ୍ଲା ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ପାର୍ବତୀ ପରିଡା ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସେ ତାଙ୍କ ଭାଷଣରେ କହିଥିଲେ ଯେ ଗ୍ରାମୀଣ ଉତ୍ପାଦନର ଚାହିଦାକୁ ବିଶ୍ୱସ୍ତରୀୟ କରାଯାଇଛି ଏବଂ ସୁଭଦ୍ରା ଯୋଜନା ଅଧୀନରେ ଆନୁସଙ୍ଗିକ କୃଷି ଶିଳ୍ପରେ ଲକ୍ଷ ଲକ୍ଷ ମହିଳାଙ୍କୁ ସଫଳତା ମିଳିଛି। ରାଜ୍ୟ ସରକାର ଏକ ବିକଶିତ ଓଡ଼ିଶା ଏବଂ ଏକ ବିକଶିତ ଭାରତର ଗଠନକୁ ସୁଦୃଢ଼ କରିବା ପାଇଁ ୨୦୨୭ ସୁଦ୍ଧା ୫୦ ଲକ୍ଷ ମହିଳାଙ୍କୁ "ଲକ୍ଷପତି ଦିଦି" ଭାବରେ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାରେ ମହିଳା ଅଦାଲତ ଏବଂ ସୁଭଦ୍ରା ଶକ୍ତି କେନ୍ଦ୍ର ମାଧମରେ ଗ୍ରାମାଞ୍ଚଳ ଭିତ୍ତିକ ଆର୍ଥିକ ନୀତିକୁ ପ୍ରୋତ୍ସାହିତ କରାଯିବ। ମହିଳା ବିନା ଏକ ବିକଶିତ ଓଡ଼ିଶା ଗଠନ ହୋଇପାରିବ ନାହିଁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସେ ସମସ୍ତଙ୍କୁ ଏହି ମେଳାର ସୁଯୋଗ ନେବାକୁ କହିଥିଲେ। ଉଦଘାଟନୀ ସଭା ଖୋର୍ଦ୍ଧାର କଲେକ୍ଟର ଅମୃତ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲ୍ଲା ପରିଷଦ ଅଧକ୍ଷା, ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ, ଉପାଧକ୍ଷ, ଏଡିଏମ୍, ପ୍ରତାପ ଚନ୍ଦ୍ର ବେଉରା, ଡିଏଫଓ, ଲାଡେ ଗଜାନନ ଦୟାନନ୍ଦ, ପଞ୍ଚାୟତ ସମିତି ଉପାଧକ୍ଷ ପ୍ରକାଶ କୁମାର ସାମନ୍ତରାୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ କହିଥିଲେ ଯେ ଏହି ପଲିଶ୍ରୀ ମେଳା ମହିଳା, ଚାଷୀ, ଛାତ୍ର ଏବଂ ଯୁବପିଢ଼ିଙ୍କୁ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରିବ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରାଗ ଦାଶ, ସୁବ୍ରତ କୁମାର, ଯାଗ୍ନସେନୀ ନାୟକ ଏବଂ ଆରଡିଏକ୍ସ, ନୃତ୍ୟ ଗୋଷ୍ଠୀ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

● ଜୀବନଜ୍ୟୋତି କ୍ଲବର ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ତୁଳତିକୁ ହରାଇ ବଗିରିଆ ଚାମ୍ପିଅନ



**ଆନନ୍ଦପୁର,୧୮।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଜଳସୁଆଁ ଗ୍ରାମର ଜୀବନଜ୍ୟୋତି କ୍ଲବ ପକ୍ଷରୁ ନବମ ତମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଆଜି ଉଦଯାପନୀ ହୋଇଛି। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରେ ମୋଟ୍ ୮ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ରେ ଯାଜପୁର ଜିଲ୍ଲାର ତୁଳତି ଏକାଦଶ ସହିତ ବୈତରଣୀ ରୋଡ଼ ର ବଗିରିଆ ଏକାଦଶ ମଧରେ ମହା ମୁକାବିଲା ହୋଇଥିବା ବେଳେ ପ୍ରଥମେ ଟସ୍ ବଗିରିଆ ଏକାଦଶ ଜିତି ବୋଲିଂ ର ନିଷ୍ପତି ନେଇଥିଲା। ୧୨ ଓଭର ବିଶିଷ୍ଟ ଖେଳ ରେ ତୁଳତି ଏକାଦଶ ୧୦ଓଭର ରେ ସମସ୍ତ ୱିକେଟ ହରାଇ ମୋଟ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବ୍ ରେ ବଗିରିଆ ଏକାଦଶ ୬ୱିକେଟ ହରାଇ ୧୦ ଓଭର ୨ ଟା ବଲ୍ ରେ ୧୧୧ ରନ୍ କରି ବିଜୟ ହାସଲ କରିଥିଲା। ଖେଳ ପରିଚାଳନା ବରିଷ୍ଠ ଅମ୍ପ୍ୟାର ଦୀପକ୍ କୁମାର ରଣା, ବ୍ରହ୍ମରାଶି ତପୋଧନ ମହାପାତ୍ର କରିଥିଲେ। ସଞ୍ଜୟ କୁମାର ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଭାବେ ଜସ୍‌ବସ୍ ବିଜୟ ମହାନ୍ତି, ଆଶୁତୋଷ ମହାପାତ୍ର, ଅଂଶୁମାନ ମାଝୀ ତୁଲାଇ ଥିଲେ। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳସୁଆଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ପ୍ରକାଶ ଚନ୍ଦ୍ର ମାଝୀ, ଜଳସୁଆଁ ଡାକ୍ତରଖାନା ର ଡାକ୍ତର ମୋନାଲିସା ନାଏକ, ସମ୍ମାନିତ ଅତିଥି ଭାବେ ସମାଜ ସେବୀ ହିମାଂଶୁ ଶେଖର ନାଏକ, ପ୍ରସନ୍ନ ମାଝୀ, ପ୍ରସାନ୍ତ ମହାପାତ୍ର ଯୋଗ ଦେଇ ବିଜୟ ଓ ପରାଜୟ ଦଳ କୁ ଟ୍ରଫି ପ୍ରଦାନ କରିଥିଲେ।

# ଛୁଟିଦିନରେ ଚାଲିଛି ନିର୍ମାଣ କାର୍ଯ୍ୟ

▶ ବିଭାଗୀୟ ଅଧିକାରୀ ସବୁଜାଣି ଅଜଣା ▶ ନିମ୍ନମାନର କାର୍ଯ୍ୟର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି



**ନିଶ୍ଚିନ୍ତକୋଇଲି,୧୮।୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ନିଶ୍ଚିନ୍ତକୋଇଲି କାଜିହାଟ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁରହିଛି। ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଯଥା ସଠିକ ଭାଗମାପରେ ଗୋଡ଼ି, ବାଲି, ସିମେଣ୍ଟ ମିଶାଯାଇ କାର୍ଯ୍ୟ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ନିର୍ମାଣଧିନ ଏହି ରାସ୍ତାର ରାମକୃଷ୍ଣପୁର ବିଶ୍ୱାଳ ସାହି ଠାରେ ରାସ୍ତା ପାର୍ଶ୍ୱରେ ପ୍ରଶସ୍ତିକରଣ ପାଇଁ କରାଯାଉଥିବା ଡ୍ରେନ କାନ୍ଥ(ଗାର୍ଡ଼ ୱାଲ) କ୍ଷେତ୍ରରେ। ରବିବାର ସରକାରୀ ଛୁଟି ଦିନରେ ବିଭାଗୀୟ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିରେ ଠିକାଦାର ନିଜ ମନଇଚ୍ଛା ଢଙ୍ଗରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ଆମ ପ୍ରତିନିଧି କ୍ଷେତ୍ର ପରିଦର୍ଶନରେ ଯାଇ ଘଟଣାକୁ ଅନୁଧ୍ୟାନ କରିବା ପରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଊର୍ମିପ୍ରିୟଦର୍ଶିନୀ ଦାଶଙ୍କୁ ତାଙ୍କ ମୋବାଇଲ ନଂ-୯୪୩୮୨୮୬୪୩ ରେ ଯୋଗାଯୋଗ କରିଥିଲେ ଫୋନ୍ ରିଙ୍ଗ ହୋଇଥିଲେ ମଧ ସେ ଫୋନ୍ ଉଠାଉନଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଦାଉଦପୁର ଗୋପିନାଥପୁରରେ ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୧୮।୧ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତ ଗୋପିନାଥପୁର ଠାରେ ଅବସ୍ଥିତ ବାବା ଆଖଣ୍ଡଳମଣୀଙ୍କ ପୀଠରେ ସ୍ଥାନୀୟ ଯୁବ ପରିଷଦ ଆନୁକୂଲ୍ୟରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଙ୍କୁରାରୋପଣ, କଳାସଯାତ୍ରା, ଅଗ୍ନିସ୍ଥାପନ, ରୁଦ୍ରାଭିଷେକ, ସୂର୍ଯ୍ୟ ପୂଜା, ଯଜ୍ଞ କର୍ମ, ରୁଦ୍ରାଭିଷେକ ପରେ ସେଠାରେ ଅଷ୍ଟପ୍ରହରୀ ବ୍ୟାପୀ ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ପଣ୍ଡିତ ନୃସିଂହଚରଣ ମିଶ୍ର ପୂଜା କାର୍ଯ୍ୟ ସମ୍ପର୍ଣ୍ଣ କରିଥିବା ବେଳେ କର୍ତ୍ତା ଭାବେ ନୃସିଂହଚରଣ ନାୟକ ଓ କର୍ତ୍ତୀ ଭାବେ ପ୍ରେମଲତା ନାୟକ ଦାୟିତ୍ୱ ନିର୍ବାହ କରିଥିଲେ।

ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଯୋଗଦେଇଥିଲେ। ବିଧାୟକଙ୍କ ସହିତ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ଉପାଧକ୍ଷ ଅଶୋକ କୁମାର ଓଝା, ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବିଭୁ କୃପା ଲାଭ କରିଥିଲେ। ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମହାନ୍ତି, ସମିତିସଭ୍ୟ ଆଶିଷ କୁମାର ମହାନ୍ତି, ବିନୋଦ କୁମାର ସାମଲ, ସୂର୍ଯ୍ୟକାନ୍ତ ଜେନା, ଦେବକାନ୍ତ ମହାନ୍ତି, ଭରତ ନାୟକ, ଅଜୟ ନାୟକ, ସୁକାନ୍ତ ନାୟକ, ରଞ୍ଜନ ନାୟକ, ନାରାୟଣ ନାୟକ, ଦୀପକ ରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## କନ୍ଧମାଳ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳିତ

**ଫୁଲବାଣୀ,୧୮।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ବାଇକ ରାଲି ଆରମ୍ଭ ହୋଇ ସମଗ୍ର ସହର ପରିକ୍ରମା ଯଥା ଜଗନ୍ନାଥ ମନ୍ଦିର, ମେଡ଼ିକାଲ ଛକ, ବଜାର,ବସଷ୍ଟାଣ୍ଡ ଦେଇ ଆରଟିଓ କାର୍ଯ୍ୟାଳୟରେ ପହଁଚିଥିଲେ।ଏହି ରାଲିରେ ସଡକ ସୁରକ୍ଷା ଜୀବନ ରକ୍ଷା,ଗାଡି ଚାଳନା ବେଳେ ଉଭୟ ହେଲମେଣ୍ଟ ପିନ୍ଧିବା ଆବଶ୍ୟକ,ସିଟ ବେଲ୍ଟ ପିନ୍ଧିବା, ଇନସୁରାନ୍ସ କରିବା,ଗାଡି ଫିଟନେସ କରିବା ସହ ସଡ଼କ ସୁରକ୍ଷା ନିୟମ ମାନନ୍ତୁ ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ, ହେଲମେଟ ବ୍ୟବହାର କରନ୍ତୁ,ସିଟବେଲ୍ଟ ବାନ୍ଧନ୍ତୁ, ଯାନବାହାନ ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବାକୁ ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଯୋଗ ଦେଇଥିବା ବେଳେ ସଂମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ହରିଶ ବିଶି ଯୋଗଦେଇ ପତାକା ଦେଖାଇ ବାଇକ ରାଲିକୁ ଶୁଭ ଉଦଘାଟନ କରିଥିଲେ। ଯେଉଁମାନେ ହେଲମେଟ ପିନ୍ଧିନଥିଲେ ସେହି ଗାଡିଚାଳଙ୍କୁ ହେଲମେଟ ଜିଲାପାଳ, ଏସପି ଓ ଆରଟିଓ ମଧ ପିନ୍ଧାଇ ସଦାସର୍ବଦା ହେଲମେଟ ପିନ୍ଧନ୍ତୁ ଜୀବନ ବଞ୍ଚାନ୍ତିର ସଚେତନତା ବାର୍ତ୍ତା ଦେଇଥିଲେ। ଏହି ସମୟରେ କନ୍ଧମାଳ ଆର ଟିଓ ମିଲି ସାହୁ,ଏମ ଭିଆଇ ପ୍ରଶାନୁ କୁମାର




ଦାସ,ସବ ଇନ୍ସପେକ୍ଟର ଶିବାନି ମାଝୀ, ଜୁନିଅର ଏମ ଭିଆଇ ବଟକୃଷ୍ଣ ବିଶ୍ୱାଳ ବାଇକ ରାଲି ଓ କାର୍ଯ୍ୟକ୍ରମକୁ ପୁର୍ନମାତ୍ରାରେ ସହଯୋଗ କରି ସଚେତନତା ବାର୍ତ୍ତା ଜନସାଧାରଣଙ୍କୁ ବାଣ୍ଟିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ପଙ୍କଜ ନାୟକ, ସିଲୁ ବୁଟିୟା, ରବିନାରାୟଣ ସାହୁ,ଶିଶିର ରାଉତଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ

## ନରଣପୁରରେ ହୋ ଆଦିବାସୀ ସମ୍ପ୍ରଦାୟ ଲୋକ ମହୋତ୍ସବ ଉଦଯାପିତ



**ନାଳଗିରି,୧୮।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ନକୁଳକର ହାଟ ପଡ଼ିଆରେ ଦୁଇ ଦିନ ଧରି ଚାଲିଥିବା ହୋ ଆଦିବାସୀ ସମ୍ପ୍ରଦାୟର ଲୋକ ମହୋତ୍ସବ ବଡ଼ ଧୁମଧାମ ସହକାରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳଗିରି ମାଟିର ସନ୍ତାନ ପ୍ରଶାସନିକ ଅଧିକାରୀ ସରୋଜ ସେଠୀ ଓ ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହୋ ଆଦିବାସୀ ରାଜ୍ୟ ସଭାପତି ବିଜୟ ବୋଦରା ଏବଂ ଲଗେନ ମୁଣ୍ଡୟା ପ୍ରମୁଖ ମଂଚାସୀନ ଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଆଦିବାସୀ ସମାଜର ସଂସ୍କୃତି, ପରମ୍ପରା ଏବଂ ଆଦିବାସୀ ଭାଇ ମାନଙ୍କ ଆମ ସମାଜ, ରାଜ୍ୟ, ଦେଶ ପାଇଁ ଅତୁଳନୀୟ ଅବଦାନ ପାଇଁ ଧନ୍ୟବାଦ ଦେଇଥିଲେ। ହୋ ଆଦିବାସୀ ସମାଜର ଭାଇ ମାନେ ତାଙ୍କ ସଂଘ ତରଫରୁ ସେମାନଙ୍କର ଅନେକ ସମସ୍ୟାର ସମାଧାନ ପାଇଁ ଅତିଥି ମାନଙ୍କ ପାଖରେ ଦାବି ରଖିଥିଲେ।

● ବରକନ୍ଧା ପ୍ରିମିୟର ଲିଗ୍

## ମୁଖ୍ୟ ଅତିଥି ଭାବେ ଯୋଗଦେଲେ ଚିତ୍ତରଞ୍ଜନ




**ମହାକାଳପଡ଼ା, ୧୮।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବରକନ୍ଧା ପ୍ରିମିୟର ଲିଗ୍‌ର ପଞ୍ଚମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଆଜି ନବମ ଦିନରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଙ୍ଗଠକ, ଓଡ଼ିଶା ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମହାକାଳପଡା ବ୍ଲକର ୬ ଟି ପଞ୍ଚାୟତର ୧୪୦ ଜଣ ଖେଳାଳୀଙ୍କୁ ନେଇ ଏହି ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ଅଞ୍ଚଳରେ ଯୁବକ ମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ତିଆରି କରିବା ସହ ସାମାଜିକ ଓ ଅନୁଷ୍ଠାନିକ କାର୍ଯ୍ୟ ପ୍ରତି ଉତ୍ସାହ ସୃଷ୍ଟି କରିବା ସହ କ୍ରୀଡ଼ାର ବିକାଶ କରିବା ସହ ଭବିଷ୍ୟତ ପିଢ଼ି କ୍ରୀଡ଼ାକୁ ନେଇ ଜୀବିକା ନିର୍ବାହ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ଅନ୍ୟମାନଙ୍କ ମଧରେ ମୁଖ୍ୟବକ୍ତା ଭାବେ ବାରଡାଙ୍ଗ ପଞ୍ଚାୟତର ସରପଞ୍ଚ ଅରବିନ୍ଦ ଜେନା, ସମ୍ମାନିତ ଅତିଥି ଭାବେ ରଞ୍ଜନ ରାଉତ, ଚନ୍ଦ୍ର ପ୍ରକାଶ ମୁଦୁଲି ପ୍ରମୁଖ ଯୋଗଦାନ କରିଥିଲେ।

### ରାଇଘର ପଞ୍ଚାୟତ ସମିତି ସାଧାରଣ ବୈଠକ

# ବାଲ୍ୟ ବିବାହ ନିରୋଧ ଉପରେ ଗୁରୁତ୍ୱ

**ରାଇଘର,୧୮।୧ (ସଂଚାର ବ୍ୟୁରୋ):** ରାଇଘର ବ୍ଲକ ସଦର ମହକୁମାର ବୈଠକ ଗୃହ ଠାରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝଙ୍କାର ଯୋଗ



ଦେଇଥିଲେ।ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଭାବେ ବାଲ୍ୟ ବିବାହ ନିରୋଧ କୁ ଗୁରୁତ୍ୱ ଦିଆଯାଇଥିଲା। ଅବୟସ୍କ ବିବାହ ରୋକିବା ପାଇଁ ଗ୍ରାମ ସ୍ତରରେ ସଚେତନତା, ସ୍କୁଲ୍, ଆଙ୍ଗନବାଡି, ସ୍ୱୟଂସାହାୟକ ଗୋଷ୍ଠୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବାଲ୍ୟ ବିବାହ ଘଟଣା ଘଟିଲେ ତତ୍କାଳ ଜଣାଇବା ଓ କଠୋର କାନୁନିକ ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ଅନ୍ୟ ସମ୍ମାନୀୟ ଅତିଥିମାନଙ୍କ ମଧରେ ବ୍ଲକ ଉପାଧକ୍ଷା, ସମସ୍ତ ସମିତି ସଭ୍ୟ/ସଭ୍ୟା, ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ସହ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ତହସିଲଦାର, ସ୍ୱାସ୍ଥ୍ୟ, ଶିକ୍ଷା, ପଶୁଚିକିତ୍ସା, କୃଷି, ଉଦ୍ୟାନ, ଜଳସେଚନ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ବନ ବିଭାଗ, ଆଇସିଡିଏସ୍, ଯୋଗାଣ, ମତ୍ସ୍ୟ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।ଜିପିଓ ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ କରି ସଭାକାର୍ଯ୍ୟକୁ ଆଗେଇ ନେଇଥିଲେ। ବୈଠକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶିକ୍ଷା ଅଧିକାର ଆଇନ, ଖାଦ୍ୟ ଓ ଯୋଗାଣ, କୃଷି, ଉଦ୍ୟାନ ଓ ଜଳ ବିଭାଜିକା ସହ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପ୍ରାଞ୍ଜଳ ଆଲୋଚନା କରାଯାଇଥିଲା। ଶେଷରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ସମ୍ପୃକ୍ତ ଅଧିକାରୀ, ସରପଞ୍ଚ ଓ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ବାଲ୍ୟ ବିବାହ ରୋକିବାକୁ କୌଣସି ପ୍ରକାର ଅବହେଳା କିମ୍ବା ବିଳମ୍ବ ପ୍ରମାଣିତ ହେଲେ ସମ୍ପୃକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ।

## ରାଜନଗର ପଞ୍ଚାୟତ କୃଷକ ମଞ୍ଚ ବୈଠକ



**ରାଜନଗର, ୧୮।୧ (ସଂଚାର ବ୍ୟୁରୋ):** ରାଜନଗରବ୍ଲକ ସଦର ମହକୁମା ରାଜନଗର ଗ୍ରାମ ପଞ୍ଚାୟତ ସଭାଗୃହ ପରିସରରେ ରାଜନଗର ପଂଚାୟତ କୃଷକ ମଂଚ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଚାଷୀ ହରେକୃଷ୍ଣ ମିଶ୍ର ଙ୍କ ପୌରହିତରେ ଅନୁଷ୍ଠିତ ବୈଠକରେ ପଂଚାୟତ ଚାଷୀ ଭାଇ ମାନେ ଯୋଗଦେଇ ଚାଷ ସମୟରେ ସେମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଚାଷୀ ମାନଙ୍କ ମୁଖ୍ୟ ସମସ୍ୟା ଗୁଡିକ ହେଲା ଷଣ୍ଢ ମାନଙ୍କ ପଦ୍ଦୁଭାବ,ପଂଚାୟତରେ ଥିବା ବିଭିନ୍ନ କେନାଲର ପୁନରୁଦ୍ଧାର, ଚାଷୀ ମାନଙ୍କ ଜଳସେଚନ ସୁବିଧା, ସରକାରଙ୍କ ପକ୍ଷରୁ ରିହାତି ଦରରେ ସାର,ବିହନ, ଔଷଧ ଯୋଗାଣ ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ । ତୁରନ୍ତ ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ବରିଷ୍ଠ ଚାଷୀ ଅରକ୍ଷିତ ପ୍ରଧାନ, ପିତାମ୍ବର ଲେଙ୍କା, କିଶୋର ରାଉତରାୟ, ପରମେଶ୍ୱର ପ୍ରଧାନ, ନିରଂଜନ ଦାସ,ନିରଂଜନ ପରିଡା,ବିଜୟ ସେଠୀ, ଉମେଶ ଦାସ,ବାସୁଦେବ ସାହୁ,ବୁଦ୍ଧି ରାମ ସେଠୀ, ବିଷ୍ଣୁ ସାହୁ,ଗଙ୍ଗାଧର ନାୟକ, ନରେଶ ନାୟକ, ଅଲେଖ ସାହୁ,ନୃସିଂହ ଚରଣ ସାହୁ ପ୍ରଭୃତି ଚାଷୀ ଯୋଗ ଦେଇଥିଲେ ।

## ହଂସୁଆ ନଦୀକୁ ଡେଇଁଲେ ବୃଦ୍ଧ, ଉଦ୍ଧାର କଲେ ମତ୍ସ୍ୟଜୀବୀ

**ରାଜନଗର,୧୮।୧ (ସଂଚାର ବ୍ୟୁରୋ):** ରାଜନଗରରେ ପ୍ରବାହିତ ହଂସୁଆ ନଦୀ ଉପରୁ ନଦୀ ମଧକୁ ଡେଇଁ ପଡିଥିଲେ। ଆଜି ଦିନ ପ୍ରାୟ ୯ ଘଟିକା ସମୟରେ ହଠାତ ରାଜନଗର ଥାନା ଅନ୍ତର୍ଗତ ଟାଙ୍ଗଣତୈଳା ଗାଁର ଦର୍ପ ନାରାୟଣ ରାଉତ ( ୬୦ ବର୍ଷ ) ସେତୁ ଉପରୁ ନଦୀ ମଧକୁ ଡେଇଁ ପଡିଥିଲେ। ସେତୁ ଉପରେ ଯାଆସ କରୁଥିବା ଲୋକେ ଏହା ଦେଖି ଚିତ୍କାର କରିଥିଲେ। ନିକଟରେ ମାଛ ମାରୁଥିବା ମତ୍ସ୍ୟଜୀବୀମାନେ ଡଙ୍ଗା ସାହାଯ୍ୟରେ ନଦୀ ମଧରୁ ଦର୍ପଙ୍କୁ ଉଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପୋଲିସକୁ ସ୍ଥାନୀୟ ଲୋକେ ଦର୍ପଙ୍କୁ ଜିମା ଦେଇଥିଲେ। ପରିବାର ଲୋକଙ୍କୁ ପୋଲିସ ଦର୍ପଙ୍କୁ ଜିମା ଦେଇଛି। ପାରିବାରିକ କଳହରୁ ଦର୍ପ ନଦୀକୁ ଡେଇଁଥିବା କୁହାଯାଉଛି।

## ରସାବଳୀ କାରିଗର ସୌରୀ ସାହୁଙ୍କ ପରଲୋକ



**କେନ୍ଦ୍ରାପଡା,୧୮।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଜଣାଶୁଣା ରସାବଳୀ କାରିଗର ତଥା ଇଚ୍ଛାପୁର ଗ୍ରାମର ସୌରୀ ସାହୁଙ୍କର ପରଲୋକ ହୋଇଯାଇଛି । ସ୍ୱର୍ଗତ ସାହୁ ଦୀର୍ଘବର୍ଷ ହେଲା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଭୋଗ ଅମଣିଆ ଦୋକାନ ନିଲାମ ନେଇ ଶ୍ରୀ ଜୀଉଙ୍କୁ ନିତିଆନି ରସାବଳି ଭୋଗ ଯୋଗାଇବା ସହିତ ଭକ୍ତମାନଙ୍କୁ ଭୋଗ ଦେଉଥିଲେ । ତାଙ୍କ ପରଲୋକର ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦୁଃଖ ପ୍ରକାଶ କରିଥିବା ବେଳେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି ।

## ଆଳି କନିକା ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ

**ଆଳି/ପଟ୍ଟାମୁଣ୍ଡାଇ, ୧୮।୧ (ସଂଚାର ବ୍ୟୁରୋ):** କଟକ ଓ଼ ଭୁବନେଶ୍ୱରରେ ରହି ନିଜ ଅଞ୍ଚଳର ସାମୁହିକ ବିକାଶରେ ବ୍ରତୀ ରହୁଥିବା ଅନନ୍ୟ ସାମାଜିକ ସଂଗଠନ ଆଳି କନିକା ଉନ୍ନୟନ ପରିଷଦର ଆଜି ଅଷ୍ଟମ ବାର୍ଷିକ ଉତ୍ସବ ସହ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । କଟକର ନରାଜଠାରେ ଆଜି ପୂର୍ବାହ୍ନ ୧୧ ଟାରେ ଆୟୋଜିତ ହୋଇଥିବା ଉତ୍ସବରେ କଟକର ମେୟର ସୁବାସ ସିଂ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ୮ ନମ୍ବର କର୍ପୋରେଟର ନମିତା ବାରିକ ,୩ ନମ୍ବର କର୍ପୋରେଟର ପ୍ରଦୀପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ପ୍ୟାରୀ ମୋହନ ସ୍ୱାଇଁ,ସାମ୍ବାଦିକ ସୁକାନ୍ତ ଦାଶ,ଅଲେଖ ନାଥ ଶର୍ମା ପ୍ରମୁଖ ପରିଷଦର କ୍ରମ ବର୍ଦ୍ଧମାନ ସାମାଜିକ ଉତ୍ତର ଦାୟିତ୍ୱର ଭୁୟସୀ ପ୍ରଶଂସା କରି ବକ୍ତବ୍ୟ ରଖିଥିଲେ । ସାମ୍ପ୍ରତିକ ସମୟରେ ସୃଷ୍ଟି ହେଉଥିବା ସାମାଜିକ ଆବଶ୍ୟକତାର ଦାୟିତ୍ୱ ବୋଧରେ ସମର୍ପିତ ହୋଇ କ୍ରମାଗତ ଭାବରେ ଅଷ୍ଟମ ବର୍ଷରେ ଉତ୍ସର୍ଗୀକୃତ ସେବା ଯୋଗାଇ ଚାଲୁଥିବା ପରିଷଦର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଜମି ଯୋଗାଣ,ଆଗାମୀ ଦୁଇ ବର୍ଷ ମଧରେ ସଦସ୍ୟ ସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ଓ଼ ରୋଜଗାର ପାଇଁ ଆଳି ଓ଼ ରାଜକନିକା ବ୍ଲକର ଜନଗଣଙ୍କ ମଧରେ ଉତ୍ସାହ ଭରି ପରିଷଦର କାର୍ଯ୍ୟଖସଡା ବେଶ ଉଦାହରଣୀୟ ଥିବାରୁ ମେୟର ଏହାର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ ।



# ହଳଦୀ ଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରାଇଘର,୧୮।୧ (ସଂଚାର ବ୍ୟୁରୋ):** ରାଇଘର ବ୍ଲକ ହଳଦୀ ପଞ୍ଚାୟତ ସଦର ସ୍ଥିତ ଖେଳ ପଡିଆରେ କହଁ ଲ ସିଂ ଅଣ୍ଟି ଅଷ୍ଟମ ତମ ସ୍ମାରକୀ ଟି୧୦ କ୍ରିକେଟ ପ୍ରତିଯୋଗିତା ମାଁ ମହେନ୍ ପୁରେନ ଯୁବକ ସଂଘ ଆନୁକୁଲ୍ୟରେ ଆୟୋଜିତ ହୋଇଥିଲା। ଉଦଘାଟନ ମ୍ୟାଚରେ ନାକଟି ସିମଡା ଓ ପାତ୍ରିମାଲ ମଧରେ ହୋଇଥିଲା। ପାତ୍ରୀମାଳ ଟିମ ଟସ୍ ଜିତି ବୋଲିଙ୍ଗ କରିଥିଲା ଏବଂ ନାକଟି ସିମଡ଼ା ନିର୍ଦ୍ଧାରିତ ଆଠ ଏଭରରେ ୩ ୱିକେଟ ହରାଇ ୧୨୯ରନ୍ କରି ପାତ୍ରୀମାଲକୁ ୮ ଓଭରରେ ୧୩୦ ଟାର୍ଗେଟ ରଖିଥିଲା, ପତ୍ରିମାଲ ଟିମ୍ ୮ ଓଭର ରେ ମାତ୍ର ୭୭ରନ୍ କରିଥିଲା ଏବଂ ନାକଟି ସିମଡ଼ା ୫୩ରନରେ ବିଜୟ ହାସଲ କରିଥିଲେ, ରହି ଉଦଘାଟନ ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ରାଇଘର ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ଗୁପ୍ତ ପ୍ରସାଦ ଝଙ୍କାର, ସନମାନିତ ଅତିଥି ଉପେନ୍ଦ୍ର ଗଣ୍ଡ, ପୂର୍ବତନ ଏସ୍‌ଡିସି ଅଧକ୍ଷ ଶ୍ରୀଯୁକ୍ତ ଉପେନ୍ଦ୍ର ଗଣ୍ଡ, ହଳଦୀ ସରପଞ୍ଚ ଶ୍ରୀମତୀ ଅମ୍ବିକା ଗଣ୍ଡ, ହଳଦୀ ସମିତି ସଭ୍ୟା କୁମାରୀ ସସ୍ମିତା ମାଝୀ, ସମିତି ସଭ୍ୟ ଶ୍ରୀ କୁଆଁର ଗଣ୍ଡ, ଗୋନା ସମିତି ସଭ୍ୟ ଶ୍ରୀ ରାମନାଥ କେଉଟ କୁମୁଲି ପ୍ରମୁଖ ଯୋଗଦେଇଥିଲେ।